

ଆସିବ
ମୁନ୍ନା ଭାଇ ୩
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-123 ◆THURSDAY ◆30 OCTOBER 2025 ◆PAGE-12 ◆₹ 6.00
PANIKOILI
◆ବର୍ଷ-୪୩ ◆ସଂଖ୍ୟା-୧୨୩ ◆ଗୁରୁବାର ◆୩୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ୨୦ ଦିନ ତଳେ ହୋଇଥିଲା ଯୁଦ୍ଧବିରତି ଚୁକ୍ତି

## ଗାଜାରେ ପୁଣି ଇସ୍ରାଏଲର ଆକ୍ରମଣ; ୧୦୪ ମୃତ



■ **ତେଲ ଅଭିଭ୍, ୨୯ ।୧୦(ଏଜେନ୍ସି):** ଗାଜାରେ ଅସ୍ତ୍ରବିରତି ଲାଗୁ ହେବା ପରେ ଇସ୍ରାଏଲ ପୁଣିଥରେ ଏକ ବଡ଼ଧରଣର ଆକ୍ରମଣ କରିଛି । ମଙ୍ଗଳବାର ଇସ୍ରାଏଲ ବାୟୁସେନାର ଆକ୍ରମଣରେ ଅତିକମ୍‌ରେ ୧୦୪ ଜଣ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ୪୬ ଜଣ ପିଲା ସାମିଲ ଅଛନ୍ତି ବୋଲି ପାଲେଷ୍ଟାଇନ୍ ସିଭିଲ ଡିଫେନ୍ସ ତରଫରୁ କୁହାଯାଇଛି । ତେବେ ହମାସ ପ୍ରଥମେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ଓ ଗାଜାରେ ନିୟୋଜିତ ଇସ୍ରାଏଲ ସୈନିକଙ୍କ ଉପରେ ପ୍ରଥମେ ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ ତରଫରୁ ଅଭିଯୋଗ କରାଯାଇଛି । ତେବେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଆମେ ଅସ୍ତ୍ରବିରତି ପାଳନ କରୁଛୁ ବୋଲି ହମାସ ତରଫରୁ କୁହାଯାଇଛି ।

ଗାଜା ସିଟି, ଖାନ୍ ୟୁନୁସ, ବେଇତ ଲାହିଆ ଓ ଅଲ ବୁରେଜି ସ୍ଥିତ ଘନ ଜନବସତି ଅଞ୍ଚଳ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା । ▶ପୃଷ୍ଠା-୭

### ବ୍ରାଜିଲରେ ଡ୍ରଗ୍ସ ମାଫିଆଙ୍କ ଉପରେ ହେଲିକପ୍ଟରରୁ ଆକ୍ରମଣ

## ୪ ପୁଲିସ କର୍ମଚାରୀ ସମେତ ୬୪ ମୃତ, ୮୦ ଗିରଫ



■ **ରିଓ ହି ଜେନେରିଓ, ୨୯ ।୧୦ (ଏଜେନ୍ସି):** ବ୍ରାଜିଲରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଆରମ୍ଭ ହୋଇଛି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ । ଡ୍ରଗ୍ସ ମାଫିଆ ଏବଂ ଅସ୍ତ୍ର ଚାଲାଣ ରାକେଟ ଚଳାଉଥିବା ଗୋଷ୍ଠୀକୁ ମୂଳପୋଛ କରିବା ଲକ୍ଷ୍ୟରେ ପୁଲିସ ହେଲିକପଟର ଓ ଡ୍ରୋନ ସହାୟତାରେ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଚଳାଇଛି । ଏହି କାର୍ଯ୍ୟାନୁଷ୍ଠାନରେ ୬୪ ଜଣ ପ୍ରାଣ ହରାଇଥିବା ବେଳେ ୮୦ ଜଣଙ୍କୁ ଗିରଫ କରାଯାଇଛି । କୁଖ୍ୟାତ ଡ୍ରଗ୍ସ ସଂଗଠନ 'ରେଡ କମାଣ୍ଡ' ବିରୋଧରେ ଏପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ବୋଲି ସରକାରୀ ଭାବେ କୁହାଯାଇଛି ।

ଗତକାଲି ସକାଳେ ରାଜଧାନୀ ରିଓ ଡି ଜାନେଇରୋରେ ୨୫୦୦ ପୁଲିସ୍ କର୍ମଚାରୀ ହେଲିକପ୍ଟର ସହାୟତାରେ ଡ୍ରଗ୍ସ ମାଫିଆ ଓ ଅପରାଧୀଙ୍କ ଅଞ୍ଚଳରେ ଚଢ଼ାଉ କରିଥିଲା । ପୁଲିସ ଟିମ୍ ଆଗକୁ ବଢ଼ୁଥିବା ବେଳେ ଆକାଶମାର୍ଗରୁ ସେମାନଙ୍କୁ ସୁରକ୍ଷାର ଦେଉଥିଲା ▶ପୃଷ୍ଠା-୭

### ଇ-କେୱାଇସି କରି ନ ଥିବାରୁ ମିଳିଲାନି ଚାଉଳ

## ଅନାହାରରେ ଆଖି ବୁଜିଲେ ବୃଦ୍ଧ !

■ **ଭୁବନେଶ୍ୱର, ୨୯।୧୦ (ସମିସ):** ନବୀନ ପଟ୍ଟନାୟକ ସରକାର ସମୟରେ ଓଡ଼ିଶା ରାଜ୍ୟର ଚାଉଳ ଆବଶ୍ୟକତା ପୂରଣ କରି ଅନ୍ୟ ରାଜ୍ୟକୁ ଚାଉଳ ଯୋଗାଇବାକୁ ସକ୍ଷମ ହୋଇଥିଲା । ଗରିବଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ନିମନ୍ତେ ପ୍ରଣୟନ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ସମଗ୍ର ବିଶ୍ୱରେ ସୁନାମ ଅର୍ଜନ କରିଥିଲା । ଏଥିପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଆନ୍ତର୍ଜାତୀୟସ୍ତରରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେତେବେଳେ ଚାଉଳ ଉତ୍ପାଦନରେ ଆରମ୍ଭ ହୋଇଥିବା ଧାରା ଏବେ ବି ଅବ୍ୟାହତ ରହିଛି । ରାଜ୍ୟରେ ବିପୁଳ ପରିମାଣର ଧାନ ଉତ୍ପାଦିତ ହେଉଛି, ସରକାରଙ୍କ ଗୋଦାମରେ ଲକ୍ଷଲକ୍ଷ ଟନ୍ ଚାଉଳ ଗଚ୍ଛିତ ରହିଛି । ମାତ୍ର ଇ-କେୱାଇସି ଅପଡ଼େଟ୍ କରି ନ ଥିବା ଯୋଗୁଁ ରାଜ୍ୟର ଲକ୍ଷଲକ୍ଷ ଗରିବ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଛନ୍ତି । ଏହି କ୍ରମରେ ଇ-କେୱାଇସି ନ କରିବା ଯୋଗୁଁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ରାସୋଳ ପଞ୍ଚାୟତର ରିସା ମାଙ୍କଡ଼ିଆ ନାମକ ଜଣେ ବୃଦ୍ଧ ଅନାହାରରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । କୁହାଯାଉଛି ଯେ ବୟସାଧିକ୍ୟ ଯୋଗୁଁ ସରକାରଙ୍କ ନିୟମ ଅନୁସାରେ ବୃଦ୍ଧ ଜଣକ ଜନସେବା କେନ୍ଦ୍ର ଯାଇ ଇ-କେୱାଇସି କରି ପାରିଲେ ନାହିଁ । ବ୍ୟବସ୍ଥା ଅନୁସାରେ ପ୍ରଶାସନ ପକ୍ଷରୁ କେହି ଯାଇ ତାଙ୍କର ଇ-କେୱାଇସି କଲେ ନାହିଁ । ଫଳରେ ସରକାରଙ୍କ ପକ୍ଷରୁ ତାଙ୍କୁ ମିଳୁଥିବା ଚାଉଳ ବନ୍ଦ ହୋଇଗଲା । ଯାହା ଫଳରେ ସେ ଖାଦ୍ୟାଭାବରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି ।



ଫାଇଲ୍ ଫଟୋ

ଅନ୍ତ୍ୟୋଦୟ କାର୍ଡର୍ (୧୩୧୦୨୧୧୫୯୯)ରେ ରିସା ପୂର୍ବରୁ ଚାଉଳ ପାଉଥିଲେ; କିନ୍ତୁ ଗତ ଜୁନ ମାସ ପରଠାରୁ ତାଙ୍କୁ କୌଣସି ଚାଉଳ ମିଳିନଥିଲା । ସେ ବାରମ୍ବାର ଡିଲରଙ୍କ ପାଖକୁ ଯାଉଥିଲେ ମଧ୍ୟ ତାଙ୍କର ଇ-କେୱାଇସି ହୋଇନଥିବାରୁ ତାଙ୍କ ପାଇଁ ଚାଉଳ ଆସୁ ନ ଥିବା ଉତ୍ତର ମିଳିଥିଲା । ନିଜର ବୟସାଧିକ ଯୋଗୁଁ ସେ କୌଣସି କାମ କରିପାରୁନଥିଲେ । ନିଜ ଘରେ ଭୋକ ଉପାସରେ ପଡ଼ି ରହିଥିଲେ । ପଡ଼ୋଶୀମାନେ ବେଳେ ବେଳେ କିଛି ଖାଇବାକୁ ଦେଉଥିଲେ । ଏଭଳି ଅବସ୍ଥାରେ ତାଙ୍କର ଗତ ୨୨ ତାରିଖ ଦିନ ▶ପୃଷ୍ଠା-୭



## ଦୁଷ୍କର୍ମ ପରେ ଜାଳିଦେଲେ

### ଚାଷ ଜମିରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

■ **ବଲାଙ୍ଗିର/ଦେଓଗାଁ, ୨୯ ।୧୦ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥାରେ ଅରାଜକତା ସୃଷ୍ଟି ହୋଇଥିବାବେଳେ ଆଇନଶୃଙ୍ଖଳା ଭୁଷୁଡ଼ି ପଡ଼ିଛି । ମହିଳାମାନେ ସବୁଠାରୁ ଆତଙ୍କିତ ଅବସ୍ଥାରେ ଗତି କରୁଛନ୍ତି । ଶାସକ ବିଜେପି ରାଜ୍ୟରେ ମହିଳାଙ୍କୁ 'ସୁଭଦ୍ରା' ସମ୍ବୋଧନ କରି ମାନ ସମ୍ମାନ ଦେବା କଥା କହୁଥିବାବେଳେ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ଓ ହତ୍ୟା ଘଟଣା ସାମ୍ନାକୁ ଆସୁଛି । ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ପୁଣି ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ନିଆଁରେ ପୋଡ଼ି ହତ୍ୟା କରାଯିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସେହି ଅଞ୍ଚଳର ଗଏଲପିଟା ନିକଟସ୍ଥ କପା ଓ ଧାନ କିଆରୀ ମଝିରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ମିଳିବା ଦେଓଗାଁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି । ଖବର ପାଇ ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜକୁ ପଠାଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।

ବୁଧବାର ସକାଳେ ସ୍ଥାନୀୟ କିଛି ଯୁବକ ଛେଳି ଚରାଇବାକୁ ଯାଇଥିବା ବେଳେ ଜମିରେ ମହିଳାଙ୍କ ଶବ ପଡିଥିବା ଦେଖିଥିଲେ । ଗାଁଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ । ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ । ସାଇଣ୍ଟିଫିକ ଟିମ୍‌କୁ ଖବର ଦେବାପରେ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରାଯାଇଛି । ମହିଳାଙ୍କୁ ପ୍ରଥମେ ଦୁଷ୍କର୍ମ ଓ ପରେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ▶ପୃଷ୍ଠା-୭

### କୁଣ୍ଡା ବୋଝେଇ ଟ୍ରକ୍‌କୁ ପିଟିଲା ବସ୍

## ଡ୍ରାଇଭର, ହେଲ୍‌ପର ମୃତ, ୯ ଗୁରୁତର



■ **ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୯।୧୦ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସ୍‌ଟି ରାସ୍ତାରେ ଛିଡ଼ା ହୋଇଥିବା କୁଣ୍ଡା ବୋଝେଇ ଟ୍ରକ୍‌କୁ ଧକ୍କା ଦେବାରୁ ବସ୍ ଚାଳକ ଓ ହେଲପରଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ମୃତକ ଦ୍ୱୟ ହେଲେ ବସ୍ ଚାଳକ କଟକ ଜିଲ୍ଲା ▶ପୃଷ୍ଠା-୭

## ଅବପାତ ରୂପ ନେଲା 'ମୋନ୍ଥା'

### ୨ରୁ ପହିଲି ଶୀତ

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଗଭୀର ଅବପାତରେ ପରିଣତ ହୋଇ କ୍ରମଶଃ ଦୁର୍ବଳ ହେଉଛି ବାତ୍ୟା 'ମୋନ୍ଥା' । ସମୁଦ୍ର ଉପକୂଳରେ ଏହା ଦୂରେଇ ଯାଉଥିବାରୁ ଗୁରୁବାର ସକାଳ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଫଳରେ ଗୁରୁବାରଠାରୁ ରାଜ୍ୟରେ ପାଗ ଫିଟିବା ସହ କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଖରାଟିଆ ପାଗ ରହିବାର ଅନୁମାନ କରାଯାଉଛି । ଅନ୍ୟପଟେ ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତିରେ ତା'ର ନିର୍ଦ୍ଧାରିତ ପଥ ପରିବର୍ତ୍ତନ କରିଥିବାରୁ ଓଡ଼ିଶା ଉପରୁ ଅପେକ୍ଷାକୃତ ବିପଦ ଟଳିଯାଇଛି । କେବଳ ଦକ୍ଷିଣ ଓଡ଼ିଶାର କିଛି ଅଂଶକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ଭାଗରେ ▶ପୃଷ୍ଠା-୭

**୬ ଡିଗ୍ରୀ କମିବ ତାପମାତ୍ରା**

### ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ

**୭୨ ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୯।୧୦ (ସମିସ):** ରାଜ୍ୟବାସୀ ବାତ୍ୟା 'ମୋନ୍ଥା'କୁ ନେଇ ଚିନ୍ତିତ ଥିଲାବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ । ଶେଷ ମୁହୂର୍ତ୍ତରେ ବାତ୍ୟା ଦିଗ ବଦଳାଇବାରୁ ଓଡ଼ିଶା ଉପରେ ପ୍ରଭାବ କମ୍ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବୁଧବାର ମନ୍ତ୍ରୀ ଶ୍ରୀ ପୂଜାରୀ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏସ୍‌ଆରସି ଡିକେ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିବା ପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଗୁରୁବାରଠାରୁ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ୭୨ ଘଣ୍ଟା ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି । ଅଧିକ ସରକାରୀ କର୍ମଚାରୀ ଆବଶ୍ୟକ ହେଲେ ଅନ୍ୟ ଜିଲ୍ଲାରୁ କର୍ମଚାରୀଙ୍କୁ ଅଣାଯିବ । ବହୁଜାଗାରେ ଘର କାନ୍ଥ ପଡିଛି । ସେମାନଙ୍କୁ ପଲିଥିନ ଦିଆଯାଇଛି । ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ । ଆକଳନ ବେଳେ ବ୍ୟାଙ୍କ ଖାତା, ଆକାଉଣ୍ଟ ନମ୍ବର ▶ପୃଷ୍ଠା-୭

### ନୂଆପଡ଼ା ଉପନିର୍ବାଚନ

## ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ



**୩ରେ କୋମନାରେ ସାଧାରଣ ସଭା**

**୭ରେ ଖରିଆର ରୋଡ଼ରୁ ନୂଆପଡ଼ା ଯାଏ ରୋଡ୍ ଶୋ'**

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଉପନିର୍ବାଚନ ପାଇଁ ନୂଆପଡ଼ାରେ ପ୍ରଚାର ସରଗରମ ହୋଇଛି । ତିନି ଦଳ ନିର୍ବାଚନ ପାଇଁ ଘମାଘୋଟ ପ୍ରଚାର ଚଳାଇଥିବାବେଳେ ବିଜେଡି ନିଜର ସ୍ଥିତି ଦିନକୁ ଦିନ ସୁଦୃଢ଼ କରିବାରେ ଲାଗିଛି । ଏହି କ୍ରମରେ ଆସନ୍ତା ୩ ତାରିଖରେ ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନବୀନ ୩ ତାରିଖରେ କୋମନାରେ ପ୍ରଚାର କରିବେ ବୋଲି ସୂଚନା ମିଳିଛି ।

ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନବୀନ ଆସନ୍ତା ୩ ତାରିଖରେ ନୂଆପଡା ଯିବେ । ସେହିପରି ୭ ତାରିଖରେ ▶ପୃଷ୍ଠା-୭

### ଏଲ୍‌ଆଇସିରୁ ପ୍ରତ୍ୟାହାର ହେବ ସରକାରୀ ଅଂଶଧନ

## ବିକ୍ରି ହେବ ୬.୫% ସେୟାର

■ **ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** କେନ୍ଦ୍ର ସରକାର ପୁଣି ଥରେ ଦେଶର ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ଯାଉଛନ୍ତି । ଏହି କ୍ରମରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ରୁ ଅଂଶଧନ ପ୍ରତ୍ୟାହାର ହେବ । ଏବେ ସରକାର ଦେଶର ଏହି ବୃହତ୍ ରାଷ୍ଟ୍ରାୟତ୍ତ ଜୀବନ ବୀମା କମ୍ପାନୀରେ ଥିବା ୬.୫% ଅଂଶଧନ ବିକ୍ରି କରିବାକୁ ଯାଉଛନ୍ତି, ଯାହାର ମୂଲ୍ୟ ୧ ରୁ ୧.୫ ବିଲିୟନ ଡଲାର (ପ୍ରାୟ ୮୮୦୦ ରୁ ୧୩,୨୦୦ କୋଟି ଟଙ୍କା) ହେବ ।

ସୂଚନାଯୋଗ୍ୟ ଯେ, ୨୦୨୨ ମେ' ମାସରେ ସରକାର ଏକ ଆଇପିଓ ମାଧ୍ୟମରେ ଏଲ୍‌ଆଇସିର ୩.୫% ଅଂଶଧନ ବିକ୍ରି କରିଥିଲେ । ସେବି ନିୟମ ଅନୁଯାୟୀ, ୨୦୨୭ ମେ' ୧୬ ସୁଦ୍ଧା ସରକାର ଦେଶର ଏହି ସର୍ବବୃହତ ବୀମା କମ୍ପାନୀରୁ ପର୍ଯ୍ୟାୟକ୍ରମେ ୬.୫% ଅଂଶଧନ ବିକ୍ରି କରିବେ । ଏହାର ମୂଲ୍ୟ ୪.୨ ବିଲିୟନ ଡଲାର କିମ୍ବା ପ୍ରାୟ ୩୭,୦୦୦୦ କୋଟି ଟଙ୍କା ହୋଇପାରେ । ବର୍ତ୍ତମାନ, ସରକାରଙ୍କର ଏଲ୍‌ଆଇସିରେ ୯୬.୫% ଅଂଶଧନ ରହିଛି । ପ୍ରଥମ ପର୍ଯ୍ୟାୟ ପୁଞ୍ଜି ପ୍ରତ୍ୟାହାର ଚଳିତ ତ୍ରୈମାସିକ ଶେଷ ହେବା ପୂର୍ବରୁ ହୋଇଯିବ । କେନ୍ଦ୍ର ସରକାରଙ୍କ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ପରବର୍ତ୍ତୀ ଅଂଶଧନ ବିକ୍ରିର ସଠିକ ସମୟସୀମା ଏବଂ ପରିମାଣ ଚୂଡ଼ାନ୍ତ କରିବା ▶ପୃଷ୍ଠା-୭

LIC

**୨୦୨୨ରେ ବିକିଥିଲେ ୩.୫% ଅଂଶଧନ**

## ଗାଣ୍ଠିଆରେ ଧନ; ଖର୍ଚ୍ଚରେ ନାହିଁ ମନ

### ପୂର୍ଣ୍ଣାଙ୍ଗ ବଜେଟ ଖର୍ଚ୍ଚ ନିରୁତ୍ସାହଜନକ ■ ବିଭାଗକୁ ଚିନ୍ତା ଅର୍ଥ ବିଭାଗ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଆସନ୍ତା ଶୀତ ଅଧିବେଶନରେ ଅତିରିକ୍ତ ବଜେଟ୍ ପାଇଁ ସରକାରୀସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି । ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ସବୁ ବିଭାଗକୁ ଚିଠି ଲେଖି ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ଆହ୍ୱାନ କରିଛି । ମାତ୍ର ବଜେଟ ବ୍ୟୟରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ବିଭାଗଗୁଡ଼ିକ ପାଇଁ ଅର୍ଥ ବିଭାଗର ନିର୍ଦ୍ଦେଶନାମା ଚିନ୍ତା ବଢ଼ାଇଛି । ସେପ୍ଟେମ୍ବର ମାସ ସୁଦ୍ଧା ଅନ୍ୟୂନ ବଜେଟ୍ ବରାଦର ୪୦% ଅର୍ଥ ଖର୍ଚ୍ଚ କରି ନ ଥିଲେ ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ ବୋଲି ଅର୍ଥ ବିଭାଗ ରୋକଠୋକ୍ ଶୁଣାଇଦେଇଛି । ଏପରିସ୍ଥଳେ ଅତିରିକ୍ତ ବଜେଟରେ କିପରି ପ୍ରସ୍ତାବ ଦିଆଯିବ ସେନେଇ କିଛି ବିଭାଗ ଚିନ୍ତାରେ ଥିବାବେଳେ ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ମଧ୍ୟ ସରକାର ବାଟ ଖୋଜୁଛନ୍ତି ।

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିଥିଲେ । ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି । ଅର୍ଥାତ୍ ରାଜ୍ୟ ସରକାରଙ୍କର ୪୪ଟି ବିଭାଗ ଗତ ଅଗଷ୍ଟ ଶେଷ ସୁଦ୍ଧା ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି । ସେହିପରି ଏକାଧିକ ବିଭାଗ ଆଜିସୁଦ୍ଧା ୨୫ ପ୍ରତିଶତ ଆବଣ୍ଟିତ ଖର୍ଚ୍ଚ କରିପାରିନଥିବା ବେଳେ ଏହା ପରୋକ୍ଷରେ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

ଅର୍ଥ ବିଭାଗର ସର୍ତ୍ତ ପରେ ଅନେକ ବିଭାଗ ଅତିରିକ୍ତ ବଜେଟ ପାଇଁ ପ୍ରସ୍ତାବ ପ୍ରେରଣ ପାଇଁ ଯେ ଯୋଗ୍ୟ ବିବେଚିତ ହେବେ ନାହିଁ, ସେନେଇ ଆଶଙ୍କା ପ୍ରକାଶ ପାଇଲାଣି । ଅପରପକ୍ଷେ ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି । ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ▶ପୃଷ୍ଠା-୭



**୬ ମାସରେ ୪୦% ଖର୍ଚ୍ଚ ହୋଇ ନ ଥିଲେ ମିଳିବନି ଅତିରିକ୍ତ ବଜେଟ**

# ପକ୍ଷୀମାଡ଼ ପରେ ଇଣ୍ଡିଗୋ ବିମାନର ଜରୁରୀଅବତରଣ

ଡେରାଡୁନ୍, ୨୯ ।୧୦(ଏଜେନ୍ସି): ଡେରାଡୁନ୍‌ରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋ ଏୟାର ଲାଇନ୍ସର ବିମାନକୁ ପ୍ରତ୍ୟାବର୍ତ୍ତନ କରିବା ସହ ପୁଣି ଥରେ ଡେରାଡୁନ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ବିମାନ ୫୩ ମିନିଟ୍ ପର୍ଯ୍ୟନ୍ତ ଉପରେ ଥିଲା । ବିମାନରେ ଥିବା ୧୭୦ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ । ବିମାନ ସହ ପକ୍ଷୀ ମାଡ଼ ହେବା



କାରଣରୁ ଏଭଳି ସ୍ଥିତି ଉପୁଜିଥିଲା ବୋଲି କୁହାଯାଇଛି । ଇଣ୍ଡିଗୋ ଫ୍ଲାଇଟ୍ ଆଇଜିଓ-୬ ୧୩୬ (ଏ୩୨୦ ଏୟାରବସ) ସନ୍ଧ୍ୟା ୬.୩୦ରେ ଜାଲି ଗ୍ରାଣ୍ଟ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା । ଟେକ୍ ଅଫ୍ କରିବାର କିଛି ସମୟ ପରେ ହିଁ ବାମପଟ ଇଞ୍ଜିନ୍‌ରେ ଏକ ପକ୍ଷୀ ମାଡ଼ ହୋଇଥିଲା । ଫଳରେ ଇଞ୍ଜିନ ଭିତରକୁ ବାୟୁ ଦ୍ରୁତଗତିରେ ପସିବାକୁ ଲାଗିଥିଲା । ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଲଟ୍ ବିମାନବନ୍ଦରଠାରୁ ଦୂରରେ ନିୟନ୍ତ୍ରିତ ଉଚ୍ଚରେ ରଖିଥିଲେ ଓ ସ୍ଥିତିକୁ ସମ୍ଭାଳିବାକୁ ପ୍ରୟାସ କରିଥିଲେ । ପାଖାପାଖି ଏକ ଘଣ୍ଟା ଆକାଶରେ ଉଡିବା ପରେ ସନ୍ଧ୍ୟା ୬.୫୯ ରେ ବିମାନ ଡେରାଡୁନ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ଡେରାଡୁନ୍‌ଠାରୁ ୮ ମାଇଲ ଦୂରରେ ଓ ୫୬୦୦ ଫୁଟ ଉଚ୍ଚରେ ପାଇଲଟ ବିମାନର ବୈଷୟିକ ତ୍ରୁଟି ନେଇ ସୂଚନା ଦେଇଥିଲେ । ପରେ ଯାତ୍ରୀମାନଙ୍କୁ ଅନ୍ୟଏକ ବିମାନରେ ଦିଲ୍ଲୀ ନିଆଯିବାର ବ୍ୟବସ୍ଥା କରାଯାଇଥିଲା । ଏହି କାରଣରୁ ଦିଲ୍ଲୀରୁ ୫.୫୫ରେ ଡେରାଡୁନ ଆସୁଥିବା ବିମାନ ଓ ମୁମ୍ବାଇରୁ ୬.୨୦ରେ ଆସୁଥିବା ବିମାନକୁ ଦିଲ୍ଲୀ ଡାଇଭର୍ଟ କରାଯାଇଥିଲା ।

# ଗାୟକ ଦୀଲ୍‌ଜିତ୍‌ଙ୍କୁ ପନ୍ନୁର ଧମକ

ଚଣ୍ଡିଗଡ଼, ୨୯ ।୧୦(ଏଜେନ୍ସି): ପଞ୍ଜାବୀ ଗାୟକ ତଥା ସିନେମା ଅଭିନେତା ଦିଲଜିତ ଦୋଶାଞ୍ଜଙ୍କୁ ଖଲିସ୍ଥାନୀ ଆତଙ୍କବାଦୀ ଗୁରପତବନ୍ଦ ସିଂ ପନ୍ନୁ ଧମକ ଦେଇଛି । କିଛିଦିନ ତଳେ 'କୋନ୍ ବନେଗା କରୋଡପତି' ଶୋର ସୁଟିଂ ବେଳେ ଦିଲଜିତ ଅମିତାଭ ବଚ୍ଚନଙ୍କ ପାଦ ଛୁଇଁଥିଲେ



ଓ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅବଶ୍ୟ ଶୋ'ର ଏହି ଏପିଶୋଡ ପ୍ରସାରିତ ହୋଇନାହିଁ । କିନ୍ତୁ ସାମ୍ନାକୁ ଆସିଥିବା ପ୍ରମୋରେ ଦିଲ୍‌ଜିତ ଅମିତାଭଙ୍କ ପାଦ ଛୁଇଁଥିବାର ଲକ୍ଷ୍ୟ କରାଯାଇଛି । ଏହାକୁ ନେଇ ପନ୍ନୁ କିଛି ସାମ୍ବାଦିକ ଓ ଲୋକଙ୍କୁ କଲ୍ କରିଥିଲା ଓ ଦିଲ୍‌ଜିତଙ୍କୁ ଧମକ ଦେଇଥିଲା । ତେବେ ଏ ନେଇ କଣ କଥାବାର୍ତ୍ତା ହୋଇଛି ସେ ନେଇ କିଛି ଜଣାପଡ଼ିନାହିଁ । ୧୯୮୪ ଦଙ୍ଗାରେ ଅମିତାଭଙ୍କ ଭୂମିକା ନେଇ ପନ୍ନୁ ପ୍ରଶ୍ନ ଉଠାଇଛି ବୋଲି କୁହାଯାଉଛି । ଅକ୍ଟୋବର ୩୧ରେ ଦିଲଜିତ କେବିସିର ୧୭ତମ ସଂସ୍କରଣରେ ବଲିଉଡ ମହାନାୟକ ଅମିତାଭ ବଚ୍ଚନଙ୍କ ସାମ୍ନାରେ ହଟ୍ ସିଟ୍‌ରେ ବସିଥିବାର ନଜର ଆସିବେ । ଏହାପୂର୍ବରୁ ଅଷ୍ଟ୍ରେଲିଆର ସିଡ୍‌ନୀରେ ଅନୁଷ୍ଠିତ ଷ୍ଟାଡିୟମ କନସର୍ଟରେ ଶିଖ ଧର୍ମର ଧାର୍ମିକ ଚିହ୍ନ କୃପାଣକୁ ନେଇ ବିବାଦ ହୋଇଥିଲା । ଏହି କନସର୍ଟରେ ହଜାର ହଜାର ଲୋକ ଯୋଗ ଦେଇଥିଲେ । କିନ୍ତୁ ଆୟୋଜନରେ ଶିଖ ଶ୍ରଦ୍ଧାଳୁଙ୍କୁ କୃପାଣ ନେଇ ଭିତରକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା । ଦର୍ଶକ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ବାହାର କରିଦିଆଯାଇଥିଲା । ଫଳରେ ଶିଖ ସମ୍ପ୍ରଦାୟର ଦର୍ଶକମାନେ ନିରାଶ ହୋଇଥିଲେ । ଏହା ସତ୍ତ୍ୱେ ଅଷ୍ଟ୍ରେଲିଆରେ ନଭେମ୍ବର ୧ରେ ଦିଲଜିତଙ୍କ ଶୋ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ।

# ଚଳନ୍ତା ବସ୍‌ରେ ପୁଣି ଲାଗିଲା ନିଆଁ

ନାଗପୁର, ୨୯ ।୧୦(ଏଜେନ୍ସି): ମୁମ୍ବଇରୁ ଜଲନା ଯାଉଥିବା ଏକ ବସରେ ନିଆଁ ଲାଗିଯିବାର ଘଟଣା ସାମ୍ନାକୁ ଆସିଛି । ବୁଧବାର ଭୋର ୩ଟାରେ ମହାରାଷ୍ଟ୍ରର ସମୃଦ୍ଧି ହାଇୱେରେ ଏହି ଘଟଣା ଘଟିଛି । ଡ୍ରାଇଭର ଓ ତାଙ୍କ ସହାୟକଙ୍କ ସହ ମୋଟ୍ ୧୪ ଜଣ ଲୋକ ଏହି ବସ୍‌ରେ ଥିଲେ । ବସ୍‌ରେ ନିଆଁ ଲାଗିବା କଥା ଜାଣିବା ପରେ ଡ୍ରାଇଭର ତୁରନ୍ତ ବସ୍‌କୁ ରୋକିଥିଲେ ଓ ସବୁ ଯାତ୍ରୀଙ୍କୁ ବସ୍‌ରୁ ଓହ୍ଲାଇ ଦେଇଥିଲେ । ଫଳରେ ଯାତ୍ରୀଙ୍କ ଜୀବନ ବଞ୍ଚିଯାଇଥିଲା । କିନ୍ତୁ ଏହାର କେତେ ମିନିଟ୍ ମଧ୍ୟରେ ବସ୍‌ଟି ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା । ସୂଚନା ପାଇବା ପରେ ଦମକଳ ବିଭାଗ ଓ ହାଇୱେ ପୁଲିସ ଓ ଟୋଲ ପ୍ଲାଜା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ନିଆଁକୁ ନିୟନ୍ତ୍ରଣକୁ ଆଣିଥିଲେ । ବସ୍‌ରେ ନିଆଁ ଲାଗିବା କାରଣରୁ ହାଇୱେର ନାଗପୁର ଲେନ୍ କେତେ ଘଣ୍ଟା ପାଇଁ ଜାମ୍ ହୋଇଯାଇଥିଲା । କିନ୍ତୁ କେଉଁ କାରଣରୁ ବସ୍‌ରେ ନିଆଁ ଲାଗିଥିଲା ତାହା ଜଣା ପଡ଼ିନାହିଁ । ଏଥିସହ ଦେଶରେ ଗତ ୧୬ ଦିନ ମଧ୍ୟରେ ଷଷ୍ଠଥର ପାଇଁ ଏଭଳି ବସ୍‌ରେ ନିଆଁ ଲାଗିବା ଭଳି ଘଟଣା ଘଟିଛି । ପୂର୍ବରୁ ଅକ୍ଟୋବର ୧୪ରେ ଜୈସାଲମେର- ଯୋଧପୁର ହାଇୱେରେ, ଅକ୍ଟୋବର ୨୨ରେ କୋଲକାତାରେ, ଅକ୍ଟୋବର ୨୪ରେ ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ୍‌ରେ, ଅକ୍ଟୋବର ୨୫ରେ ମଧ୍ୟପ୍ରଦେଶର ଅଶୋକନଗର ଜିଲ୍ଲାରେ, ଅକ୍ଟୋବର ୨୬ରେ ଲକ୍ଷ୍ନୌର ଆଗ୍ରା ଏକ୍ସପ୍ରେସ୍‌ରେ, ଅକ୍ଟୋବର ୨୮ ରେ ଜୟପୁରର ମନୋହରପୁର ବସ୍‌ରେ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଥିଲା ।

# ରାଷ୍ଟ୍ରପତିଙ୍କ ସହ 'ଅପରେସନ ସିନ୍ଦୂର'ର ମହିଳା ପାଇଲଟ୍

ଅମ୍ବାଲା, ୨୯ ।୧୦(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳେ ଅମ୍ବାଲା ଏୟାରଫୋର୍ସ ଷ୍ଟେସନରେ ଲଢୁଆ ଯୁଦ୍ଧ ବିମାନ ରାଫେଲ୍‌ରେ ଉଡାଣ ଭରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଓ ସ୍କ୍ୱାଡର୍ନ ଲିଡର ଶିବାଙ୍ଗୀ ସିଂଙ୍କ ସହ ଏକ ଫଟୋ ସାମ୍ନାକୁ ଆସିଛି । ଭାରତୀୟ ସେନାର ଅପରେସନ ସିନ୍ଦୂର ଅବସରରେ ଶିବାଙ୍ଗୀଙ୍କୁ ଧରିବା ନେଇ ପାକିସ୍ତାନ ଦାବି କରିଥିଲା । ଶିବାଙ୍ଗୀଙ୍କୁ ଆମେ ବନ୍ଦୀ କରିଛୁ ଓ ରାଫେଲକୁ ମାରି ଖସାଇଛୁ ବୋଲି ପାକିସ୍ତାନ ଗଣମାଧ୍ୟମଗୁଡିକ ଦାବି କରିଥିଲା । ସେତେବେଳେ ପ୍ରେସ୍ ଇନ୍‌ଫର୍ମେସନ ବ୍ୟୁରୋ (ପିଆଇବି) ଏହି ଦାବିକୁ ଖଣ୍ଡନ କରିଥିଲା ।



■ ରାଫେଲ୍‌ରେ ବସି ଉଡ଼ାଣ ଭରିଲେ

ରାଷ୍ଟ୍ରପତି ବୁଧବାର ୧୧.୧୦ରେ ରାଫେଲ ବିମାନରେ ବସି ଟେକ୍ ଅଫ୍ କରିଥିଲେ । ରାଷ୍ଟ୍ରପତି ଯେଉଁ ରାଫେଲ ବିମାନରେ ବସିଥିଲେ, ତାକୁ ଗ୍ରୁପ୍ କ୍ୟାପେଟେନ୍ ଅମିତ ଗୋହାନୀ ଉଡାଇଥିଲେ । ରାଷ୍ଟ୍ରପତିଙ୍କ ଏହି ରାଫେଲ ବିମାନ ପଛରେ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ ସିଂ ଅନ୍ୟଏକ ବିମାନରେ ତାଙ୍କୁ ଏକ୍ସକର୍ଟ କରିଥିଲେ । ମୁର୍ମୁ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଭାରତୀୟ ବାୟୁସେନାର ୨ଟି ଲଢୁଆ ବିମାନରେ ଉଡାଣ ଭରିଛନ୍ତି । ଏହାପୂର୍ବରୁ ସେ ୨୦୨୩ ଏପ୍ରିଲ ୭ରେ ଆସାମର ତେଜପୁର ଏୟାରଫୋର୍ସ ଷ୍ଟେସନରେ ସୁଖୋଇ ୩୦ ଏମ୍‌କେଆଇ ଫାଇଟର ଜେଟ୍‌ରେ ଉଡାଣ ଭରିଥିଲେ । ରାଷ୍ଟ୍ରପତି ସକାଳ ୯ଟାରେ ଏକ ସ୍ୱତନ୍ତ୍ର ବିମାନରେ ଅମ୍ବାଲା ପହଞ୍ଚିଥିଲେ । ଏୟାର ଫୋର୍ସ ଷ୍ଟେସନରେ ଏୟାର ଚିଫ ମାର୍ଶାଲ ଅମର ପ୍ରୀତ ସିଂ ତାଙ୍କୁ ସ୍ୱାଗତ କରିଥିଲେ । ଏହାପରେ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ପରେଡକୁ ନିରୀକ୍ଷଣ କରିବାପାରେ ସେ ଯବାନଙ୍କ ସହ ସାକ୍ଷାତ କରିଥିଲେ । ସେ ଏହି ଅବସରରେ ଏୟାର ଫୋର୍ସ ଷ୍ଟେସର ବିଭିନ୍ନ ୟୁନିଟ୍‌ଗୁଡିକର ନିରୀକ୍ଷଣ ମଧ୍ୟ କରିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଷ୍ଟେସନର ଆଖପାଖ ଅଞ୍ଚଳରେ ଡ୍ରୋନ୍‌କୁ ବ୍ୟାନ କରାଯାଇଥିଲା । ହାତଗଣତି ଲୋକଙ୍କୁ ଷ୍ଟେସନ ଭିତରକୁ ପ୍ରବେଶ କରିବାର ଅନୁମତି ମିଳିଥିଲା । ସେହିପରି ମୋବାଇଲ ଫୋନ୍ ମଧ୍ୟ ଭିତରକୁ ନେବା ପାଇଁ ଅନୁମତି ଦିଆଯାଇ ନଥିଲା ।



# ସୁଦାନରେ ନରସଂହାର

ଖାରତୋମ୍, ୨୯ ।୧୦(ଏଜେନ୍ସି): ଉତ୍ତରପୂର୍ବ ଆଫ୍ରିକୀୟ ଦେଶ ସୁଦାନରେ ଏକ ବଡ଼ଧରଣ ନରସଂହାର ହୋଇଛି ବୋଲି ଉପଗ୍ରହର ଚିତ୍ରରୁ ଜଣାପଡ଼ିଛି । ୪୮ ଘଣ୍ଟାର ଏହି ନରସଂହାରରେ ଦୁଇ ହଜାର ସାଧାରଣ ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ଏହି ନରସଂହାର



ଏତେ ଭୟଙ୍କର ଥିଲା ଯେ ସୁଦାନର ପଶ୍ଚିମରେ ଥିବା ଏଲ ଫାସର ସହରରେ ରକ୍ତର ପୋଖରୀ ଓ ଖଣ୍ଡବିଖଣ୍ଡିତ ଶବ ଏଣେତେଣେ ପଡ଼ିଥିବାର ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି । ଏହି ସହରରେ କେତେକାଞ୍ଚଳରେ ଥିବା ବାଲି ରକ୍ତ କାରଣରୁ ଲାଲ୍ ହୋଇଯାଇଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଛୋଟପିଲା ସାମିଲ ଅଛନ୍ତି । ସହର ଉପରେ ରାପିଡ୍ ସପୋର୍ଟ ଫୋର୍ସେସ (ଆରଏସ୍‌ଏଫ୍) କବ୍‌ଜା କରିବା ପରେ ଦୁଇଦିନ ଧରି ଏହି ନରସଂହାର ଚାଲିଥିଲା । ଅକ୍ଟୋବର ୨୬ ଓ ୨୭ରେ ଆରଏସ୍‌ଏଫ୍ ଏହି କାଣ୍ଡ ଘଟାଇଥିଲା । ଅବଶ୍ୟ ମୃତକଙ୍କ ସଂଖ୍ୟା ଠିକ୍ ଭାବେ କହିବା ଏବେ କଷ୍ଟକର । ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ସୁଦାନ ଆର୍ମଡ ଫୋର୍ସ (ଏସ୍‌ଏଏଫ୍) ଓ ଆରଏସ୍‌ଏଫ୍ ମଧ୍ୟରେ ୨୦୨୩ ଏପ୍ରିଲରେ ସଂଘର୍ଷ ଆରମ୍ଭ ହୋଇଥିଲା ଓ ଏହା ଏବେ ତୃତୀୟ ବର୍ଷରେ ପହଞ୍ଚିଛି । ଦୀର୍ଘଦିନ ଧରି ସୁଦାନରେ ଚାଲିଥିବା ଗୃହଯୁଦ୍ଧ କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି । ସୁଦାନ ମିଲିଟାରୀ ଓ ପାରା ମିଲିଟାରୀ ମଧ୍ୟରେ ପତିଆରା ଲଢ଼େଇରୁ ହିଁ ଏହି ସଂଘର୍ଷ ସୂତ୍ରପାତ ହୋଇଛି ।


■ ଉପଗ୍ରହ ଚିତ୍ରରେ ରକ୍ତର ପୋଖରୀ, କ୍ଷତବିକ୍ଷତ ମୃତଦେହ

■ ୪୮ ଘଣ୍ଟାରେ ୨, ୦୦୦ ଲୋକଙ୍କୁ ହତ୍ୟା

ଏପର୍ଯ୍ୟନ୍ତ ଏହି ଗୃହଯୁଦ୍ଧରେ ଦେଢ଼ ଲକ୍ଷ ଲୋକ ପ୍ରାଣ ହରାଇଲେଣି ଓ କୋଟିଏ ୪୦ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି । ବିଶ୍ୱରେ ଏହାକୁ ସର୍ବବୃହତ ବିସ୍ଥାପନ ବୋଲି କୁହାଯାଉଛି । ସୁଦାନ ନାଗରିକମାନେ ଚାଦ, ଇଥିଓପିଆ ଓ ଦକ୍ଷିଣ ସୁଦାନରେ ଶରଣ ନେଇ ଶରାଣାର୍ଥୀ ଶିବିରରେ ରହୁଛନ୍ତି । ଏସ୍‌ଏଏଫ୍ ଓ ଆରଏସ୍‌ଏଫ୍ ହିଂସା ରୋକିବାକୁ ରୋକଠୋକ ମନା କରିଛନ୍ତି । ଏହି ସଂଘର୍ଷରେ ସ୍ଥାନୀୟ ଓ ଅନ୍ତର୍ଜାତୀୟ ଶକ୍ତିଗୁଡିକ ମଧ୍ୟ ପକ୍ଷଭୁକ୍ତ ହୋଇଛନ୍ତି । ଫଳରେ ସ୍ଥିତି ଆହୁରି ଭୟଙ୍କର ହେବାରେ ଲାଗିଛି । ପୁଣି ଦେଶରେ ସରକାର ତନ୍ତ୍ର ଦୁର୍ବଳ ହେବା, ସେନା ଓ ଆରଏସ୍‌ଏଫ୍ ମଧ୍ୟରେ ଶାସନକୁ ହାତକୁ ନେବାର ପ୍ରୟାସ ଏହି ସଂଘର୍ଷକୁ ଦ୍ୱିଗୁଣିତ କରିଛି । ଜମି ଓ ବିଭିନ୍ନ ସଂଶାଧନ ଉପରେ ବିଭିନ୍ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ମଧ୍ୟ ହିଂସାକୁ ଆହୁରି ବୃଦ୍ଧି କରିଛି । ଦୀର୍ଘ ବର୍ଷଧରି ଚାଲିଥିବା ଏହି ଗୃହଯୁଦ୍ଧ ଫଳରେ ସୁଦାନରେ ଆର୍ଥିକ ଓ ମାନବୀୟ ସଂକଟ ସୃଷ୍ଟି ହୋଇଛି । ଫଳରେ ଲୋକେ ଏବେ ଭୋକରେ ମରିବା ଆରମ୍ଭ କରିଛନ୍ତି । ଏହି ପତିଆରା ଲଢେଇରେ ଆରଏସ୍‌ଏଫ୍ ରାଜଧାନୀ ଖାର୍ତ୍ତୁମ ସହିତ ଅନ୍ୟ ସହରଗୁଡିକରେ ସାଧାରଣ ତଥା ନିରିହ ନାଗରିକଙ୍କ ଉପରେ ଆଖିବୁଜା ଗୁଳି ଚଳାଇବାର ଅଭିଯୋଗ ହେଉଛି ।

# ଏସ୍‌ଆଇଆର୍ ଗଣତନ୍ତ୍ର ପ୍ରତି ବିପଦ: କେରଳ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): ଦେଶର ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଜାରି କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ତେବେ ଏହାକୁ ଦକ୍ଷିଣର ଦୁଇ ରାଜ୍ୟ କେରଳ ଓ ତାମିଲନାଡୁ ଘୋର ବିରୋଧ କରିଛନ୍ତି । ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ନିର୍ବାଚନ କମିଶନଙ୍କ ଏହି ଘୋଷଣାକୁ ବିରୋଧ କରିଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ ବୋଲି କହିଛନ୍ତି । ଏସ୍‌ଆଇଆର୍‌ର ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ଓ ଏହା ଭେଦଭାବ ସୃଷ୍ଟି କରୁଛି ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ କହିଛନ୍ତି । ସୁପ୍ରିମକୋର୍ଟରେ ବିହାର ନିର୍ବାଚନ ସଂକ୍ରାନ୍ତରେ ମାମଲା ପଡ଼ି ରହିଥିବା ବେଳେ କମିଶନଙ୍କ ଏହି ଘୋଷଣା ଅସାମ୍ବିଧାନିକ ବୋଲି



ସେ କହିଛନ୍ତି । ତେଣୁ ଏହାକୁ ଏବେ ଅନ୍ୟ ରାଜ୍ୟରେ ଲାଗୁ କରିବା ଉଚିତ ହେବ ନାହିଁ । ସେପଟେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏସ୍‌ଆଇଆର ଲାଗୁ କରିବା ବିରୋଧରେ ନଭେମ୍ବର ୨ରେ ସର୍ବଦଳୀୟ ବୈଠକ ଡାକିଛନ୍ତି । ଅଧାର କାର୍ଡକୁ ନାଗରିକତାର ପ୍ରମାଣ ବୋଲି ସ୍ୱୀକାର କରା ନ ଯିବାକୁ ସେ ବିରୋଧ କରିଛନ୍ତି । ଲକ୍ଷ ଲକ୍ଷ ପ୍ରକୃତ ଭୋଟରଙ୍କୁ ତାଲିକାରୁ ବାଦ ଦେବାକୁ ଏହା ମାଧ୍ୟମରେ ଷଡ଼ଯନ୍ତ୍ର ହୋଇଛି ବୋଲି ଷ୍ଟାଲିନ ଅଭିଯୋଗ କରିଛନ୍ତି । କିନ୍ତୁ ଅନ୍ୟପଟେ ବିଜେପିର ସହଯୋଗୀ ପାର୍ଟି ଏଆଇଏଡିଏମ୍‌କେ ଏସ୍‌ଆଇଆରକୁ ସ୍ୱାଗତ କରିଛି ।

# ରାହୁଲଙ୍କ ମନ୍ତବ୍ୟକୁ ନେଇ ତେଜିଲା ରାଜନୀତି

ପାଟନା, ୨୯ ।୧୦(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାର ବିଧାନସଭା ନିର୍ବାଚନ ପାଇଁ ଆଜିଠାରୁ ମହାମେଣ୍ଟ ପକ୍ଷରୁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । ପ୍ରଥମ ଦିନ ପ୍ରଚାରରୁ ହିଁ ତାଙ୍କ ମନ୍ତବ୍ୟକୁ ନେଇ ବିବାଦ ଆରମ୍ଭ ହୋଇଛି । ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ବିଜେପି ତାଙ୍କୁ ତୀବ୍ର ସମାଲୋଚନା କରିଛି ।

ମୁଜାଫରପୁରରେ ନିର୍ବାଚନୀ ସଭାକୁ ଉଦବୋଧନ ଦେଇ ରାହୁଲ ପ୍ରଧାନମନ୍ତ୍ରୀ ।ମୋଦୀଙ୍କୁ ସମାଲୋଚନା କରିଥିଲେ । ସେ କହିଥିଲେ ।।ଯେ ଏବେ ନିର୍ବାଚନ ଚାଲିଛି ଏବଂ ଭୋଟ୍ ହାତେଇବା ଲାଗି ମୋଦୀ ଯେକୌଣସି ସ୍ତରକୁ ଯାଇପାରିବେ । ଏପରିକି ସେ 'ଭୋଟ୍ ପାଇବା ଲାଗି ନାଚି ପାରିବେ ।' ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଲେ, 'ଆପଣମାନେ କହିଲେ ।।ମୋଦୀଜୀ ଭୋଟ୍ ପାଇଁ ଡ୍ରାମା କରିପାରିବେ । କେବଳ ଏତିକି ନୁହେଁ, ଆପଣମାନେ ଯଦି କହିବେ ଭୋଟ୍ ପାଇଁ ନାଚିବାକୁ ପଡ଼ିବ, ମୋଦୀ ଜୀ ମଞ୍ଚ ଉପରକୁ ଆସି ଭୋଟ୍ ପାଇଁ ନାଚିବାକୁ ପଛାଇବେ ନାହିଁ । ' ସେ ଆହୁରି କହିଲେ ଯେ ଛଟ୍ ପୂଜା ପାଇଁ ମୋଦୀ ଡ୍ରାମା କରିଥିଲେ । ଯମୁନା ନଦୀ



ଦୂଷିତ ଥିବା ବେଳେ ତାଙ୍କ ପାଇଁ ସ୍ୱତନ୍ତ୍ର ପୋଖରି କରାଯାଇଥିଲା ଏବଂ ପୋଖରିରେ ପଶି ମୋଦୀ ଛଟ୍ ପୂଜା କରିଥିଲେ । ରାଜ୍ୟରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ସମାଲୋଚନା କରି ରାହୁଲ ଗହିଲେ ଯେ ରାଜ୍ୟ ପ୍ରଶାସନରେ ନୀତୀଶ କୁମାର କେବଳ ଏକ ଚେହେରା । ପ୍ରକୃତ ରିମୋଟ କଂଟ୍ରୋଲ ବିଜେପି ହାତରେ ରହିଛି । ରାଜ୍ୟରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ମଧ୍ୟ ସେ ସମାଲୋଚନା କରି କହିଲେ ଯେ ଏହା ଭୋଟ ଚୋରି ଛଡ଼ା ଆଉ କିଛି ନୁହେଁ । ଏସ୍‌ଆଇଆର ନାମରେ ନିର୍ବାଚନ କମିସନ ୬୬ ଲକ୍ଷ ଭୋଟରଙ୍କ ନାମ କାଟି ଦେଇଛନ୍ତି ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ରାହୁଲ ଦେଇଥିବା ମନ୍ତବ୍ୟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାରତୀୟ ଜନତା ପାର୍ଟି । ବିଜେପି ନେତା ପ୍ରଦୀପ ଭଣ୍ଡାରୀ ରାହୁଲଙ୍କୁ ସମୋ ।।ଲୋଚନା କରି କହିଛନ୍ତି ଯେ ବିରୋଧୀ ଦଳର ନେତା ଗୁଣ୍ଡାଙ୍କ ଭଳି ଭାଷା କହୁଛନ୍ତି । ଏପରି ମନ୍ତବ୍ୟ ଦେଇ ରାହୁଲ ବିହାରର ଭୋଟରମାନଙ୍କୁ ଅପମାନିତ କରିଛନ୍ତି । ଯେଉଁ ଭୋଟର ମୋଦୀଙ୍କୁ ଭୋଟ୍ ଦେଇ ଜିତାଇଛନ୍ତି, ସେମାନଙ୍କୁ ଓ ଗଣତନ୍ତ୍ରକୁ ଅପମାନ କରଛନ୍ତି ରାହୁଲ ।

# ବେକାର ଗଲା ତିନି କୋଟି, ବର୍ଷା ହେଲାନି

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): କୃତ୍ରିମ ବର୍ଷା କରାଇବାକୁ ଦିଲ୍ଲୀରେ କ୍ଲାଉଡ ସିଡିଂ ପ୍ରକ୍ରିୟାକୁ ରୋକି ଦିଆଯାଇଛି । ବର୍ଷା କରାଇବାକୁ କରାଯାଉଥିବା କ୍ଲାଉଡ ସିଡିଂର ୩ଟି ଟ୍ରାଏଲ ବା ପ୍ରୟାସ ବିଫଳ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ବାୟୁରେ ୫୦ ପ୍ରତିଶତ ଆଦ୍ରତା ନଥିଲେ ଏହା ସଫଳ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏବେ ବାୟୁରେ ୧୦ରୁ ୧୫ ପ୍ରତିଶତ ଆଦ୍ରତା ରହିଛି । ରାଜଧାନୀରେ ଦେଖା ଦେଇଥିବା ଭୟଙ୍କର ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ ସରକାର କ୍ଲାଉଡ ସିଡିଂ କରିବା ପ୍ରକ୍ରିୟାରେ ୩.୨ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି । ଦିଲ୍ଲୀ ସରକାରଙ୍କ ପରିବେଶ ବିଭାଗ ଓ କାନ୍‌ପୁରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମଧ୍ୟରେ ଏକ ଚୁକ୍ତି ହୋଇଥିଲା । ଗୋଟିଏ ଟ୍ରାଏଲ ପାଇଁ ପାଖାପାଖି ୬୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି କ୍ରମରେ ମଙ୍ଗଳବାର ଦୁଇଟି ଟ୍ରାଏଲ କରାଯାଇଥିଲା । ତେବେ ପ୍ରଥମ ଟ୍ରାଏଲ୍ ଅକ୍ଟୋବର ୨୩ରେ ହୋଇଥିଲା । ୩ଟି ଯାକ ଟ୍ରାଏଲ ଫେଲ୍ ମାରିଛି । ଏଥିପାଇଁ ମଙ୍ଗଳବରେ ମିରଟରୁ ଏକ ସ୍ୱତନ୍ତ୍ର ବିମାନ 'ସେସନା' ଉଡାଣ ଭରିବା ଆରମ୍ଭ କରିଥିଲା । ଏହି ବିମାନ ଦିଲ୍ଲୀର ଖେକଡା, ବୁରାଡି, ମୟୁର ବିହାର ଅଞ୍ଚଳରେ ଏହି ବିମାନ ୬ ହଜାର ଫୁଟ ଉଚ୍ଚରେ ଉଡି ବାଦଲ ମଧ୍ୟରେ ଅପରାହ୍ନ ୨ଟାରେ ରାସାୟନିକ ପଦାର୍ଥ ଛିଡ଼୍‌କାଇଥିଲା । ଗୋଟିଏ ଟ୍ରାଏଲର ୪ ଘଣ୍ଟା ପରେ ବର୍ଷା ହେବ ବୋଲି କୁହାଯାଇଥିଲା । କିନ୍ତୁ ରାତିରେ ବର୍ଷା ହୋଇ ନଥିଲା । ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି । ବିରୋଧୀ ଦଳ ଆମା ଆଦମୀ ପାର୍ଟି ତରଫରୁ ଏଭଳି ଟ୍ରାଏଲକୁ ପରିହାସ କରାଯାଇଛି ।

# ପୁଣି ଅସ୍ତ୍ରବିରତି କଥା ଦୋହରାଇଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜବାବ ନାହିଁ । ତାଙ୍କ ନୀତି ଭଳି ତାଙ୍କ ମନ୍ତବ୍ୟ ମଧ୍ୟ କେତେବଳେ କଣ ହେବ ଅନୁମାନ କରିବା କଷ୍ଟକର । ସେ କେତେବେଳେ କାହାପାଇଁ କ'ଣ କହିବେ କିଛି କୁହାଯାଇ ପାରିବ ନାହିଁ । ଏବେ ସେ ଏସିଆ ପ୍ୟାସିଫିକ ଇକୋନୋମିକ କୋପରେସନ (ଏପିଇସି) ଅଂଶଗ୍ରହଣ କରିବାକୁ ଦକ୍ଷିଣ କୋରିଆରେ ପହଞ୍ଚିଛନ୍ତି । ବୁଧବାର ସେ ମଞ୍ଚ ଉପରେ ଠିଆ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ ଓ ସମସ୍ତଙ୍କୁ ଚକିତ କରାଇଥିଲେ । ସେ ମୋଦୀଙ୍କୁ ବହୁତ ସୁନ୍ଦର ଦେଖିବାକୁ ବୋଲି କହିଥିଲେ । କିନ୍ତୁ ସେ ବହୁତ ଟାଣୁଆ ସ୍ୱାଭାବର ବୋଲି ମଧ୍ୟ କହିଥିଲେ । ତାଙ୍କୁ ବୁଝାଇବା କଷ୍ଟକର ଓ ନଇଁବା ଲୋକ ନୁହନ୍ତି ବୋଲି ଟ୍ରମ୍ପ କହିଥିଲେ । ଟ୍ରମ୍ପଙ୍କ ସ୍ୱରରେ ପରିବର୍ତ୍ତନ ହୋଇଥିବା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଜଣାପଡୁଛି । ଏପର୍ଯ୍ୟନ୍ତ ଭାରତ ଉପରେ ଟାରିଫ୍ କରେ ଟାରିଫ ଲାଗୁ କରୁଥିବା ଟ୍ରମ୍ପ ଏବେ ଭାରତର ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି । ଏବେ ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ସମ୍ଭବ ବୋଲି ସେ ପରୋକ୍ଷରେ କହିଛନ୍ତି । ତେବେ ସେ ପୁଣିଥରେ ଭାରତ ଓ ପାକିସ୍ତାନର ମଧ୍ୟରେ ଅସ୍ତ୍ରବିରତି କରାଇଥିବା କଥା ଦୋହରାଇଛନ୍ତି । ପରମାଣୁ ଅସ୍ତ୍ରସମ୍ପର୍ଣ୍ଣ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିଲେ ଓ ଭାରତ ଓ ପାକିସ୍ତାନ ସଂଘର୍ଷରେ ୭ଟି ବିମାନ ଧ୍ୱଂସ ହୋଇଥିବା କଥା ସେ କହିଛନ୍ତି । ଦୁଇ ଦେଶ ମଧ୍ୟରେ ସଂଘର୍ଷ ଶେଷ କରିବାକୁ ସେ ବାଣିଜ୍ୟ ଓ ବ୍ୟବସାୟର ସାହାରା ନେଇଥିଲେ ବୋଲି କହିଛନ୍ତି । ଯଦି ଦୁଇଦେଶ ଯୁଦ୍ଧ ଶେଷ ନ କରିନ୍ତି ତେବେ ଆମେ କୌଣସି ବାଣିଜ୍ୟ କରିବୁ ନାହିଁ ବୋଲି ଟ୍ରମ୍ପ ଦୁଇପକ୍ଷକୁ କହିଥିଲେ । ଶେଷରେ ବିନା କୌଣସି ତୃତୀୟ ପକ୍ଷରେ ହସ୍ତକ୍ଷେପ ଓ ସହଯୋଗରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ।

# ଚାଷୀଙ୍କ ବିକ୍ଷୋଭ; ନାଗପୁର-ହାଇଦରାବାଦ୍ ହାଇୱେ ୭ ଘଣ୍ଟା ଅବରୋଧ

ନାଗପୁର, ୨୯ ।୧୦(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଋଣଛାଡ଼ କରିବାକୁ ଦାବି କରି କୃଷକଙ୍କ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି । ପ୍ରହାର ଜନଶକ୍ତି ପାର୍ଟି ନେତା ବଚ୍ଚୁ କାଡୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଉଛି । କୃଷକମାନେ ରାଜ୍ୟ ରାଜପଥକୁ ମଧ୍ୟ ଅବରୋଧ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନରେ ଏକ ଲକ୍ଷ କୃଷକ ଯୋଗ ଦେଇଛନ୍ତି ବୋଲି କାଡୁ କହିଛନ୍ତି । ଯଦି ଦାବି ପୂରଣ ନ ହୁଏ, ତେବେ ବୁଧବାର ରେଳ ଯାତାୟତକୁ ମଧ୍ୟ ବନ୍ଦ କରାଯିବ ବୋଲି ସେ କହିଛନ୍ତି । ଏହି ଆନ୍ଦୋଳନରେ ହଜାର ହଜାର ମହିଳା ମଧ୍ୟ ସାମିଲ ରହିଛନ୍ତି । ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମଙ୍ଗଳବାର ହଜାର ହଜାର କୃଷକ ନାଗୁପର- ହାଇଦରାବାଦ ରାଜପଥ (ଏନ୍‌ଏଚ୍-୪୪)କୁ ମଧ୍ୟ ୭ ଘଣ୍ଟା ପାଇଁ ଅବରୋଧ କରିଥିଲେ । ନିର୍ବାଚନ ସମୟରେ ସକକାର ଋଣ ଛାଡ଼ କରିବାକୁ ଓ ଫସଲ ବୋନସ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ସରକାର



ଏପର୍ଯ୍ୟନ୍ତ ନିଜର ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି କୃଷକ ତରଫରୁ କୁହାଯାଇଛି । ସରକାର ପ୍ରତ୍ୟେକ ଫସଲ ଉପରେ ୨୦ ପ୍ରତିଶତ ବୋନସ ଓ ସୋୟାବିନ ଉପରେ ୬୦୦୦ ଟଙ୍କା ଦେବାକୁ କହିଥିଲେ । କିନ୍ତୁ ଏପର୍ଯ୍ୟନ୍ତ କୃଷକଙ୍କୁ କିଛି ମିଳିନାହିଁ ବୋଲି କାଡୁ କହିଛନ୍ତି । କୃଷକଙ୍କୁ ଭେଟିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମୟ ନାହିଁ ବୋଲି ସେ କହିଛନ୍ତି । ବଚ୍ଚୁ କାଡୁ ଅଚଳପୁରରୁ ବିଧାୟକ ରହିଛନ୍ତି ଓ ନିଜର ଆକ୍ରମଣାତ୍ମକ ସ୍ୱାଭାବ ପାଇଁ ବେସ୍ ପରିଚିତ । କିନ୍ତୁ ଏବେ ସରକାରଙ୍କୁ କୃଷକଙ୍କ ସମସ୍ୟା ଶୁଣିବାକୁ ହେବ ବୋଲି କୃଷକମାନେ କହିଛନ୍ତି ।

## ୬ ଦିନ ବଢ଼ିଲା +୨ ଏକ୍ସ-ରେଗୁଲାର୍ ପିଲାଙ୍କ ଫର୍ମପୂରଣ ଅବଧି

ଭୁବନେଶ୍ୱର, ୨୯ ।୧୦(ସମିସ): ବାତ୍ୟା ମୋନ୍ଥା ପାଇଁ +୨ ଫର୍ମପୂରଣ ଅବଧିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଓ ଫି' ଦାଖଲ କରିବା ପାଇଁ ୬ଦିନ ଅତିରିକ୍ତ ସମୟ ଦିଆଯାଇଛି । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସେମାନେ ଫର୍ମପୂରଣ ଓ ଫି' ଜମା କରିପାରିବେ । ଅପରପକ୍ଷରେ ରେଗୁଲାର୍ ପିଲାଙ୍କ ଫର୍ମପୂରଣ ପାଇଁ ପୂର୍ବ ସୂଚୀରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏକା ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପଢୁଥିବା ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଜାରି ରହିଛି । ବିନା କୌଣସି ଫାଇନ୍‌ରେ ନଭେମ୍ବର ୬ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ । ବିନା ଫାଇନ୍ ଫର୍ମ ପୂରଣ ସରିବା ପରେ ଏକା ସମୟରେ ଫାଇନ୍ ଦେଇ ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ । ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିବେ । ଏନେଇ ସିଏଚ୍ଏସ୍ଇ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅବଗତ କରିଛନ୍ତି ।

## ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ପଟ୍ ନାମଲେଖା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୨୯ ।୧୦(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ସହିତ ସ୍ନାତୋକୋତ୍ତର, ଦୁଇ ବର୍ଷିଆ ବିଇଡି ଓ ଏମ୍ଇଡି, ତିନି ବର୍ଷିଆ ଏଲ୍ଏଲ୍ବି, ତିନି ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଇଡି ଓ ଏମ୍ଇଡିରେ ସ୍ପଟ୍ ନାମଲେଖା ଅବଧିରେ ପରିବର୍ତ୍ତନ କରାଯାଇଛି । ବାତ୍ୟା ମୋନ୍ଥା ପ୍ରଭାବରେ ରାଜ୍ୟରେ କିଛି ଜିଲ୍ଲାରେ ଲଗାଣ ବର୍ଷା । କାରଣରୁ ନାମଲେଖା ଅବଧି ବଢ଼ାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ଗତ ୨୭ ତାରିଖରେ ନାମଲଖା ପାଇଁ ମେଧା ତାଲିକା ପ୍ରକାଶ ପାଇ ସାରିଛି । ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଗତକାଲି ଅର୍ଥାତ୍ ୨୮ସ ତାରିଖରେ ସମ୍ପୃକ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଯାଇ ରିପୋର୍ଟିଂ କରିବାକୁ କୁହାଯାଇଥିଲା । ଏଥିରେ ପରିବର୍ତ୍ତନ କରାଯିବା ସହ ଆସନ୍ତାକାଲି ବା ୩୦ ତାରିଖ ଦିନ ରିପୋର୍ଟିଂ କରିପାରିବେ ବୋଲି ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି । ଯେଉଁ ପିଲାମାନେ ୨୮ ତାରିଖରେ ରିପୋର୍ଟିଂ କରିଥିବେ ସେମାନଙ୍କୁ ପୁନଃ ରିପୋର୍ଟିଂ କରିବା ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯିବାକୁ ପଡ଼ିବ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହାପରେ ନଭେମ୍ବର ୧ ତାରିଖ ଦିନ ଶିକ୍ଷାନୁଷ୍ଠାନ ପକ୍ଷରୁ ମେଧା ତାଲିକା ପ୍ରକାଶ ପାଇବ । ୩ ରୁ ୬ ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ଆଶାୟୀ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ ।

■ ମାଓବାଦୀ ନାଁରେ ନାବାଳିକାକୁ ଗଣଦୁଷ୍କର୍ମ ଓ ଡକାୟତି ମାମଲା

## ୫ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ

ଫିରିଙ୍ଗିଆ,୨୯।୧୦(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ୨୦୨୪ ମସିହାରେ ଘଟିଥିବା ଏକ ନାବାଳିକା ଗଣଦୁଷ୍କର୍ମ ଓ ଡକାୟତି ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି ଫୁଲବାଣୀ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ।

ଜଣେ ୧୪ ବର୍ଷିଆ ନାବାଳିକାକୁ ମାଓବାଦୀ ନାଁରେ ଧମକ ଦେଇ ଗଣଦୁଷ୍କର୍ମ ଓ ଡକାୟତି ମାମଲାର ୧୮ ଜଣଙ୍କ ସାକ୍ଷ୍ୟ, ଡ଼ାକ୍ତରୀ ରିପୋର୍ଟ ଏବଂ ଟିଆଇ ପରେଡ଼ ପରେ ଗୋଛାପଡା ଥାନା ମୁସେଲିପାଙ୍ଗା ଗାଁର ଅଶୋକ ମୁଖୀ, ଦାରିଙ୍ଗବାଡି ଥାନା ସିମନବଡି ଗାଁର ସୁଶାନ୍ତ ନାୟକ, କୃପାକର ମୁଖୀ, ଜେରହ ନାୟକ ଓ ଯୋଶେଫ୍ ରୁପାମାଝିଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ୨୬ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି ବିଚାରପତି । ଜରିମାନା ଅନାଦାୟ ଆଉ ଅଧିକ ୫ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ସରକାରଙ୍କ ତରଫରୁ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିବା ବେଳେ ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ ଏସ୍ଆଇ ଦୀପକ କୁମାର ରାଉତଙ୍କୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା ।

ସୂଚନା ଅନୁସାରେ, ଗତ ୨୦୨୪ ଏପ୍ରିଲ ୨୪ ରାତି ପ୍ରାୟ ୯ଟାରେ ମାସ୍କ ପିନ୍ଧା କେତେକ ଅଭିଯୁକ୍ତ ମାଓବାଦୀର ପରିଚୟ ଦେଇ ପୀଡ଼ିତାଙ୍କ ଘରେ ପଶି ଖାଇବାକୁ ମାଗିଥିଲେ । ଏହାସହ ପିସ୍ତଲ, କାତି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ୫୦ହଜାର ଟଙ୍କାର ସୁନାମାଳୀ, କାନଫୁଲ ଏବଂ ତିନୋଟି ମୋବାଇଲ ଲୁଟି ନେଇଥିଲେ । ସେମାନେ ନିଜକୁ ମାଓବାଦୀ ପରିଚୟ ଦେଇ ନାବାଳିକାକୁ ଆମ ମାଡ଼ାମକୁ ଭାତ ଖାଇବାକୁ ନେଇ ଦେବୁ ବୋଲି କହି ଟାଣି ଟାଣି ଘରୁ ନେଇଯାଇଥିଲେ । ଘରଠୁ ପ୍ରାୟ ପଚାଶ ମିଟର ଦୂର ଏକ ପଡ଼ିଆକୁ ନେଇ ଅଭିଯୁକ୍ତମାନେ ଗଣଦୁଷ୍କର୍ମ କରିଥିଲେ । ଏହାସହ ଆସନ୍ତାକାଲି ଆସି ତୋତେ ନେଇଯିବୁ; ଆଉ ଯଦି ନଯିବୁ ତୋ ପରିବାରକୁ ଜୀବନରେ ମାରିଦେବୁ ବୋଲି ଧମକ ଦେଇ ପଳାଇଥିଲେ । ନାବାଳିକା ଜଣକ ଘର ଲୋକଙ୍କୁ ସବୁକଥା କହିବାରୁ ବାପା ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ । ଏକ ମାମଲା ରୁଜୁ କରି ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଦୀପକ ରାଉତଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ସେ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ । ବୁଧବାର ବିଚାରପତି ଉକ୍ତ ରାୟ ଶୁଣାଇଛନ୍ତି । ଏହାସହ ପୀଡିତାକୁ କ୍ଷତିପୂରଣ ବାବଦ ୬ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶିମିଳିପାଳକୁ ଫେରୁନି 'ଯମୁନା'

ବାରିପଦା,୨୯ ।୧୦(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ କଳାବାଘଙ୍କ ବଂଶାନୁକ୍ରମିକ ବିବିଧତାରେ ପରିବର୍ତ୍ତନ ପାଇଁ ମହାରାଷ୍ଟ୍ରରୁ ବାଘୁଣୀ ଯମୁନାକୁ ଆଣି ଏଠାରେ ଛାଡିବାର ଏକ ବର୍ଷ ପୂରଣ ହେଲାଣି । ତେବେ ଯମୁନା ଏବେ ହଦଗଡ ଓ କୁଲଡିହା ଅଭୟାରଣ୍ୟରେ ନିଜର ଟେରିଟୋରି ଗଠନ କରି ଦୀର୍ଘ ଦିନ ଧରି ସେ ଅଞ୍ଚଳରେ ବିଚରଣ କରୁଥିଲେ ହେଁ ଶିମିଳିପାଳ ଅଭୟାରଣ୍ୟ ଫେରିନାହିଁ । ଫଳରେ ବାଘୁଣୀ ଯମୁନାକୁ ନେଇ ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦୂରେଇ ଯାଉଛି ।

ଗତ ୨୦୨୪ ଅକ୍ଟୋବର ୨୮ ତାରିଖରେ ଏକ ସ୍ୱତନ୍ତ୍ର ଏନକ୍ଲୋଜରରେ ଅଣାଯାଇ ଶିମିଳିପାଳରେ ଛଡାଯାଇଥିଲା । ଗୋଟିଏ ଦିନ ପୂର୍ବରୁ ଏକ ସ୍ୱତନ୍ତ୍ର ଟିମ ଓ ଗାଡି ଯୋଗେ ମହାବଳ ବାଘଟି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପହଞ୍ଚିଥିଲା । ଦେଶରେ ବାଘ ସଂଖ୍ୟା ବୃଦ୍ଧିରେ ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ଉତ୍ତମ ସ୍ଥାନ ବୋଲି ଏନ୍‌ଟିସିଏ ପକ୍ଷରୁ ପ୍ରକାଶ କରାଯାଇଥିଲା । ଏହାକୁ ନେଇ ରାଜ୍ୟରେ ବାଘ ବଂଶ ବୃଦ୍ଧିକୁ ନେଇ ମହାରାଷ୍ଟ୍ର ରାଜ୍ୟର ତଡବା ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜିନ୍ନତକୁ ସ୍ୱତନ୍ତ୍ର ଗାଡିରେ ଅଣାଯାଇ ଛଡାଯାଇଛି । ତେବେ ଏସଟିଆର ଭୌଗୋଳିକ ଅଞ୍ଚଳ ଯମୁନା ଜଙ୍ଗଲରେ ବୁଲୁଥିବା ବେଳେ ତାର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି ବୋଲି ଶିମିଳିପାଳ ଅଭୟାରଣ୍ୟ ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରକାଶ କରିଛନ୍ତି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରୟାଲ ବେଙ୍ଗଲ ଟାଇଗରଙ୍କ ରଙ୍ଗ ପରିବର୍ତ୍ତନକୁ ନେଇ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା । ମହାବଳ ବାଘଙ୍କ ଜେନେଟିକ ଡାଇଭର୍ସିଟି (ବଂଶାନୁକ୍ରମିକ ବିବିଧତା)ରେ ପରିବର୍ତ୍ତନ ଘଟି କଳାବାଘ ସୃଷ୍ଟିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ ଆରମ୍ଭ କରାଯାଇଥିଲା । ବେଙ୍ଗାଲୁରର



ନ୍ୟାସନାଲ ସେଣ୍ଟର ଫର ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଆସି ପରୀକ୍ଷାନୀରିକ୍ଷା କରିଥିଲେ । ଅସ୍ୱାଭାବିକ ପ୍ରଜନନ ଓ ଅନ୍ୟାନ୍ୟ କାରଣରୁ ବାଘଙ୍କ ରଙ୍ଗ ପରିବର୍ତ୍ତନ ହେଉଥିବା ନେଇ ପୂର୍ବରୁ ନଜିର ରହିଥିବା ବେଳେ ନନ୍ଦନକାନନରେ ସେହିଭଳି ଧଳାବାଘ ଜନ୍ମ ଗ୍ରହଣ ହୋଇଥିଲେ ବୋଲି ଆଲୋଚନା ହେଉଛି । ତେବେ ଗୋଟିଏ ଅଣ୍ଡିରା ବାଘରୁ ବଂଶ ବୃଦ୍ଧି ଯୋଗୁଁ ଏପରି ହୋଇଥାଇପାରେ ବୋଲି ବିଭାଗ ଅନୁମାନ କରିଛି । ତେଣୁ ଅନ୍ୟ ସ୍ଥାନରୁ ମାଈବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିପାରିବ । ତେଣୁ ଏହାକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ଦୁଇ ମହାବଳ ବାଘ ଆସିବା ନେଇ ୨୦୨୪ ଜୁଲାଇ ୨୮ ରେ ଏନ୍‌ଟିସିଏ ପକ୍ଷରୁ ଅନୁମତି ମିଳିଥିଲା । ତଡବା ଜଙ୍ଗଲରୁ ପ୍ରଥମେ ମହାବଳ ବାଘୁଣୀ ଯମୁନାକୁ ଅଣାଯାଇ ଶିମିଳିପାଳ

■ କୁଲଡିହା ଓ ହଦଗଡ଼ରେ କରୁଛି ବିଚରଣ କରୁଛି ବାଘୁଣୀ

■ ବିଭାଗର ବାଘ ବଂଶ ବୃଦ୍ଧି କରାଇବା ଯୋଜନା ବିଫଳ

■ ମହାରାଷ୍ଟ୍ରର ମହାବଳ ବାଘୁଣୀକୁ ଛାଡିବା ପୂରିଲା ଏକ ବର୍ଷ

ଅଭୟାରଣ୍ୟରେ ଛଡାଯାଇଥିଲା । ତେବେ ଯମୁନା କିଛି ଦିନ ଶିମିଳିପାଳ କୋର ଏରିଆ ଛାଡି ପାଦଦେଶରେ ଘୁରିବୁଲିବା ସହ ଗୃହପାଳିତ ପ୍ରାଣୀକୁ ଶିକାର କରିଥିଲା ।

ଶିମିଳିପାଳର ବଣପାହାଡ ଘେରା ଅଞ୍ଚଳରେ ଯମୁନା ନିଜକୁ ଖାପଖୁଆଇ ନ ପାରି ଜନବସତି ଦେଇ ବାଲେଶ୍ୱରର କୁଳଡିହା ଅଭୟାରଣ୍ୟକୁ ପଳାଇଥିଲା । ସେଠାରେ କିଛି ଦିନ ରହିବା ପରେ ନିଜର ବାସସ୍ଥାନ ପାଇଁ କେନ୍ଦୁଝରର ହଦଗଡ ଅଭୟାରଣ୍ୟ ପର୍ଯ୍ୟନ୍ତ ଯିବାଆସିବା କରୁଛି । ତେବେ ଏସଟିଆର ଅଧୀନରେ ଥିବା ୭ଟି ବନଖଣ୍ଡ ମଧ୍ୟରେ କୁଲଡିହା ଓ ହଦଗଡ ଅଭୟାରଣ୍ୟ ଅନ୍ୟତମ । ଯମୁନା ଦେହରେ ଲାଗିଥିବା ରେଡିଓ କଲରରେ ଗତିବିଧି ଉପରେ ନଜର ରଖାଯାଇଛି । ତେବେ ଶିମିଳିପାଳର ଜଳବାୟୁରେ ବାଘ ବଂଶ ବୃଦ୍ଧିକୁ ନେଇ କରାଯାଇଥିବା ଯୋଜନାରେ ଏହା ଫଳପ୍ରଦ ହେବା ନେଇ ଆଶଙ୍କା ଦେଖାଦେଇଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡିଶାରେ ପ୍ରଥମ କରି ଅନ୍ୟ ରାଜ୍ୟରୁ ବାଘ ଆଣି ବଂଶ ବୃଦ୍ଧି କରାଇବାର ଯୋଜନା ଫେଲ ମାରିଥିବା ବେଳେ ଏବେ ପୁଣି ଥରେ ଏହି ଯୋଜନାରେ ଓଡିଶା ଏବଂ ଶିମିଳିପାଳରେ ଏହାର ପ୍ରଭାବ କ'ଣ ରହିବ ସେ ନେଇ ଜିଲ୍ଲାବାସୀ ନଜର ରଖିଛନ୍ତି । ବନବିଭାଗର ଏହି ଯୋଜନା ସଫଳ ହୋଇପାରିଲେ ବାଘ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି ।

ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିଗମର ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହନ୍ତି, ଯେଉଁ ଉଦ୍ଦେଶ୍ୟରେ ଦୁଇ ମହାବଳ ବାଘୁଣୀକୁ ଶିମିଳିପାଳକୁ ଅଣାଯାଇଥିଲା ତାହା ପୂରଣ ହେବା ନେଇ ସନ୍ଦେହ ଉପୁଜିଛି । ବିଭାଗୀୟ ଅଧିକାରୀଙ୍କ ମତରେ ଯମୁନା ଏସଟିଆର ଅବସ୍ଥିତି ମଧ୍ୟରେ ରହିଛି । ବାଘ ଶୂନ୍ୟ କୁଳଡିହା ବା ହଦଗଡରେ ନୂଆ ବାଘ ଦେଖାଦେଲା ବୋଲି ଗଣନା କରିବେ ନା ଶିମିଳିପାଳର ବାଘ ସହିତ ଗଣନା କରିବେ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ ତ୍ରୁଟିକୁ ସଂଶୋଧନ ନ କରି ବାହାରୁ ବାଘ ଆଣି ଶିମିଳିପାଳରେ ବନ ବିଭାଗ ପକ୍ଷରୁ ଛାଡିବା ଏକ ପ୍ରକାର ପ୍ରହସନ ବୋଲି ସେ କହିଛନ୍ତି ।

ବାତ୍ୟା ବିପ୍ରାତ

## ଓଡ଼ିଶା ସୀମାନ୍ତ-ଆନ୍ଧ୍ରପ୍ରଦେଶ ଯୋଗାଯୋଗ ବିଚ୍ଛିନ୍ନ

ବ୍ରହ୍ମପୁର,୨୯ ।୧୦(ସମିସ): ବାତ୍ୟା "ମୋନ୍ଥା" ପ୍ରଭାବରେ ଓଡ଼ିଶା ସୀମାନ୍ତରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବହୁ ଗ୍ରାମରେ ବନ୍ୟା ଜଳ ପଶିଥିବା ବେଳେ ଅନେକ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ବିଶେଷ କରି ଗଞ୍ଜାମ ଜିଲ୍ଲାର ସୀମାନ୍ତ ବ୍ଲକ ପାତ୍ରପୁର ଅଞ୍ଚଳର ଅନେକ ଗ୍ରାମରୁ ଆନ୍ଧ୍ରକୁ ସଂଯୋଗ ରାସ୍ତା ଗୁଡ଼ିକରେ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବା ଦେଖିବାକୁ ମିଳିଛି । ଏହି ବ୍ଲକର ତୁଟିପୁରଠାରୁ ଆନ୍ଧ୍ରର ମଙ୍ଗଳବାର ହାଟ ଜାତୀୟ ରଜପଥକୁ ଯିବା ରାସ୍ତାରେ ବହୁଳ ମାତ୍ରାରେ ପାଣି ଜମି ରହିଛି । ନିକଟସ୍ଥ ନାଳ ଉପର ବ୍ରିଜ ଦେଇ ପ୍ରବଳ ପାଣି ପ୍ରବାହିତ ହେଉଛି । ଫଳରେ ଯାତାୟତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି । ନିତିଦିନିଆ ବ୍ୟବସାୟ ଆଦି କ୍ଷେତ୍ରରେ ସ୍ଥାନୀୟ ଲୋକେ



ନାନା ସମସ୍ୟାର ସମ୍ମୁଖିନ ହୋଇଛନ୍ତି । ସ୍କୁଲ, କଲେଜ ଯିବାରେ ବି ଛାତ୍ରଛାତ୍ରୀ ସମସ୍ୟା ଭୋଗିଛନ୍ତି । ଏହି ରାସ୍ତା ସୀମାନ୍ତବାସୀଙ୍କ ଆନ୍ଧ୍ର ସହ ଯୋଗାଯୋଗର ପ୍ରମୁଖ ବାଟ । ଏହି ରାସ୍ତା ଜୟନ୍ତିପୁରଠାରୁ ସିଧାସଳଖ ଆନ୍ଧ୍ରକୁ ସଂଯୋଗ ହୋଇଛି । କେଶରିପଡ଼ା, ବରଙ୍ଗ, ଖମ୍ବାରିଙ୍ଗା, ଜୟନ୍ତିପୁର ଆଦି ବିଭିନ୍ନ ପଞ୍ଚାୟତର ଜନସାଧାରଣ ସେମାନଙ୍କ ନିତ୍ୟ ବ୍ୟବସାୟ ଓ ଆବଶ୍ୟକ କାର୍ଯ୍ୟ ପାଇଁ ନିକଟସ୍ଥ ଆନ୍ଧ୍ରର କାଞ୍ଚିଲି, ରବିବାର ହାଟ, ଚିତ୍ତୁପୁଡ଼ି, ମଙ୍ଗଳବାର ହାଟ ଆଦି ଉପରେ ନିର୍ଭର କରନ୍ତି । ସମ୍ପ୍ରତି ବନ୍ୟା ପାଣି ପ୍ରବେଶ ଯୋଗୁ ଏହି ରାସ୍ତାରେ ଯାତାୟତ ବନ୍ଦ ହୋଇଛି । ଖବର ଲେଖିଲା ବେଳକୁ ପାଣିର ପ୍ରଖୋରତା ସ୍ୱଳ୍ପ ମାତ୍ରାରେ କମିଥିଲେ ହେଁ ଯାତାୟତ ସ୍ୱାଭାବିକ ହୋଇପାରିନି । ନିତ୍ୟ ଯାତାୟତ ବ୍ୟକ୍ତିବିଶେଷ ଅନ୍ୟ ରାସ୍ତା ଆପଣାଇଥିବା ଜଣାପଡ଼ିଛି । କେବଳ ଏହି ରାସ୍ତା ନୁହେଁ ଗୁଡ଼ିପଦର, ବି ନୂଆଗାଁ, ଟି ବ୍ରହ୍ମପୁର ଆଦି ରାସ୍ତା ଉପରେ ମଧ୍ୟ ପ୍ରବଳ ମାତ୍ରାରେ ପାଣି ବୋହୁଥିବା ଦେଖିବାକୁ ମିଳିଛି ।

## ଇଣ୍ଡିଆନ୍ ଆଇଡଲ୍‌ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

ଭୁବନେଶ୍ୱର,୨୯।୧୦(ସମିସ): ଇଣ୍ଡିଆନ୍ ଆଇଡଲ ସିଜନ୍-୧୬ରେ ଜଲ୍‌ୱା ଦେଖାଇଛନ୍ତି ଓଡ଼ିଆ ଝିଅ ଜ୍ୟୋତିର୍ମୟୀ । ଏହି ଜାତୀୟ ମଞ୍ଚରେ ତାଙ୍କ ତାଙ୍କ କଣ୍ଠସ୍ୱର ଓ ସଙ୍ଗୀତକୁ ବିଚାରକମଣ୍ଡଳୀ ବେଶ୍ ପ୍ରଶଂସା କରିଛନ୍ତି । ତେବେ ସଙ୍ଗୀତ ସାଙ୍ଗକୁ ତାଙ୍କର ମହନୀୟତା ଏବେ ଦେଶ ବିଦେଶରେ ବି ପ୍ରଶଂସା ସାଉଁଟିଛି ।

■ କର୍କଟ ରୋଗୀଙ୍କୁ ଦେଉଛନ୍ତି ମ୍ୟୁଜିକ୍ ଥେରାପି ଚିକିତ୍ସା

■ ମହାନତା ପାଇଁ ଜାତୀୟ ମଞ୍ଚରେ ବିଚାରକଙ୍କ ପ୍ରଶଂସା

କାରଣ ଜ୍ୟୋତିର୍ମୟୀ କେବଳ ଜଣେ କଣ୍ଠଶିଳ୍ପୀ ନୁହଁନ୍ତି ବରଂ ତାଙ୍କ ସଙ୍ଗୀତ ଅନେକଙ୍କ ଜୀବନରେ ପ୍ରାଣ ଭରିଦେଇଛି । ଦୀର୍ଘ ୨ବର୍ଷ ହେବ ସଙ୍ଗୀତକୁ ମାଧ୍ୟମ କରି କ୍ୟାନ୍ସର ରୋଗୀଙ୍କର ସେବାରେ ନିଜକୁ ସମର୍ପି ଦେଇଛନ୍ତି । କ୍ୟାନ୍ସର ପୀଡ଼ିତ ଏବଂ ଗର୍ଭବତୀ ମହିଳାଙ୍କୁ ମଧ୍ୟ ମ୍ୟୁଜିକ୍ ଥେରାପି ଦେଇ ତାଙ୍କର ଅନେକ କଷ୍ଟ ଲାଘବ କରିବାରେ ମାଧ୍ୟମ ପାଲଟିଛନ୍ତି । ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ବିଚାରକଙ୍କ ସମେତ ଉପସ୍ଥିତ ମ୍ୟୁଜିସିଆନ୍ ଏବଂ ଦର୍ଶକମାନେ ତାଙ୍କୁ ସାଧୁବାଦ୍ ଜଣାଇବା ସହ ଏଭଳି ମହତ କାର୍ଯ୍ୟ ଆଗକୁ ଜାରୀ ରଖିବାକୁ କହିଥିଲେ ।

ଭୁବନେଶ୍ୱର ପଳାଶୁଣୀରେ ବାପା ଚକ୍ରଧର ନାୟକ ଓ ମା'ଗୌରୀ ନାୟକଙ୍କ ସହ ରୁହନ୍ତି ଜ୍ୟୋତିର୍ମୟୀ । ସେ କିଟ୍ ବିଶ୍ୱବିଦ୍ୟାଳୟରୁ ବିଟେକ୍ କରିବା ପରେ ଚେନ୍ନାଇସ୍ଥିତ ସ୍କୁଲ ଅଫ୍ ମ୍ୟୁଜିକ ଥେରାପିରୁ ଶିକ୍ଷା ଗ୍ରହଣ କରିଛନ୍ତି । ଏହାପରେ ସେ କ୍ୟାନ୍ସର ରୋଗୀଙ୍କୁ ମ୍ୟୁଜିକ୍ ଥେରାପି ଦେବା ଆରମ୍ଭ କରିଥିଲେ । କ୍ୟାନ୍ସର ରୋଗୀଙ୍କୁ ସଙ୍ଗୀତ ଥେରାପି ଦେବା ପରେ ଯେଉଁ ଆଶୀର୍ବାଦ ମିଳେ, ତାହା ବହୁତ ଆନନ୍ଦ ଦେଇଥାଏ । ସଙ୍ଗୀତ ଥେରାପି ମାଧ୍ୟମରେ ରୋଗୀଙ୍କ ମୁହଁରେ ହସ ଓ ଖୁସି ଦେଖିଲେ, ଅନେକ ଦୁଃଖ କଷ୍ଟ ଭୁଲି ଯାଇଥାଏ ବୋଲି କହିବା ସହ ଏହା ତାଙ୍କ ଜୀବନର ଏକ ବଡ଼ ଉପଲବ୍ଧି ବୋଲି କହିଛନ୍ତି । କ୍ୟାନ୍ସର ରୋଗୀଙ୍କୁ ନିକଟକୁ ଯାଇ ସଙ୍ଗୀତ ମାଧ୍ୟମରେ ରୋଗୀଙ୍କୁ ଥେରାପି ଦେଇଥା'ନ୍ତି, ଯାହା ସେମାନଙ୍କ ମାନସିକ ଓ ଶାରୀରିକ ସ୍ତରରେ ସକରାତ୍ମକ ପ୍ରଭାବ ପକାଇଥାଏ । ସଙ୍ଗୀତ ମାଧ୍ୟମରେ ମଧ୍ୟ ଜଣଙ୍କ ମନକୁ ଖୁସିବାରେ ଭରପୂର ଆନନ୍ଦ ମିଳିଥାଏ । ଏହି ଥେରାପି ରୋଗୀଙ୍କ ମଧ୍ୟରେ ଅନେକ ସାହାସ ସୃଷ୍ଟି କରିଥାଏ ବୋଲି ସେ କହିଛନ୍ତି । ଜ୍ୟୋତିର୍ମୟୀ ଅନେକ ଓଡ଼ିଆ ସିନେମାରେ ପ୍ରଚ୍ଛଦପଟ ଗାୟିକା ଭାବେ ସୁନାମ ଅର୍ଜନ କରିଥିବା ବେଳେ ନିକଟରେ ତାଙ୍କର ଭଜନ 'ଚାରିଧାମ ଭିତରୁ ଗୋଟିଏ ଧାମ', 'ପାଗଳ ଭଅଁର', 'ଆମ ଗାଁ ଝିଅ ଖାଣ୍ଟି ଗୁଆ ଘିଅ' ଆଦି ସଙ୍ଗୀତ ବେଶ୍ ଲୋକପ୍ରିୟତା ହାସଲ କରିଛି । ଜ୍ୟୋତିର୍ମୟୀ ବଲିଉଡରେ ଓ ରିୟାଲିଟି ଶୋ' ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ଇଚ୍ଛା ରଖିଥିବା ବେଳେ ତାହା ପୂରଣ ହେବାକୁ ଯାଉଥିବାରୁ ପରିବାର ସଦସ୍ୟଙ୍କ ସମେତ ସମ୍ପର୍କୀୟ ଓ ଦର୍ଶକଙ୍କ ଶୁଭେଚ୍ଛାର ସୁଅ ଛୁଟିଛି । ସଙ୍ଗୀତ ଗାନ ସାଙ୍ଗକୁ ସଙ୍ଗୀତ ଥେରାପି ମାଧ୍ୟମରେ ଲୋକଙ୍କ ସେବା କରିବାର ଲକ୍ଷ୍ୟ ରଖିଥିବା ଜ୍ୟୋତିର୍ମୟୀ କହିଛନ୍ତି ।




ମଦ ପିଇ ଗାଡ଼ି ଚାଳନା

## ୩୮୮ଟି ଇ-ଚାଲାଣ ଜାରିକଲା ପରିବହନ ବିଭାଗ

କଟକ,୨୯ ।୧୦(ସମିସ): ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ୩ଦିନ ରାଜ୍ୟବ୍ୟାପୀ ପରିବହନ ବିଭାଗ ଓ ପୁଲିସ ପ୍ରଶାସନର ସହଭାଗିତାରେ ଯାଞ୍ଚ ଅଭିଯାନ କରାଯାଇଛି । ତେବେ ବାରମ୍ବାର ସଚେତନତା ସତ୍ତ୍ୱେ ରାସ୍ତାରେ ମଦ୍ୟପ ଗାଡି ଚାଳକ ଚେତୁନାହାନ୍ତି । ଏହି ତିନି ଦିନରେ ମଦ୍ୟପାନ କରି ଗାଡ଼ି ଚାଳନା ପାଇଁ ୩୮୮ଟି ଇ-ଚାଲାଣ ଜାରି କରିଛି ପରିବହନ ବିଭାଗ । ମଦ୍ୟପାନ କରି ଗାଡ଼ି ଚାଳନା ବାବଦରେ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୯, ରାଉରକେଲା ଆରଟିଓଙ୍କ ଦ୍ୱାରା ୨୮, ଭୁବନେଶ୍ୱର ଆରଟିଓଙ୍କ ଦ୍ୱାରା ୨୩, ଯାଜପୁର ଆରଟିଓଙ୍କ ଦ୍ୱାରା ୧୭, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୧୬ ଇ-ଚାଲାଣ ଜାରି କରାଯାଇଛି ।

ମୋଟରଯାନ ନିୟମ ଉଲ୍ଲଘଂନ ପାଇଁ ୪୪୭୬ ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ

ସେହିଭଳି ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ମଦ୍ୟପାନ କରି ଗାଡ଼ି ଚାଳନା, ବିନା ଫିଟନେସ୍, ବିନା ପରମିଟ୍ ଭଳି ନିୟମ ଉଲ୍ଲଙ୍ଘନ ବିରୋଧରେ ମୋଟ ୪୪୭୬ଟି ଚାଲାଣ ଜାରି ହୋଇଛି । ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୩୪୪ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଥିବା ବେଳେ ବିନା ଫିଟନେସ୍ ପାଇଁ ୧୦୪୦ ଓ ବିନା ପରମିଟ୍ ବାବଦରେ ୪୬୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି । ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ଯୋଗୁଁ ଭୁବନେଶ୍ୱର-୧ ଆରଟିଓଙ୍କ ଦ୍ୱାରା ୨୬, କଟକ ଏବଂ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୫ ଲେଖାଏଁ ଇ-ଚାଲାଣ, ବାଲେଶ୍ୱର ଆରଟିଓଙ୍କ ଦ୍ୱାରା ୨୨, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୨୧, ଏଆରଟିଓ ଖୋର୍ଦ୍ଧାଙ୍କ ଦ୍ୱାରା ୨୦ଟି ଇ-ଚାଲାଣ ଜାରି କରାଯାଇଛି । ବିନା ଫିଟନେସ୍ ପାଇଁ କଟକ ଆରଟିଓଙ୍କ ଦ୍ୱାରା ୮୬, ଭୁବନେଶ୍ୱର-୧ ଆରଟିଓଙ୍କ ଦ୍ୱାରା ୮୬, ପୁରୀ ଆରଟିଓଙ୍କ ଦ୍ୱାରା ୫୭, ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୫୨, ରାଉରକେଲା ଆରଟିଓଙ୍କ ଦ୍ୱାରା ୫୦, ବାଲେଶ୍ୱର ଆରଟିଓଙ୍କ ଦ୍ୱାରା ୪୯ଟି ଇ-ଚାଲାଣ ଜାରି କରାଯାଇଛି । ବିନା ପରମିଟ୍ ଯାଞ୍ଚ କରି ଏଆରଟିଓ ଖୋର୍ଦ୍ଧାଙ୍କ ଦ୍ୱାରା ୪୩, ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୩୪, କେନ୍ଦୁଝର ଆରଟିଓଙ୍କ ଦ୍ୱାରା ୨୭, ଭୁବନେଶ୍ୱର-୧ ଆରଟିଓଙ୍କ ଦ୍ୱାରା ୨୪, ପୁରୀ ଏବଂ ନୟାଗଡ ଆରଟିଓଙ୍କ ଦ୍ୱାରା ୨୩ଟି ଲେଖାଏଁ ଇ-ଚାଲାଣ ଜାରି କରାଯାଇଛି । ସମ୍ବଲପୁର ଆରଟିଓଙ୍କ ଦ୍ୱାରା ମୋଟ ୪୪୯, ଭୁବନେଶ୍ୱର-୧ ଆରଟିଓଙ୍କ ଦ୍ୱାରା ୩୭୮, ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୩୩୮, ସୁନ୍ଦରଗଡ ଆରଟିଓଙ୍କ ଦ୍ୱାରା ୨୫୯ ଏବଂ ରାଉରକେଲା ଆରଟିଓଙ୍କ ଦ୍ୱାରା ୨୫୨ଟି ଇ-ଚାଲାଣ ଜାରି କରାଯାଇଛି ।

ପଦ ଏକ, ଦାୟିତ୍ୱ ଅନେକ

## କୋମାରେ ସଂସ୍କୃତି ବିଭାଗ

ଭୁବନେଶ୍ୱର,୨୯।୧୦(ସମିସ): ଓଡ଼ିଆ ଅସ୍ମିତାକୁ ଆଧାର କରି ନୂଆ ସରକାର ଗଠନ ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଅନେକ ଆଶା ରହିଥିବା ବେଳେ କାର୍ଯ୍ୟ ଶୂନ । ଅସ୍ମିତା ମଙ୍ଗ ଧରିଥିବା ସଂସ୍କୃତି ବିଭାଗ ସ୍ଥାଣୁ ପାଲଟିଛି । ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ଭାଙ୍ଗିବାକୁ ୨ବର୍ଷ ବିତିଯାଇଛି; କିନ୍ତୁ ଏଯାଏଁ ପୁନର୍ଗଠନ ହୋଇପାରିନାହିଁ ପରିଷଦ । ଫଳରେ ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ଅଟକି ରହିଛି । ଏପଟେ ପଦ ଏକ କିନ୍ତୁ ଦାୟିତ୍ୱ ଅନେକ । ବିଭାଗୀୟ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସଚିବ, ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଏକାଧିକ କାର୍ଯ୍ୟଭାର ସମ୍ଭାଳିଛନ୍ତି । ଏହାଦ୍ୱାରା କୌଣସି ଗୋଟିଏ ସଠିକ୍ ଢଙ୍ଗରେ ହେଉନାହିଁ ବା ଯେଉଁଭଳି ବିକାଶ ହେବା କଥା ସେଭଳି ହେଉ ନ ଥିବା ଦେଖିବାକୁ ମିଳିଛି । ଏହାଛଡ଼ା ସଂସ୍କୃତି ବିଭାଗରେ ଅଧସ୍ତନ କାର୍ଯ୍ୟାଳୟ, ସ୍ୱୟଂଶାସିତ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ଏଠାରେ ମଧ୍ୟ ମାନବସମ୍ବଳର ଅଭାବ ରହିଛି । ଦୀର୍ଘବର୍ଷ ଧରି ଚୁକ୍ତିଭିତ୍ତିରେ ଅନେକ କର୍ମଚାରୀ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କର ନିୟମିତ ହେଉନଥିବା ଅଭିଯୋଗ ହୋଇଛି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରେ ସାଧାରଣ ପରିଷଦ ଥାଇଁ ମଧ୍ୟ ଏ ପର୍ଯ୍ୟନ୍ତ ସଭାପତି ଓ ଉପସଭାପତି ନିଯୁକ୍ତି ହେଇ ପାରୁନାହିଁ । ଖାଲି ସେତିକି ନୁହେଁ; ଏକାଡେମୀର ତିନି ବର୍ଷ ୨୦୨୩,୨୦୨୪ ଓ ୨୦୨୫

## କେବେ ପୂରଣ ହେବ ମାନବସମ୍ବଳ ଅଭାବ

ପାଇଁ ପୁରସ୍କାର ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ ପୁରସ୍କାର ଚୟନ ଓ ପ୍ରଦାନରେ କାହିଁକି ଅହେତୁକ ବିଳମ୍ବ ହେଉଛି ତାହାକୁ ନେଇ କଳାକାର ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପଇଲାଣି ।

ସୂଚନା ଅନୁସାରେ, ବିଭାଗୀୟ ମନ୍ତ୍ରୀ ସଂସ୍କୃତି ବିଭାଗ ସହ ଆଉ ଦୁଇଟି ବିଭାଗରେ ମନ୍ତ୍ରୀ ରହିଛନ୍ତି । ସେହିପରି ନିର୍ଦ୍ଦେଶକ ମଧ୍ୟ ଏକାଧିକ ଦାୟିତ୍ୱରେ ଅଛନ୍ତି । ନିକଟରେ ତାଙ୍କୁ ସଚିବ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି । ତେବେ ସ୍ୱୟଂଶାସିତ ସଂସ୍ଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ସାହିତ୍ୟ ଏକାଡେମୀ, ଉର୍ଦ୍ଦୁ ଏକାଡେମୀ ଏବଂ ଲଳିତକଳା ଏକାଡେମୀ ମଧ୍ୟ ପଦ ଫାଙ୍କର ରହିଛି । ଉର୍ଦ୍ଦୁ ଏବଂ ସାହିତ୍ୟ ଏକାଡେମୀରେ ସଚିବ ଥିବାବେଳେ ସଭାପତି ଏବଂ ଉପସଭାପତି ନାହାନ୍ତି । ସେହିପରି ଲଳିତକଳା ଏବଂ ସଙ୍ଗୀତ ନାଟକ ଏକାଡେମୀରେ ସ୍ଥାୟୀ ସଚିବ ନଥିବାବେଳେ ସଭାପତି ଓ ଉପସଭାପତି ବି ନାହାନ୍ତି । ଓଡ଼ିଆ ଭାଷା ପ୍ରତିଷ୍ଠାନରେ ଆବଶ୍ୟକ ଅନୁସାରେ ମାନବସମ୍ବଳ ନ ଥିବା ସହ ନିୟମିତ କର୍ମଚାରୀ ନାହାନ୍ତି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ କୁଳପତି ମଧ୍ୟ ଅତିରିକ୍ତ ଦାୟିତ୍ୱରେ ଆଉ ଏକ ବିଶ୍ୱବିଦ୍ୟାଳୟର କୁଳପତି ଅଛନ୍ତି । ସଙ୍ଗୀତ ମହାବିଦ୍ୟାଳୟରେ ବି ସ୍ଥିତି ସମାନ । ଅତିଥି ଅଧ୍ୟାପକ ପାଠପଢ଼ାର ମଙ୍ଗ ଧରିଥିବା ବେଳେ ରାଜ୍ୟ ଗ୍ରନ୍ଥାଗାରରେ ମୂଳ ପଦ ଅନୁସାରେ କର୍ମଚାରୀଙ୍କ ଅଭାବ ରହିଛି । ତା'ସାଙ୍ଗକୁ ରାଜ୍ୟ ସଂଗ୍ରହାଳୟ ଏବଂ ରାଜ୍ୟ ଅଭିଲେଖାଗାର ଅନେକ ପଦ ଫାଙ୍କା ରହିଛି । ସେହିପରି ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ମଧ୍ୟ ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ । ଏଥିରେ ମଧ୍ୟ ପ୍ରତିବନ୍ଧକ ସାଜିଛି ମାନବସମ୍ବଳ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବେ ଏଭଳି ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ସାହିତ୍ୟ ଏକାଡେମୀର ସ୍ୱ-ନକ୍ଷତ୍ର ଦିବସ ଅବସରରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଖାଲି ପଡ଼ିଥିବା ବିଭିନ୍ନ ପଦପଦବୀ ପୂରଣ ଏବଂ ପୁରସ୍କାର ପ୍ରଦାନ ଦିଗରେ ସରକାର ସକରାତ୍ମକ ପଦକ୍ଷେପ ଗ୍ରହଣ କରୁଥିବା ଦର୍ଶାଇଥିବା ବେଳେ ନିକଟରେ ସଂସ୍କୃତି ବିଭାଗ ସମ୍ମିଳନୀକକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମଧ୍ୟ ମାନବସମ୍ବଳ ପୂରଣ ହେବ ବୋଲି ମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଦିନ ପରେ ଦିନ ଗଡୁଛି ହେଲେ ଅଟକି ରହିଥିବା ବିଭିନ୍ନ କାର୍ଯ୍ୟପନ୍ଥା ତ୍ୱରାନ୍ୱିତ ହେବା ବଦଳରେ ସ୍ଥାଣୁ ପାଲଟିଯାଉଛି ବିଭାଗ । କାରଣ ସମସ୍ୟାର ସମାଧାନ କେବେ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/15 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ମୁଖ୍ୟ (ପ୍ରଡକ୍ଟ, ବିନିଯୋଗ ଏବଂ ଅନୁସନ୍ଧାନ) | 01 |
| ଜୋନାଲ ମୁଖ୍ୟ | 04 |
| ଆଞ୍ଚଳିକ ମୁଖ୍ୟ | 07 |
| ଆରଏମ୍ - ଟିମ୍ ଲିଡ୍ | 19 |
| ବିନିଯୋଗ ବିଶେଷଜ୍ଞ | 22 |
| ବିନିଯୋଗ ଅଧିକାରୀ | 46 |
| ପ୍ରକଳ୍ପ ବିକାଶ ପରିଚାଳକ (ବ୍ୟବସାୟ) | 02 |
| କେନ୍ଦ୍ରୀୟ ଅନୁସନ୍ଧାନ ଦଳ (ସହାୟତା) | 02 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 27.10.2025 ରୁ 17.11.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 27.10.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ THE SAKALA



# ଶିବ ମନ୍ଦିର ଉପରେ ବଜ୍ରପାତ

**ଭକ୍ତ ଆହତ ପୂଜକ ଗୁରୁତର**

ଭୋଗରାଇ/କମର୍ଦ୍ଧା,୨୯।୧୦ (ସମିସ): ବାତ୍ୟା ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ପବନ ଲାଗିରହିଥିଲାବେଳେ ଆଜି ସକାଳେ ପୂଜକ ମନ୍ଦିରରେ ପୂଜା କରିବା ସମୟରେ ହଠାତ ବଜ୍ରପାତ ହୋଇଥିଲା। ଏହି ବଜ୍ରପାତ ମନ୍ଦିର ଉପରେ ହେବାରୁ ମନ୍ଦିରର ଗର୍ଭ ଗୃହ ଫାଟିଯିବା ସହ ମନ୍ଦିର ଭିତରେ ଥିବା ପୂଜକ ଗୁରୁତର ହୋଇଥିବା ବେଳେ ଜଣେ ମହିଳା ଭକ୍ତ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଧା ଥାନା ଅଧିନସ୍ଥ ଦୁଡ଼ପଲ ଗ୍ରାମପଂଚାୟତ ବାହାର୍ଦ୍ଧା ଗ୍ରାମରେ। ଗାଁ ମଝିରେ ଥିବା ବାବା ଗର୍ଭେଶ୍ୱର ଶିବ ମନ୍ଦିରରେ ଘଟିଛି ଏଭଳି ଘଟଣା । ପୂଜକ ବାଙ୍ଗରା ନନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠା ଯାଇଥିଲାବେଳେ ମହିଳା ଭକ୍ତଙ୍କୁ ନିକଟସ୍ଥ କମର୍ଦ୍ଧା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

# ସାପ କାମୁଡ଼ାରେ ଯୁବକ ମୃତ

ରାଜଘାଟ, ୨୯।୧୦ (ସମିସ): ବସ୍ତା ଥାନା ଅନ୍ତର୍ଗତ ଗୋହିରାଗଡିଆ ଗ୍ରାମର ଜୈନିକ ଯୁବକର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଏହି ଗ୍ରାମର ସୁରେନ୍ଦ୍ର ହାତୀ। ଆଜି ଭୋର ସମୟରେ ସୁରେନ୍ଦ୍ର ପୂଜା କରିବା ପାଇଁ ଠାକୁର ଘର ସଫା କରୁଥିବା ସମୟରେ ଘର ଭିତରେ ଥିବା ଏକ ବିଷଧର ଗୋଖର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡ଼ାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଟ୍ରେନ୍‌ରୁ ଖସିପଡ଼ି ଯୁବକ ମୃତ

ରାଜଘାଟ, ୨୯।୧୦ (ସମିସ): ଦକ୍ଷିଣ ପୂର୍ବ ରେଳପଥର ଅମର୍ଦ୍ଦାରୋଡ-ରାଜଘାଟ ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ପଞ୍ଚୁରୁଖି ରେଳଫାଟକ ନିକଟରେ ଟ୍ରେନରୁ ଖସିପଡ଼ି ଜଣେ ଯୁବକର ମୃତ୍ୟୁ ହୋଇଛି। ଆଜି ସକାଳ ସମୟରେ ଉକ୍ତ ରେଳଫାଟକର ଡାଉନ ଲାଇନ ନିକଟ ଘାସବୁଦାରେ ଉକ୍ତ ଯୁବକର ମୃତଦେହ ପଡ଼ିଥିବାର ଦେଖି ସ୍ଥାନୀୟ ଲୋକ ସମେତ ଫାଟକ କର୍ମଚାରୀ ଜିଆରପିକୁ ଖବର ଦେଇଥିଲେ। ଖବର ପାଇ ଜିଆରପି ପୁଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ଯୁବକର କୌଣସି ପରିଚୟ ମିଳିପାରି ନଥିବା ବେଳେ ଗତକାଲି କୌଣସି ଏକ୍ସପ୍ରେସ୍ ଟ୍ରେନରୁ ଖସିପଡ଼ି ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି।

# ଚୋରା ମଦ ଜବତ, ୫ ଗିରଫ



ଭୋଗରାଇ,୨୯।୧୦(ସମିସ): ଭୋଗରାଇ ବ୍ଲକ ଅବକାରୀ ଥାନା ପକ୍ଷରୁ ଭୋଗରାଇର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୮୬ ଲିଟର ଚୋରା ମଦ ସହିତ ୫ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଭୋଗରାଇ ବ୍ଲକ ଦହମୁଣ୍ଡା ଗ୍ରାମର ମଧୁସୂଦନ ପଣ୍ଡାଙ୍କ ପୁଅ ଶରତ ପଣ୍ଡା, କଟିସାହି ଗ୍ରାମର ଗଙ୍ଗାଧର ଦତ୍ତଙ୍କ ପୁଅ ନିଗମାଗୁରୁ ଦତ୍ତ, ଖଡ଼ିବିଲ ଗ୍ରାମର ଭରତ ଚନ୍ଦ୍ର ଜେନା, ଚକସରବଣୀ ଗ୍ରାମର ଗୋପିନାଥ ପାତ୍ରଙ୍କ ପୁଅ ଜୟଦେବ ପାତ୍ର, ଖଡ଼ିବିଲ ଗ୍ରାମର ଝଡେଶ୍ୱର ଦଳାଇଙ୍କ ପୁଅ ଶକ୍ତିପଦ ଦଳାଇ ପାଖରୁ ମଦ ଜବତ କରିଛି ଅବକାରୀ ବିଭାଗ। ଏ ନେଇ ଭୋଗରାଇ ଅବକାରୀ ଥାନାରେ ମାମଲା ରୁଜୁ ହୋଇଛି। ଏହି ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

# ଜଳମଗ୍ନ ସମସ୍ୟାର ହେଲା ସମାଧାନ



ସୋର,୨୯।୧୦(ସମିସ): ବାତ୍ୟା ମୋନ୍ଥାର ପ୍ରଭାବ ସୋରରେ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା କାରଣରୁ ସୋର ପୌରପାଳିକାର ବିଭିନ୍ନ ସ୍ଥାନରେ ପାଣି ଜମିବା ସମେତ ଅନେକ ସ୍ଥାନରେ ଲୋକଙ୍କ ଘରେ ପାଣି ପଶିଥିବା ଦେଖିବକୁ ମିଳିଛି। ପୌର ପାଳିକା ଅନ୍ତର୍ଗତ ମାଟିଆପଲା ଛକ ନିକଟରେ ରହୁଥିବା ୧୦ରୁ ଅଧିକ ପରିବାର ଏହି ପାଣି ବୁଡିବା କାରଣରୁ ଜଳମଗ୍ନ ଅବସ୍ଥାରେ ଥିଲେ। ଏ ନେଇ ଆଜି ସକାଳେ ଗ୍ରାମବାସୀ ସୋର ତହସିଲଦାର ଦୈତାରୀ ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଥିଲେ। ଅପରାହ୍ନରେ ସୋର ତହସିଲଦାର ଶ୍ରୀ ମଲିକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ସ୍ଥାନୀୟ କାଉନ୍ସିଲରଙ୍କ ଉପସ୍ଥିତିରେ ନାଳ ଚିରି ପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ।

**ବାତ୍ୟା 'ମୋନ୍ଥା' ପ୍ରଭାବରେ ବାଲେଶ୍ୱରରେ ଲଗାଣ ବର୍ଷା**

# ପାଣିରେ ବୁଡ଼ିଲା ପାଚିଲା ଧାନ

ବାଲେଶ୍ୱର, ୨୯ ।୧୦(ସମିସ)





ବାତ୍ୟା 'ମୋନ୍ଥା' ପ୍ରଭାବରେ ବାଲେଶ୍ୱର ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ ଧାନ ଫସଲ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି।

ଆଉ ଗୋଟିଏ ସପ୍ତାହ ଯାଇଥିଲେ ପାଚିଲା ଧାନ ସବୁ କଟା ହୋଇଥାଆନ୍ତା। କିନ୍ତୁ ଗତକାଲି ପବନ ସାଙ୍ଗକୁ ବର୍ଷା ହେବା ଫଳରେ ବିଲରେ ଧାନଗଛ ଗୁଡିକୁ ଶୁଆଇଦେଇଥିବା ବେଳେ ତାହା ଏବେ ପାଣିରେ ବୁଡି ରହିଛି। ଫଳରେ ଧାର କରଜ କରି ଧାନ ଚାଷ କରିଥିବା ଚାଷୀମାନେ ଏବେ ଚିନ୍ତାରେ ରହିଛନ୍ତି।

ବାତ୍ୟାର କିଛି ମାସ ପୂର୍ବରୁ ଚାଷୀ ବିଲରେ ତଳି ପକାଇଥିଲେ। ସେତେବେଳେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ କିଛି ତଳି ମଧ୍ୟ ନଷ୍ଟ ହୋଇଯାଇଥିଲା। ଯାହା କିଛି ରହିଥିଲା ସେଥିରେ ଧାନ ଅମଳ ହୋଇଥିଲା। ହେଲେ ଠିକ ଧାନ କାଟିବା ସମୟରେ ଏହି ବାତ୍ୟା ଚାଷୀମାନଙ୍କର ଚାଷକୁ ଉଜାଡି ଦେଇଛି। ଗତକାଲି ରାତିରେ ଭୀଷଣ ବର୍ଷା ହେବା ଫଳରେ ବିଲରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି। ଆଉ ପବନ ହେବା ଫଳରେ ପାଚିଲା ଧାନ ଗୁଡିକୁ ଶୁଆଇଦେଇଛି। ଯାହାକି ସେଇ ଧାନ ଗୁଡିକୁ କାଟିବା ଏବେ କାଠିକର ପାଠ ହେବ। ଧାନର ଥୋଡ ଗୁଡିକ ପାଣିରେ ବୁଡି ରହିବା ଫଳରେ ଖୁବ କମ ଦିନରେ ତାହା ଗଜା ହୋଇଯିବା ନିଶ୍ଚିତ ହୋଇଛି। ପଦାବଡଗାଁ ଅଞ୍ଚଳର ଚାଷୀ ଉମାକାନ୍ତ ଭୂୟାଁ କହିଛନ୍ତି ଯେ ସେ ଚଳିତ ବର୍ଷ ୮ଏକର ଜମିରେ ୫୦କେଜି ଧାନର ତଳି ପକାଇଥିଲେ। ହେଲେ ତଳି ପକାଇବାର କିଛି ଦିନ ମଧ୍ୟରେ ବର୍ଷା ହୋଇଯିବାରୁ ଧାନ ସବୁ ଉପରକୁ ଉଠି ଆସିଥିଲା ଆଉ ଯାହାବି କିଛି ତଳି ହୋଇଥିଲା ତାହା ସବୁ ନଷ୍ଟ ହୋଇଯାଇଛି। ତେବେ ଚାଷୀଙ୍କ ଦୁଃଖ ପୂର୍ବରୁ ଲଗାଣ ବର୍ଷା ଆଉ ଏବେ ବାତ୍ୟା ବଢ଼ାଇଦେଇଥିବା ବେଳେ ଅମଳ ହେବାକୁ ଥିବା ଧାନ କିପରି ପାଇବେ ତାହାକୁ ନେଇ ଏବେ ଚିନ୍ତାରେ ବୋଲି ସେ କହିଛନ୍ତି। ସେହିପରି ଆଉ ଜଣେ ଚାଷୀ ବାବୁଲା ମାର୍ଣ୍ଡି କହିଛନ୍ତି ଯେ, ସେ୧୨ଏକର ଜମିରେ ତଳି ପକାଇଥିଲେ। ପୂର୍ବରୁ ଲଗାଣ ବର୍ଷା ଫଳରେ ତଳି ନଷ୍ଟ ହୋଇଥିଲା କିଛି ଆଉ ଯାହା ଥିଲା ତାକୁ ଚାଷ କରିଥିଲେ। ଏବେ ଚାଷ ଅମଳ ସମୟ। ସବୁ ଧାନ ଗୁଡିକ ପାଚିଯାଇଥିଲା। ବାକି ଗୋଟିଏ ସପ୍ତାହ ମଧ୍ୟରେ ତାହା ଅମଳ ହେବାରଥିଲା। ହେଲେ ଏହି ବାତ୍ୟା ସବୁ କିଛି ବିଗାଡି ଦେଲା। ପବନ ଓ ବର୍ଷା ଫଳରେ ଧାନ ଗଛ ଗୁଡିକ ଶୋଇଯାଇଥିବା ବେଳେ ଥୋଡ ଗୁଡିକ ପାଣିରେ ବୁଡି ରହିଛି। ଧାର କରଜ ଏବଂ ସୋସାଇଟିରୁ ଋଣ କରି ଏହି ଚାଷ କାର୍ଯ୍ୟ କରିଥିଲେ ଏବେ କିପରି ଭାବେ ତାହା ଭରଣ ହେବ ସେ ନେଇ ଚିନ୍ତାରେ ରହିଛନ୍ତି ବୋଲି କହିଛନ୍ତି। ଏ ବାବଦରେ ସଦର ବ୍ଲକ କୃଷି ଅଧିକାରୀ ଅଳକା ସାହୁ କହିଛନ୍ତି ଯେ ଆଜି ସେ ହଳଦୀପଦା, ରାଇସୁଆଁ, ଓଡ଼ଙ୍ଗୀ ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। ପାଖାପାଖି ୪୨ ଏକର ଚାଷ ଜମି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଏହାଛଡା ଯେଉଁ ଧାନ ଗୁଡିକ ବିଲରେ ଶୋଇଯାଇଛି ଏହି ବର୍ଷା ଛାଡିବା ପରେ ତାହା ଠିକ ହୋଇଯିବ ବୋଲି ସେ କହିଛନ୍ତି।

# ସୋର ଗୋଶାଳାର ଗୋଷ୍ଠାଷ୍ଟମୀ ଉତ୍ସବ




ସୋର, ୨୯।୧୦(ସମିସ): ୧୯୨୪ ମସିହାରେ ସ୍ଥାପିତ ଓଡ଼ିଶାର ସର୍ବପୁରାତନ ସୋର ଗୋଶାଳର ୧୦୧ତମ ଗୋଷ୍ଠାଷ୍ଟମୀ ଉତ୍ସବ ମହାସମାରୋହରେ ପାଳନ ହୋଇଛି। ପୂର୍ବାହ୍ନରେ ସତ୍ୟସାଇ ସେବା ସମିତି ସୋରର ପରିଚାଳକ ଭଗବାନ ମହାପାତ୍ରଙ୍କ ନେତୃତ୍ୱରେ ସଂଗଠନର ପିଲାମାନେ "ରୁଦ୍ରାର୍ପିତମ୍' କାର୍ଯ୍ୟକ୍ରମରେ ୩ ଘଣ୍ଟା ଧରି ବେଦପାଠ କରିଥିଲେ। ଗୋପାଳ ମୂର୍ତ୍ତି ପୂଜନ ଓ ଗୋ ପୂଜନ ମଧ୍ୟ କରାଯାଇଥିଲା। ନୂତନ ଦୋକାନ ଗୃହ ନିର୍ମାଣ ନିମିତ୍ତ ଭୂମିପୂଜନ କରାଯାଇଥିଲା। ସାନ୍ଧ୍ୟ ଅଧିବେଶନରେ ଏକ ସାଧାରଣସଭା ଗୋଶାଳାର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ପ୍ରଫେସର ଡା. ଶ୍ରୀକାନ୍ତ ପଣ୍ଡା ଓ ପୂର୍ବତନ ମୁଖ୍ୟ ପଞ୍ଚକର୍ମ ବିଭାଗ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ପୁରୀର ଡ. ଦେବପ୍ରସାଦ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶାରୀରିକ, ମାନସିକ ଓ ଆନିକ ସୁସ୍ଥତାରେ ପଞ୍ଚକର୍ମର ଉପଯୋଗିତା ଉପରେ ବିଶଦ ଆଲୋଚନା କରିଥିଲେ। ଗୋଶାଳାର ସଂପାଦକ ଡମ୍ବରୁଧର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ଗୋଶାଳା ପରିସରରେ ପ୍ରଥମ କରି ତୁଳା ଦାନ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଲ୍ଲୀପୁର, ପାଖର ଗ୍ରାମ ନିବାସୀ ଜୟଦେବ ପଣ୍ଡା ଓ ରୁଷୋ ଗ୍ରାମ ନିବାସୀ ସନାତନ ଯଶମୁଖ ଗୋସେବକ ଦ୍ୱୟଙ୍କୁ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରିବେଣୀ କଳା କେନ୍ଦ୍ର, ସୋରର ଅଧକ୍ଷା ପୁଷ୍ପାରାଣୀ ନାୟକଙ୍କ ନେତୃତ୍ୱରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଦସ୍ୟା ଭାରତୀ ମହାନ୍ତି ଗୋମାହାତ୍ମ୍ୟ ଗାନ କରିଥିଲେ। ଉପସଭାପତି ଦାମୋଦର ଦାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାଦମ୍ବିନୀ ପାଣିଗ୍ରାହୀ ଗୀତାପାଠ କରିଥିଲେ। ଗୋଶାଳା କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ ଅନୁଷ୍ଠାନର ଆୟ-ବ୍ୟୟ ବିବରଣୀ ଉପସ୍ଥାପନ କରିଥିବାବେଳେ ଉଦ୍ଧବ ଚରଣ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁ ଚିକିତ୍ସା ଶିବିର



ଜଳେଶ୍ୱର,୨୯।୧୦(ସମିସ): ଜାତୀୟ ରାଜପଥ ପ୍ରାଧିକରଣ ଏନ.ଏଚ. ୬୦ ବାଲେଶ୍ୱର ଖରଗପୁର ଏକ୍ସପ୍ରେସ ୱେ ଲିମିଟେଡ଼ ପକ୍ଷରୁ ରୋଟାରି କ୍ଲବ ଶାଶ୍ୱତ ସହଯୋଗରେ ସୂର୍ଯ୍ୟମଣି ନେତ୍ରାଳୟ ଭୋଗରାଇ ଦ୍ୱାରା ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିରକୁଳି ସେବା ସଦନର ଡାକ୍ତର ଜ୍ୟୋତି ପ୍ରକାଶ ମହାନ୍ତି ଉଦଘାଟନ କରିଥିଲେ। ବାଲେଶ୍ୱର ଖରଗପୁର ଏକ୍ସପ୍ରେସୱେ ର ଡେପୁଟି ପ୍ରୋଜେକ୍ଟ ମ୍ୟାନେଜେର ହେମନ୍ତ କୁମାର, ନିଶାନ୍ତ ମଣ୍ଡଳ, ଆର.ପି.ଓ ରଂଜିତ ଦାସ ସମେତ ଟୋଲପ୍ଲାଜାର ସମସ୍ତ କର୍ମଚାରୀ ଡ୍ରାଇଭର ମାନଙ୍କୁ ଅଟକାଇ ସେମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ କମଳ ଚକ୍ରବର୍ତ୍ତୀ, ରାଜୀବ ପରିଡା, ସୁଦାମ ପାତ୍ର, ରବୀନ୍ଦ୍ର ବାରିକ, ହରିଶଙ୍କର ଜେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ହିସାବରକ୍ଷକ ଦିଲ୍ଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଖିବୁଜିଲେ କାର୍ଯ୍ୟରତ ସାମ୍ବାଦିକ କିଶୋର ବେହେରା

ଖଇରା,୨୯ ।୧୦(ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର କାର୍ଯ୍ୟରତ ସାମ୍ବାଦିକ କିଶୋର ବେହେରା (୪୫) କିଡ୍‌ନୀ ରୋଗରେ ଆଖିବୁଜିଛନ୍ତି। ସେ ଗତ ୪ବର୍ଷ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ଦିନ ସୋରରେ ଡାଇଲିସିସ୍ ଚାଲିଥିବା ବେଳେ ହୃଦଘାତରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ପହଞ୍ଚି ଶେଷ ଦର୍ଶନ କରିଥିବା ବେଳେ ବିଧାୟକ ପଦ୍ମଲୋଚନ ପଣ୍ଡା, ବିଜେଡି ନେତା ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସମାଜସେବୀ ଶଶିକୁମାର ସାହୁ, ପୂର୍ବତନ ରାଜ୍ୟ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ, କଂଗ୍ରେସ ନେତା ହିମାଂଶୁ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ଖଇରା ସାମ୍ବାଦିକ ସଂଘ ତରଫରୁ ବୁଧବାର ଶୋକସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବରିଷ୍ଠ ଉପଦେଷ୍ଟା ଅନାମ ଚରଣ ପଣ୍ଡା, ସଭାପତି ଉତ୍କଳବନ୍ଧୁ ପଣ୍ଡା, ଉପସଭାପତି ତପୋଧନ ବାରିକ, ସମ୍ପାଦକ ବଳରାମ ଲେଙ୍କା, କୋଷାଧ୍ୟକ୍ଷ ଧନଞ୍ଜୟ ପଣ୍ଡା, କୈଳାସ ଚନ୍ଦ୍ର ଦାସ, ସଞ୍ଜୟ କୁମାର ବେହେରା, ଉମେଶ ଜେନା, ମନୋଜ କୁମାର ପ୍ରଧାନ, ଛାୟାକାନ୍ତ ମହାନ୍ତି, ନିଶିକାନ୍ତ ମହାନ୍ତି, ବିସ୍ମୟ ବେହେରା ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ବେହେରାଙ୍କ ଗଣମାଧ୍ୟମ ଜଗତ ପ୍ରତି ଥିବା ନିଷ୍ଠା, କର୍ତ୍ତବ୍ୟବୋଧତା, ସଚ୍ଚୋଟପଣିଆ ଉପରେ ଆଲୋକପାତ କରିଥିଲେ। ଏହାଛଡା ଓଡିଶା ସାମ୍ବାଦିକ ୟୁନିଅନ ତରଫରୁ ଅନ୍ୟ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି।



# ଦୁର୍ଘଟଣାରେ ଗୁରୁତର ବିଜେପି ନେତ୍ରୀଙ୍କ ମୃତ୍ୟୁ

ଜଳେଶ୍ୱର ବ୍ଲକ, ୨୯।୧୦(ସମିସ): ଜଳେଶ୍ୱର ବ୍ଲକ ଅଧିନସ୍ଥ ଖୁଦିଆ ମାଝିସାହି ପଞ୍ଚାୟତର ବିଜେପି ସରପଞ୍ଚ ପ୍ରାର୍ଥୀନି ତଥା ନାରୀନେତ୍ରୀ ଲକ୍ଷ୍ମୀପ୍ରିୟା ସିଟଙ୍କ(୩୬)ଙ୍କ ଗତକାଲି ଦେହାନ୍ତ ହୋଇଯାଇଛି । ଚଳିତ ଅକ୍ଟୋବର ୧୬ ତାରିଖ ଦିନ ବାଇକରେ ବସି ହାତୀଗଡ଼ ବ୍ୟାଙ୍କରୁ ଫେରୁଥିବା ସମୟରେ ବାଇକରୁ ଖସି ତାଙ୍କ ମୁଣ୍ଡ ପଛ ପାର୍ଶ୍ୱରେ ଆଘାତ ଲାଗି ମୁଣ୍ଡରେ ରକ୍ତ ଜମାଟ ବାନ୍ଧିଯାଇଥିଲା । ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଯୁବନେତା ବିପ୍ଳବ ପ୍ରଧାନ, ତପନ ସାହୁ, ସଞ୍ଜୟ ଘୋଷ, ଖୁଦିଆମାଝିସାହି ନାଏବ ସରପଞ୍ଚ କ୍ଷିତୀଶ ଦେ, ସୁଶାନ୍ତ ଘୋଷ, ବିଜେପି ମଣ୍ଡଳ ସଭାପତି ଅନୁପ ପ୍ରଧାନ, ଅଜିତ ସିଂ, ଶଶାଙ୍କ ପାଲ, ଗଣେଷ ସିଂ ପ୍ରମୁଖ ତାଙ୍କ ପରିବାରକୁ ଭେଟି ସ୍ୱାମୀ ଗୌତମ ସିଟ, ୧୪ ବର୍ଷର ପୁଅ ଏବଂ ୬ ବର୍ଷର ଝିଅକୁ ସମବେଦନା ଜଣାଇଥିଲେ।

**Government of Odisha "e" Procurement** C-1344
**Notice Bid Identification No.37/2025-26**

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Supertintending Engineer,
P.H. Division, Bhubaneswar

OIPR-13205/11/0040/2526

**OFFICE OF THE EXECUTIVE ENGINEER** O-1160
**RURAL WORKS DIVISION, BARGARH**
**e-Procurement Notice No. ONLINE-BGH-11 OF 2025-26**

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.

Superintending Engineer
R.W. Division, Bargarh

OIPR-25062/11/0037/2526

No. 4107 / Dated 25.10.2025 O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
   (1) Other details can be seen from detailed notice
   (2) Inviting tenders available in website: www.tendersodisha.gov.in
   (3) Corrigendum, if any, shall only be published in the website: www.tendersodisha.gov.in

Executive Engineer
Rural Works Division, Sonepur

OIPR-25054/11/0045/2526

**ମୋରମ ଓ ମାଟି ମାଫିଆଙ୍କ ପାଇଁ ବଢୁଛି ଦୁର୍ଦ୍ଦଶା**

# ଭାରୀଯାନ ଚଳପ୍ରଚଳରେ ରାସ୍ତା ନଷ୍ଟ

ରୂପସା, ୨୯।୧୦ (ସମିସ)



**ନୂଆ ରାସ୍ତା ନିର୍ମାଣ କରିବାକୁ ଦେଉନାହାନ୍ତି ପଞ୍ଚାୟତବାସୀ**
**ପଡ଼ି ରହିଛି ୮ କୋଟି ଟଙ୍କା**

ବସ୍ତା ବ୍ଲକ ଗଡପଦା ପଞ୍ଚାୟତରେ ଏବେ ମାଟି ଓ ମୋରମ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଏହି ପଞ୍ଚାୟତ ପାଇଁ ଦୁଇଟି ନୂତନ ରାସ୍ତାର ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ଦୁଇ ଠିକାଦାରଙ୍କୁ ପଞ୍ଚାୟତବାସୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦେଉ ନାହାନ୍ତି। ଯାହା ଫଳରେ ଏହି ଅଞ୍ଚଳରେ ଏବେ ଚାପା ଉତ୍ତେଜନା ଲାଗି ରହିଛି। ଏହି ପଞ୍ଚାୟତର ସୀମା ପଡୋଶୀ ମୟୂରଭଞ୍ଜ ଜିଲ୍ଲାକୁ ଲାଗିଛି। ଏହି ପଞ୍ଚାୟତରେ ପର୍ଯ୍ୟାପ୍ତ ପରିମାଣର ମୋରମ ମହଜୁଦ ରହିଛି। ଲଛମନଖୁଣ୍ଟାଠାରେ ଥିବା ଶହଶହ ଏକର ଜଙ୍ଗଲରୁ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ବ୍ୟକ୍ତି ତଥା ମୋରମ ଓ ମାଟି ମାଫିଆ ମାନେ ସରକାରୀ ସଂରକ୍ଷିତ ଜଙ୍ଗଲ ଜମିରୁ ମାଟି ଓ ମୋରମ ଖନନ କରି ଡମ୍ଫର ଓ ହାଇୱା ଗାଡି ଦ୍ୱାରା ମାଟି ଓ ମୋରମ ଚାଲାଣ କରୁଛନ୍ତି। ଏହା ଦ୍ୱାରା ରାସ୍ତା ଗୁଡ଼ିକ ସଂପୂର୍ଣ୍ଣ ନଷ୍ଟ ହୋଇଯାଉ ଥିବା ବେଳେ ରାସ୍ତାପାର୍ଶ୍ୱରେ ଜଳନିଷ୍କାସନ ପାଇଁ ଥିବା ଡ୍ରେନ ଗୁଡିକ ମଧ୍ୟ ଭାଙ୍ଗିରୁଜି ଦେଇଛନ୍ତି। ଯାହା ଫଳରେ ବର୍ଷାଦିନରେ ଏହି ଡ୍ରେନ ଦ୍ୱାରା ଜଳ ନିଷ୍କାସନ ହୋଇନପାରି ଡ୍ରେନ ପାଶ୍ୱର୍ସ୍ଥ ଗୃହଗୁଡିକୁ ଏହି ବର୍ଷାଜଳ ପଶି ଜନଜୀବନ ଅସ୍ତବ୍ୟସ୍ତ କରିଦେଉଛି। ରାସ୍ତାରେ ଅସଂଖ୍ୟ ଖାଲ ହୋଇଯିବା ଯୋଗୁଁ ସାଧାରଣ ଲୋକଙ୍କ ସହିତ ପିଲାଙ୍କର ସ୍କୁଲ ଓ କଲେଜ ଯିବାରେ ନାନା ଅସୁବିଧା ସୃଷ୍ଟି ହେଉଛି। ଜରୁରୀ କାଳୀନ ସମୟରେ ଆମ୍ବୁଲାନ୍ସ ଓ ଦମକଳ ଗାଡି ମଧ୍ୟ ଏଥିରେ ଯିବାଆସିବା ଅସମ୍ଭବ ହୋଇପଡୁଛି। ଏପରିକି ପ୍ରତ୍ୟେକଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟି ଲୋକମାନେ ଆହତ ହେଉଛନ୍ତି। ଘଟଣା ସମ୍ପର୍କରେ ଲୋକେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଜଙ୍ଗଲବିଭାଗ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାବର କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଆଜି ସ୍ଥାନୀୟ ଲୋକମାନେ ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହିତ ଜିଲ୍ଲାପାଳ ଓ ଏସ୍ପିଙ୍କୁ ମଧ୍ୟ ଅବଗତ କରିଥିଲେ। ପ୍ରଶାସନ ଏହି ବିଷୟକୁ ଗୁରୁତ୍ୱର ସହ ବିଚାର କରି ଏକ ଉଚ୍ଚ କ୍ଷମତା ସଂପନ୍ନ କମିଶନ ଦ୍ୱାରା ଘଟଣାର ତଦନ୍ତ କରାଇ ମୋରମ ଓ ମାଟି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ମଧ୍ୟ କରିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ଆଜିଯାଏ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନଥିବା ପଞ୍ଚାୟତବାସୀ ଅଭିଯୋଗ ଆଣିଛନ୍ତି। ପୁଣିଥରେ ସରକାର ଲୋକଙ୍କ ସୁବିଧା ପାଇଁ କୋଟିକୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ କରି ରାସ୍ତା କରିବେ। ମାତ୍ର ଏଥିରୁ ଲାଭ କେବଳ ମାଟି ଓ ମୋରମ ମାଫିଆମାନେ ପାଇବେ। ପ୍ରଶାସନ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରିବାକୁ ଦିଆଯିବ ନାହିଁ ବୋଲି କଡା ଚେତାବନୀ ଦେଇଛନ୍ତି।

# ଶିଶୁ ମୃତ୍ୟୁ ନେଇ ଜିଲ୍ଲା ମେଡିକାଲରେ ଉତ୍ତେଜନା



ବାଲେଶ୍ୱର,୨୯ ।୧୦(ସମିସ)

କୌଣସି ନା କୌଣସି କାରଣ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସବୁବେଳେ ଚର୍ଚ୍ଚାରେ ରହୁଛି । ଏକ ତିନିମାସର ଶିଶୁର ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହେବା ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେଇଛି ।

ଜଳେଶ୍ୱରଥାନା ଜମାଲପୁରଗ୍ରାମରଶମ୍ଭୁନାଥ ରାଉଳ(୨୮) ଏବଂ ପବିତ୍ରା ରାଉଳଙ୍କ ତିନି ମାସର ପୁତ୍ର ଅଭିଜିତର ଦେହ ଅସୁସ୍ଥ ରହିଥିଲା । ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପିଲାଟିକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ହେଲେ ଆଜି ଶିଶୁର ମୃତ୍ୟୁ ହୋଇଯାଇଛି । ଭୁଲ ଚିକିତ୍ସା ପାଇଁ ଶିଶୁର ମୃତ୍ୟୁ ଅଭିଯୋଗ କରି ପରିବାର ଲୋକେ ଫାଣ୍ଡି ନିକଟରେ ହୋହଲ୍ଲା କରିଥିଲେ । ଫଳରେ କିଛି ସମୟ ଧରି ସେଠାରେ ଉତ୍ତେଜନା ଦେଖାଦେଇଥିଲା । ଏ ନେଇ ମୃତ ଶିଶୁର ବାପା ଶମ୍ଭୁନାଥ କହିଛନ୍ତି ଯେ, ତାଙ୍କର ତିନିମାସର ଛୋଟ ପୁଅକୁ ସାତ ଦିନ ପୂର୍ବରୁ ଜ୍ୱର ହୋଇଥିଲା । ପ୍ରଥମେ ଜଳେଶ୍ୱରରେ ଚିକିତ୍ସା କରାଇବା ପରେ ସେଠାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଦେଇଥିଲେ । ଫଳରେ ସେ ଗତକାଲି ଦିନ୧୧ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଏଠାରେ ଅପରାହ୍ଣ ୧ଟା୩୦ମିନିଟ ସମୟରେ ଶିଶୁ ଭବନରେ ଆଡମିଟ କରାଇଲେ । ହେଲେ କୌଣସି ଚିକିତ୍ସା କରାଯାଇନଥିଲା । ଏହାଛଡା ସେ କହିଛନ୍ତି ଯେ, ପୁଣି ଜ୍ୱର ଆସିବାରୁ ସେଠାରେ କାର୍ଯ୍ୟରେ ଥିବା କର୍ମଚାରୀଙ୍କୁ କହିଥିଲେ ହେଲେ ସେମାନେ କିଛି ଶୁଣିନଥିଲେ । ଆଜି ସକାଳ ୯ଟା ସମୟରେ ଡାକ୍ତର ଦେଖିବାକୁ ଯାଇଥିଲେ । ପିଲାର ସ୍ୱାସ୍ଥ୍ୟବସ୍ଥା ଟିକେ ସଙ୍କଟାପନ୍ନ ରହିଛି । ହେଲେ ସେମାନେ କଟକ ରେଫର କରିବା ପାଇଁ କହିଥିବା ବେଳେ ଡାକ୍ତର କିନ୍ତୁ ଏଠାରେ ଚିକିତ୍ସା କରାଯିବ ବୋଲି କହିଥିଲେ । ଆଜି ଦିନ ୧୧ଟା ସମୟରେ ପିଲାର ରକ୍ତ ପରୀକ୍ଷା କରିବାକୁ କହିଥିଲେ । ବ୍ଲଡ ଟେଷ୍ଟ କରି ଆସିବା ସମୟରେ ତାଙ୍କର ସମ୍ପର୍କୀୟ ତାଙ୍କୁ ଡାକି ଥିଲେ ପିଲାର ରକ୍ତବାନ୍ତି ହେଉଛି ବୋଲି କହିଥିଲେ । ଏ ନେଇ ସେମାନେ ଡାକ୍ତରଙ୍କୁ କହିବା ପରେ ସେମାନେ କଟକ ରେଫର କରିବାକୁ କହିଥିଲେ । ୧୦୮ ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବା ପରେ ଡାକ୍ତର ତାଙ୍କୁ ଡିସଚାର୍ଜ କରିଦେଇଥିଲେ । ଆସିବା ପରେ ଆମ୍ବାଲାନସ ନେବା ବେଳକୁ ଅକ୍ସିଜେନ କାଢ଼ିଦେବା ଫଳରେ ପିଲାର ନିଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଇଥିଲା । ଏ ନେଇ କର୍ମଚାରୀଙ୍କୁ କହିବାରୁ ସେମାନେ ଶୁଣିନଥିଲେ । ସେତେବେଳକୁ ପିଲାର ମୃତ୍ୟୁ ହୋଇଯାଇଥିଲା ବୋଲି ବାପା ଶମ୍ଭୁନାଥ କହିଛନ୍ତି । ଏଣୁ ଏହି ଘଟଣା ପାଇଁ ଡାକ୍ତର ହିଁ ସମ୍ପୂର୍ଣ୍ଣ ଦାୟୀ ବୋଲି ସେ ଅଭିଯୋଗ କରିଛନ୍ତି । ଏ ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା ।

## ବିଶ୍ୱ ଷ୍ଟ୍ରୋକ ଦିବସରେ ସଚେତନତା ସଭା




ବାଲେଶ୍ୱର,୨୯।୧୦(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଷ୍ଟ୍ରୋକ ଦିବସ ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଯାଇଛି । ଏ ବର୍ଷର ବିଶ୍ୱ ଷ୍ଟ୍ରୋକ ଦିବସର ଥିମ୍ ଥିଲା 'ପ୍ରତିଟି ମିନିଟ୍ ଗୁରୁତ୍ୱପୂର୍ଣ୍ଣ' । ଏହି ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଉପକେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ଏହି ସଭାରେ ଉପସ୍ଥିତ ହୋଇଥିଲେ । ନୂତନ ଭାବେ ଯୋଗଦେଇଥିବା ଡାକ୍ତର ଅମୂଲ୍ୟ ଦାସ ସଚେତନତା ବାର୍ତ୍ତା ଦେଇ କହିଥିଲେ ଯେ ଲୁଣ, ତେଲ ଓ ଚିନି ଖାଦ୍ୟରେ କମ କଲେ ଷ୍ଟ୍ରୋକ ହ୍ରାସ ପାଇପାରିବ । ସଭାରେ ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ପ୍ରଦୀପ କର ଓ ଡାକ୍ତର ରାମଚନ୍ଦ୍ର କିସ୍କୁ ମଧ ଷ୍ଟ୍ରୋକ ସମ୍ପର୍କିତ ସଚେତନତା ଓ ପ୍ରତିରୋଧ ଉପାୟ ଉପରେ ମତବ୍ୟକ୍ତ କରିଥିଲେ । ଶେଷରେ ଷ୍ଟ୍ରୋକ ବିଷୟରେ ଗାଁ ଓ ଗ୍ରାମ୍ୟ ଅଞ୍ଚଳରେ ଅଧିକ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ଡାକ୍ତର ଅରୂପ ଅଭିଷେକଙ୍କ ପରିଚାଳନାରେ ହୋଇଥିଲା । ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ ।

## 'କଳାକାର'ର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୯ ।୧୦(ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ କଳାକାର ପକ୍ଷରୁ ୩୫ତମ ବାର୍ଷିକ ଉତ୍ସବ ସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତିଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କଳାକାରର ଉପଦେଷ୍ଟା ଡ ମନ୍ମଥ ମିଶ୍ର, ବରେଣ୍ୟ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ତଥା ବିଚାରକ ଇଂ ଚିନ୍ମୟ ରକ୍ଷିତ, ନିର୍ଦ୍ଦେଶକ ତଥା ଅଭିନେତା ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ପ୍ରାରମ୍ଭରେ କଳକାରର ସଦସ୍ୟ ଅଶ୍ୱନୀ କୁମାର ସ ମଞ୍ଚ ଆହ୍ୱାନ କରିଥିବା ବେଳେ କଳାକାରର ସମ୍ପାଦକ ଇଂ ଶ୍ରୀତମ କୁମାର ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶେଷରେ କଳାକାରର ସଦସ୍ୟ ଜୟନ୍ତ କୁମାର ପାଣି ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପାଟକ 'ସ୍ୱପ୍ନ ପୁରୁଷ' ମଞ୍ଚସ୍ଥ ହୋଇଥିଲା । ଏହାକୁ ନାଟ୍ୟକାର ସ୍ୱର୍ଗତ ପୁରୁଷୋତ୍ତମ ଭୂୟାଁ ରଚନା କରିଥିବା ବେଳେ ତରୁଣ କୁମାର ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିଲେ । ଗୁରୁ ମନୋରଞ୍ଜନ ପଣ୍ଡା ସଙ୍ଗୀତ ଦେଇଥିବା ବେଳେ ଇଂ ଶ୍ରୀତମ କୁମାର ସିଂହ ମଂଚ ଓ ଆଲୋକ ପରିଚାଳନା କରିଥିଲେ । ଏଥିରେ ଅସୀତ, ତପନ, ପାର୍ଥସାରଥି, ଶ୍ରୀତମ, ମାନସ, ଅମର, ପ୍ରଦ୍ୟୁମ୍ନ, କମଳ ଓ ବର୍ଷା ଅଭିନୟ କରିଥିବାବେଳେ ଅନିକେତ, କହ୍ନେଇ, ନବୀନ ଓ ମାମା ସହଯୋଗ କରିଥିଲେ ।

## ଜିଲ୍ଲାରେ ତମାଖୁ ବିରୋଧୀ ଚଢ଼ଉ ଅଭିଯାନ



ବାଲେଶ୍ୱର,୨୯।୧୦(ସମିସ): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ କିଶୋର ଓ ଯୁବ ବର୍ଗଙ୍କୁ ତମାଖୁ ସେବନରୁ ନିବୃତ୍ତ କରିବା ପାଇଁ 'ତମାଖୁ ମୁକ୍ତ ଯୁବ କାର୍ଯ୍ୟକ୍ରମ' ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ସମସ୍ତ ସହଯୋଗୀ ବିଭାଗ ଯଥା ଭେଷଜ ନିୟନ୍ତ୍ରଣ, ଅବକାରୀ, ଖାଦ୍ୟ ସୁରକ୍ଷା ଓ ପୋଲିସ ବିଭାଗଙ୍କ ମଧ୍ୟରେ ସମନ୍ୱୟ ରଖି ତମାଖୁ ପଦାର୍ଥ ବିକ୍ରି ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବା ଓ ଅନୁମତି ବିନା ଚାଲୁଥିବା ଦୋକାନମାନଙ୍କୁ ଚଢ଼ଉ କରି ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜି ଦୁଇଟି ସ୍ୱତନ୍ତ୍ର ଟିମ୍ ବାଲେଶ୍ୱର ଷ୍ଟେସନ ଛକ ଅଞ୍ଚଳ ଓ ରୂପସା ବଜାର ଅଞ୍ଚଳରେ ଯାଞ୍ଚ ଓ ଚଢ଼ାଉ କାର୍ଯ୍ୟକ୍ରମ ଚଳାଇଥିଲେ । ଏହି ଅଭିଯାନ ସମୟରେ ମୋଟ ୨୬ଜଣ ଖିଲାପକାରୀଙ୍କଠାରୁ ୪୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଏହି ଯାଞ୍ଚ ଅଭିଯାନରେ ବାଲେଶ୍ୱର ସଦର ଓ ଗ୍ରାମୀଣ ଡ୍ରଗସ୍ ଇନ୍ସପେକ୍ଟର ଜୟଶ୍ରୀ ପାତ୍ର ଓ ମୁକ୍ତିନନ୍ଦା ଶତପଥୀ ନେତୃତ୍ୱ ନେଇଥିଲେ । ଅବକାରୀ ଓ ପୁଲିସ ବିଭାଗର ଅଧିକାରୀ ଅଭିଯାନରେ ସାମିଲ ହୋଇଥିଲେ ।

## 'ହୋ' ସମାଜ ପକ୍ଷରୁ କର୍ମଶାଳା

ବାଲେଶ୍ୱର,୨୯ ।୧୦(ସମିସ): ସ୍ଥାନୀୟ କୁରୁଡାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ 'ହୋ' ସମାଜ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ହୋ ସମାଜର ସଭାପତି ରସାନନ୍ଦ ବାଙ୍କିରା, ସମ୍ପାଦକ ବସନ୍ତ କୁମାର ସିଂ, ସହ ସମ୍ପାଦକ ବିକାଶ ସିଂ,ହେମନ୍ତ କୁମାର ବାଗେ, ଦଣ୍ଡସେନା ନାଏକ,ବିଜେନ୍ଦ୍ର ସିଂ, ବିଶ୍ୱନାଥ ସିଂ, ଇଶ୍ୱର ସିଂ ଏବଂ ରାଜେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପିଲାମାନଙ୍କୁ ବୃକ୍ଷର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ଆୟୁର୍ବେଦ ଡାକ୍ତର ମାଳତୀ ନାଏକ ପିଲାମାନଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି କିପରି ଭାବେ ଯତ୍ନନେବାକୁ ପଡିବ ସେ ସମ୍ପର୍କରେ ଉପଦେଶ ଦେଇଥିଲେ । ଶେଷରେ ହୋ ସମାଜ ପକ୍ଷରୁ ବିଦ୍ୟାଳୟ ପରିସର ମଧ୍ୟରେ ବୃକ୍ଷରୋପଣ କରାଯିବା ସହ ପିଲାମାନଙ୍କୁ ଚାରା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମ୍ପାଦକ ମନୋଜ ପଣ୍ଡାଙ୍କ ସମେତ ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ରେ ମହାନ୍ତି ପରିଚାଳନା କରିଥିଲେ ।

### ଅବକାରୀ ମୋବାଇଲ ସ୍କ୍ୱାଡ୍‌ର ଚଢ଼ଉ

## ବିପୁଳ ମଦ ଜବତ, ୩ ମହିଳାଙ୍କ ସମେତ ୬ ଗିରଫ



ବାଲିଆପାଳ, ୨୯।୧୦ (ସମିସ): ଦିନକୁ ଦିନ ବାଲିଆପାଳ ବ୍ଲକରେ ଦିନକୁ ଦିନ ବେଆଇନ ଦେଶୀ ଓ ବିଦେଶୀ ମଦ ଭାଟି ଛତୁ ଫୁଟିଲା ପରି ବଢିଚାଲିଛି । ଦିନ ଦ୍ୱିପ୍ରହରରେ ରାତି ଅଧରେ ମଦ ଭାଟିରୁ ମଦ ଭାଟିକୁ ପିକଅପ୍ ଏବଂ ବୋଲେରୋରେ ଦେଶୀ ଓ ବିଦେଶୀ ମଦ ଯୋଗାଣ ହେଉଛି । ସେହିପରି ବିଦେଶୀ ମଦ ଦୋକାନୀ ଏହି ଚୋରା ବେପାରୀ ମାନଙ୍କୁ ପାଇକାରୀ ଦରରେ ମଦ ବିକ୍ରି କରି ବ୍ୟବସାୟ ପାଇଁ ପ୍ରୋତ୍ସାହନ ଯୋଗାଉଛନ୍ତି । ସମସ୍ତଙ୍କ ଗୋଚରରେ ଏହି କାରବାର ଚାଲିଥିବା ବେଳେ ପୋଲିସ ଏବଂ ଅବକାରୀ ବିଭାଗ ସବୁ ଦେଖି ନଦେଖିଲାପରି ରହୁଛି । କେବଳ ନାଁ କୁ ମାତ୍ର ବର୍ଷକରେ ଥରେ ଦୁଇଥର ଚଢ଼ଉ କରି କେତେକ ପେସାଦାର ବ୍ୟବସାୟୀଙ୍କୁ ପାଳିକରି ଧରି କୋର୍ଟ ଚାଲାଣ କରି ସେମାନଙ୍କଠାରୁ ଅଳ୍ପକିଛି ମଦ ଜବତ କରିଥିବା ଦର୍ଶାଉଛନ୍ତି । ଫଳରେ ସେହି ମଦ ବ୍ୟବସାୟୀ ଜାମିନରେ ଆସି ପୁନର୍ବାର ବେଧଡକ ବ୍ୟବସାୟ ଆରମ୍ଭ କରିଦେଉଛନ୍ତି । ଏହି କ୍ରମରେ ଉଭୟ ପୁଲିସ ଏବଂ ଅବକାରୀ ବିଭାଗ ମାଲେ ମାଲ ହେଉଛନ୍ତି । ତେବେ ଛୋଟ ମାଛକୁ ଧରି ବାହା ବାହା ନେବା ପ୍ରତି ବଦଳରେ ବଡ ମାଛ (ମଦ ଯୋଗାଉଥିବା ବେପାରୀ)କୁ କେବେ ଧରିବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି । ଆଜି ସକାଳେ ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଆଜି ବସ୍ତା, ବାଲିଆପାଳର ବିଭିନ୍ନ ସ୍ଥାନରେ ଚଢାଉ କରି ଲକ୍ଷାଧିକ ଟଙ୍କାର ଦେଶୀ ଓ ବିଦେଶୀ ମଦ ଜବତ କରିଥିବାବେଳେ ତିନି ଜଣ ମହିଳାଙ୍କ ସମେତ ଛଅ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଆଜି ବସ୍ତା ଆଇଆଇସି ହରିହର ସିଂଙ୍କ ସମେତ ସବ ଇନଇସପେକ୍ଟର ବଭେଶ ଦାସ, ଜଗନ୍ନାଥ ଭିତରିଆ, ଏଏସଆଇ ଲମ୍ବୋଦର ମହନ୍ତ, କନେଷ୍ଟବଳ ସୁବିକାନ୍ତ ବେହେରା, ମିଥୁନ ମୁର୍ମୁ, ନେହାନ ମୁର୍ମୁ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ନାରାୟଣପୁର ଗ୍ରାମର ଭିମ ଚରଣ ଦାସ, ଅଜୟ ଦାସ, ବାଲିଆପାଳ ଖଗଡାପାଳ ଗ୍ରାମର ନିରୁପମା ମଣ୍ଡଳ, ଜମ୍ବୀରାଇ ଗ୍ରାମର ଭରତ ଦଳାଇ, ପଦ୍ମାବତୀ ବିଶ୍ୱାଳ, ଜୟନ୍ତୀ ବିଶ୍ୱାଳଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୧୨୦ ଲିଟର ଦେଶୀ ମଦ, ୫୩ ଲିଟର ବିଦେଶୀ ମଦ ଏବଂ ୪୦ ଲିଟର ବିୟର ଜବତ କରାଯାଇଛି । ତେବେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଧିକାଂଶ ଏକାଧିକବାର ଗିରଫ ହୋଇସାରିଛନ୍ତି ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | **(A)** Pending criminal cases | | **(B)** Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br><br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br><br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br><br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

ସକାଳ
THE SAKALA

# କପା ଦୁର୍ନୀତି

ଆମ ରାଜ୍ୟରେ ଧାନର ବିକଳ୍ପ ଚାଷକୁ ପ୍ରାଧାନ୍ୟ ଦିଆଯାଇଥିବାରୁ କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା ଓ ବଲାଙ୍ଗୀର ଜିଲ୍ଲାର କପା ଚାଷ ପ୍ରତି ଆଗ୍ରହ ବଢ଼ିଛି। କପା ଚାଷକୁ ସ୍ଥାନୀୟ ଲୋକେ ଆଦରି ନେଇଛନ୍ତି। ତେବେ ଆଞ୍ଚଳିକ ସ୍ତରରେ କପାର ସେଭଳି ଚାହିଦା ନ ଥିବାରୁ ବିକ୍ରୟ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏହାହାତରୁ ସେହାତ ଦୁଇ ସେଣାରେ କପା ବିକ୍ରି ହେଉଥିବାରୁ ଚାଷୀ ଉପଯୁକ୍ତ ଲାଭ ପାଉନାହାନ୍ତି। ଅନ୍ୟପକ୍ଷରେ ଯୌଗିକ କପା ଚାଷ ନାମରେ ସକ୍ରିୟ ଥିବା କିଛି ସ୍ଥାନୀୟ ସଂସ୍ଥା କୋଟି କୋଟି ଟଙ୍କା ଲୁଟୁଥିବାର ଜଣାପଡ଼ିଛି। ବିଭାଗୀୟ ସଚିବ ଏ ସଂପର୍କରେ ଅବଗତ ହେବାରୁ ତଦନ୍ତ ଆରମ୍ଭ ଓ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି। ଏହାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଜୈବିକ କପା ଚାଷର ପ୍ରମାଣ ପତ୍ର ଦେଉଥିବା କେନ୍ଦ୍ରୀୟ ସଂସ୍ଥା ଆପେଡା ଓ ରାଜ୍ୟ ସରକାରକୁ ଅନ୍ଧକାର ରଖି ଏହି ବେଆଇନ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି।

ଏମିତି ଦେଖିବାକୁ ଗଲେ ଉପରୋକ୍ତ ୪ଟି ଜିଲ୍ଲାର ଚାଷୀମାନେ ଜୈବିକ କପାଚାଷ ସଂପର୍କରେ ଅବଗତ ନାହାନ୍ତି। ଅଥଚ ସେମାନଙ୍କୁ ଜୈବିକ କପାଚାଷର ବିହନ ଓ ଚାଷୋପଯୋଗୀ ସରଂଜାମ ଯୋଗାଇ ଦିଆଯାଉଛି ଦର୍ଶାଇ ସେ ବାବଦ ଅର୍ଥ ହରିଲୁଟ ହେଉଛି। କେବଳ ସେତିକି ନୁହେଁ ଚାଷୀ ଯେତିକି ଜମିରେ କପାଚାଷ କରୁଛନ୍ତି, ତାହାଠାରୁ ଅଧିକ ଦର୍ଶାଉ ସେ ବାବଦ ଅତିରିକ୍ତ ସହାୟତା ରାଶି ମଧ୍ୟ ଲୁଟ ହୋଇଛି। ଅଥଚ ସଂପୃକ୍ତ ଅଞ୍ଚଳରେ କେବଳ ପାରମ୍ପରିକ କପାଚାଷ କରାଯାଉଛି। ଯୌଗିକ କପାଚାଷର ପ୍ରଣାଳୀ ତଥା ମିଳୁଥିବା ଅତିରିକ୍ତ ସହାୟତା ସଂପର୍କରେ ଚାଷୀ ଆଦୌ ଅବଗତ ନାହାନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କି କେବଳ କପା ନୁହେଁ ବିଭିନ୍ନ ଖାଦ୍ୟଶସ୍ୟର ଯୌଗିକ ପ୍ରଣାଳୀ ପ୍ରୟୋଗ ମାଧ୍ୟମରେ ଚାଷ କାର୍ଯ୍ୟ ନିର୍ବାହ ପାଇଁ ଦେଶରେ ଏକ ନିରବ ଆନ୍ଦୋଳନ ମୁଣ୍ଡଟେକିଛି। ତେଣୁ ପ୍ରୟୋଗ ଓ ପ୍ରୋତ୍ସାହନକୁ ବିଭିନ୍ନ ସ୍ତରରେ ପ୍ରାଧାନ୍ୟ ଦିଆଯାଉଛି। ଏହାର ସୁଯୋଗ ନେଇ କିଛି କୃଷି ସାମଗ୍ରୀ ବେପାର କରୁଥିବା ସଂସ୍ଥା ଚାଷୀଙ୍କୁ ଓ ବ୍ୟବସ୍ଥାକୁ ନିୟନ୍ତ୍ରଣକାରୀଙ୍କୁ ଠିକିବା ସହ କୋଟି କୋଟି ଟଙ୍କାର ମୁନାଫା ଉଠାଇଚାଲିଛନ୍ତି। ଏହି ବ୍ୟପାରରେ ସେବା ପ୍ରଦାନକାରୀ ସଂସ୍ଥାର ଯେ ଆଦୌ ସଂପୃକ୍ତି ନାହିଁ ଏକଥା କୁହାଯାଇନପାରେ । ସ୍ଥାନୀୟ ବେପାରୀମାନେ କେଉଁଠି କେମିତି ହାତଗୁଞ୍ଜା ଦେଇ ଉଦ୍ଦେଶ୍ୟ ସାଧାନ କରାଯାଇପାରିବ ତାହା ସେମାନଙ୍କୁ ବେଶ ଜଣା। କିଏ କିଭଳି କୋଟି କୋଟି ଟଙ୍କା ମାରି ଖାଇଗଲା ତାହା ଯେତେ ବଡ଼ କଥା ନୁହେଁ ଅସଲରେ ଯେଉଁ ଚାଷୀଙ୍କ ପାଇଁ ଏତେ ଯୋଜନା ସେମାନେ ଉପକୃତ ହେଉନାହାନ୍ତି।

ତଦନ୍ତର ତଥ୍ୟ ଅନୁଯାୟୀ ଆଇସିଏମ ପ୍ରଣାଳୀରେ ହେଉଥିବା ଏହି ଚାଷ ଅନୁଯାୟୀ ଚାଷୀଙ୍କୁ ମଞ୍ଜି ବା ବିହନ ଓ ସାର ଯୋଗାଇବାର ବ୍ୟବସ୍ଥା ଥିବାବେଳେ ତାହା କେବଳ କାଗଜପତ୍ରରେ ସୀମିତ ଅଛି। ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଏହି କାରବାରରେ ସଂପୃକ୍ତ। ପରସ୍ପରର ଦୋଷ ସବୁସ୍ତରରେ ଘୋଡ଼ାଇ ଦିଆଯାଇ ଥିବାରୁ ଦୁର୍ନୀତି ସାମ୍ନାକୁ ଆସୁନଥିଲା। କପା ସଂଗ୍ରହ ବା ଖରିଦରେ ଏହି ଲାଭଖୋର ସଂସ୍ଥା ଦୋହରା ଲାଭ ଉଠାଇଥିବାର ଜଣାପଡ଼ିଛି। ବଜାରରେ ଜୈବିକ କପାର ବଜାର ମୂଲ୍ୟ ଅନ୍ୟ କପାଠାରୁ ୩୦ ପ୍ରତିଶତ ଅଧିକ। ଅଥଚ ସ୍ଥାନୀୟ ଚାଷୀଙ୍କଠାରୁ ବିଟ କଟନ ମୂଲ୍ୟରେ ସଂଗ୍ରହ ହେଉଥିବା କପାକୁ ବଜାରରେ ଯୌଗିକ ଦର୍ଶାଇ ଏହି ଦଲାଲମାନେ ଅତିରିକ୍ତ ଅର୍ଥ ଉପାର୍ଜନ କରୁଥିବା ବେଳେ ଚାଷୀଙ୍କ ସ୍ୱାର୍ଥକୁ ଆଖିବୁଜି ଦେଇଛନ୍ତି। ଏହି ତଥ୍ୟର କିଛି ଗହନ କଥା ଏବେ ମଧ୍ୟ ସାମ୍ନାକୁ ଆସିନି। ବିଟ କଟନର ଉତ୍ପାଦକୁ ଯୌଗିକ ଦର୍ଶାଇ ଅଧିକ ମୂଲ୍ୟରେ ବିକ୍ରିହେଉଛି କିପରି? ଏପ୍ରକାର ଦୁର୍ନୀତି ଯୋଗୁଁ ବିକଳ୍ପ ଚାଷ ଅଭିଯାନ ବାଧାପ୍ରାପ୍ତ ହେଉଛି।

# ପଡ଼ୋଶୀଙ୍କ ଲୋଲୁପ ଦୃଷ୍ଟି

ଭାରତ ସୀମା ସଂଲଗ୍ନ ତିନିଟି ରାଷ୍ଟ୍ର ପରସ୍ପର ମଧ୍ୟରେ ନିବିଡ଼ ସଂପର୍କ ରକ୍ଷା କରି ଆମର ଆଞ୍ଚଳିକ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏପରିକି ସେମାନଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରକାଶିତ ମାନଚିତ୍ରରେ ଭାରତର କିଛି ଅଞ୍ଚଳ ପ୍ରଦର୍ଶନ କରିଥିବା କାହାକୁ ଅଛପା ନାହିଁ। ଭାରତର ପ୍ରତିବାଦ ଓ ପ୍ରତିରୋଧ ଫଳରେ ବିବାଦର ପ୍ରଶମିତ ହୋଇଥିଲା। ଏବେ ନୂଆ ବିବାଦ ସୃଷ୍ଟି ହୋଇଛି ବାଂଲାଦେଶ ପକ୍ଷରୁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଓ ଅନୁସଙ୍ଗିକ ସହାୟତାରେ ବାଂଲାଦଶ ୧୯୭୧ ରେ ସ୍ୱତନ୍ତ୍ର ରାଷ୍ଟ୍ରରୂପେ ପରିଚିତ ଲାଭ କରିଥିବା ବେଳେ ଏବେ ସେ ମଧ୍ୟ ଶତ୍ରୁତା ଆଚରଣ କରୁଛି। ୨୦୨୪ ରେ ଛାତ୍ର ଆନ୍ଦୋଳନରୁ ଶେଖ ହାସିନା କ୍ଷମତାଚ୍ୟୁତ ହେବା ଓ ତାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବା ଘଟଣାରୁ ବିବାଦର ସୂତ୍ରପାତ ହେଉଛି। ଏବର ପରିବର୍ତ୍ତିତ ସରକାର ଚୀନ ଓ ପାକିସ୍ତାନ ସହ ସୁସଂପର୍କ ରକ୍ଷା କରି ଭାରତର ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ନିଜର ଦର୍ଶାଇ ବୃହତ୍ତର ବାଂଲାଦେଶ ଗଠନ କରିବାକୁ ଚାହୁଛି। ଏହାକୁ କେବଳ ସମୟର ବିଡ଼ମ୍ବନା କୁହାଯାଇପାରେ।

ପରିବର୍ତ୍ତନ ବିଶ୍ୱ କୂଟନୈତିକ ଦୃଶ୍ୟପଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିବାଦର ମୁକାବିଲା ସକାଶେ ଶତ୍ରୁ-ମିତ୍ର ନିର୍ବିଶେଷରେ ଏକଜୁଟ ହୋଇଥିବା ରାଷ୍ଟ୍ରଙ୍କ ମଧ୍ୟରେ ସଂପର୍କର ଯେଉଁ ନୂଆ ପରିଭାଷା ଦୃଶ୍ୟମାନ ହୋଇଛି ସେଥିରେ ଚୀନକୁ ଭାରତ ଅନ୍ୟତମ ସହଯୋଗୀର ମାନ୍ୟତା ଦେଇଛି। ଏହା ସତ୍ତ୍ୱେ ବେଜିଂର ଆଭିମୁଖ୍ୟ ଯେ ଅପରିବର୍ତ୍ତିତ ରହିଛି ତାହା ପ୍ରମାଣିତ ହେଉଛି। ଉପଗ୍ରହରୁ ସଂଗୃହୀତ ଚିତ୍ରରୁ ଜଣାପଡ଼ିଛି ଯେ ଅରୁଣାଚଳ ପ୍ରଦେଶ ସୀମା ନିକଟରେ ଚୀନ ଆଉ ଏକକ ବାୟୁସେନା ଘାଟି ନିର୍ମାଣ କରିଛି। ଅରୁଣାଚଳର ତାୱାଙ୍ଗ ସହରଠାରୁ ମାତ୍ର ୧୦୭ କିଲୋମିଟର ଦୂରରେ ଚୀନର ଏହି ସାମରିକ ପ୍ରସ୍ତୁତି ୩୬ ଟି ଲଢୁଆ ବିମାନ ରହିବା ଭଳି ବ୍ୟବସ୍ଥା ସାଙ୍ଗକୁ ଡ୍ରୋନ ପ୍ରୟୋଗ ପାଇଁ ଆବଶ୍ୟକ ସରଂଜାମ ମଧ୍ୟ ରହିଛି। ଯୁଦ୍ଧ ପରିସ୍ଥିତି ଉପୁଜିଲେ ଏହି ଘାଟିରୁ ଭାରତର ଯେକୌଣସି ଅଞ୍ଚଳ ଉପରେ ଚୀନର ବାୟୁ ସେନା ଆକ୍ରମଣ କରିପାରିବ। ଅନ୍ୟପକ୍ଷରେ ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ସଂପ୍ରତି ଚୀନ ଓ ପାକିସ୍ତାନର ନିକଟତର ହେବାରେ ଲାଗିଛନ୍ତି। ନିକଟରେ ଢାକା ଗସ୍ତରେ ଥିବା ପାକିସ୍ତାନର ଜଏଣ୍ଟଚିଫ ଅଫ ଷ୍ଟାଫ କମିଟି ଅଧ୍ୟକ୍ଷ ଜେନେରାଲ ମିର୍ଜାଙ୍କୁ ଦେଇଥି ବା ଉପହାର ପୁଣି ବିବଦର ସୂତ୍ରପାତ କରିଛି, ଯେଉଁଥିରେ କି ଉତ୍ତରପୂର୍ବ ଭାରତର ଏକ ବୃହତ୍ତର ଅଂଶକୁ ବାଂଲାଦେଶର ବୋଲି ଦର୍ଶାଯାଇଛି। ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ପାଇଁ ଏହା ଚାଲବାଜି କୁହାଯାଇପାରେ। ଏଠାରେ ସୂଚାଇ ଦିଆଯାଇପାରେ କି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟନୁଷ୍ଠାନ ବେଳେ ଏକ ସମୟରେ ଉତ୍ତରପୂର୍ବାଞ୍ଚଳରେ ଅସ୍ଥିରତା ସୃଷ୍ଟି ସକାଶେ ବାଂଲଦେଶକୁ ପ୍ରୟୋଗ କରିବାର ଯୋଜନା ଇସଲାମାବାଦର ରହିଛି।

ଏକଥା ସତ ଯେ ଭାରତର ଆର୍ଥିକ ପ୍ରଗତି ଓ କୂଟନୈତିକ ପତିଆରା ବୃଦ୍ଧି ପଡ଼ୋଶୀଙ୍କ ପାଇଁ ଆଖିରେ କଣ୍ଟା ହୋଇଛି। ତେଣୁ ଏହି ତ୍ରିମେଣ୍ଟ ଭାରତ ବିରେଧୀ ଷଡ଼ଯନ୍ତ୍ର ରଚନା କରିଚାଲିଛନ୍ତି। ହଠାତ୍ କିଛି ବିପଦ ସୃଷ୍ଟି ନହେଲେ ମଧ୍ୟ ସେମାନଙ୍କ ଲୋଲୁପ ଦୃଷ୍ଟି ପ୍ରତି ଆମକୁ ସତର୍କ ହେବାକୁ ପଡ଼ିବ।

# ସମ୍ପାଦକୀୟ



ଯଦି ବାକ୍ ସ୍ୱାଧୀନତା ପ୍ରତ୍ୟାହାର କରି ନିଆଯାଏ, ତେବେ ଜନତା କେବଳ ବଳି ପାଇଁ ଉଦ୍ଦିଷ୍ଟ ପଶୁ ସମାନ ବୋଲି ଧରାଯିବ।
-ଜର୍ଜ ୱାଶିଂଟନ୍

# ଆଉ ଏକ ସଂସ୍କାର ଅପେକ୍ଷାରେ

ଗୌରୀ ପ୍ରସାଦ ମହାପାତ୍ର

ନିକଟରେ ଆମେ ବିଶ୍ୱର ଚତୁର୍ଥ ଅର୍ଥନୈତିକ ମହାଶକ୍ତିର ମାନ୍ୟତା ପାଇଛୁ। ଏହାର ଆଧାର ଓ ଗଣିତ ଯାହା ହେଉ ନା କାହିଁକି ସରକାରଙ୍କ ପାଇଁ ଆତ୍ମୋପଲବ୍ଧିର ଆଉ ଏକ ସୁଯୋଗ ସୃଷ୍ଟି କରିଛି ଏବଂ ପ୍ରଚାରସର୍ବସ୍ୱ ଭାରତୀୟ ରାଜନୀତି ପାଇଁ ପ୍ରଭାବଶାଳୀ ଇନ୍ଧନ ଯୋଗାଇଛି। କିନ୍ତୁ ସାମାଜିକ-ଆର୍ଥିକ ବୈଷମ୍ୟ ଭରା ଭାରତର ଅର୍ଥନୀତିକୁ ସୂକ୍ଷ୍ମ ଅନୁଶୀଳନ କଲେ ଆଶ୍ଚର୍ଯ୍ୟ-ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନଟିଏ ଉଠେ ଯେ ଆମେ କ'ଣ ସତରେ ଚତୁର୍ଥ? ଅର୍ଥନୀତିର କେତେକ ମୌଳିକ ତତ୍ତ୍ୱ ଏବଂ ବିଶ୍ୱ ବଜାର-ଅର୍ଥନୀତିରେ ଭାରତର ସ୍ଥିତିକୁ ବାଦ୍ ଦେଇ ଏହି ପ୍ରଶ୍ନର ଉତ୍ତର ଖୋଜିବା ନିରର୍ଥକ ଓ ନିରାଧାର।

ଯଦି କେବଳ ଉତ୍ପାଦନ ଓ କାରବାର(ନୋମିନାଲ୍ ଜିଡିପି)କୁ ଆଧାର ରୂପେ ନେଇ ଭାରତୀୟ ଅର୍ଥନୀତିର ମୂଲ୍ୟାଙ୍କନ କରାଯାଏ ତେବେ ଆମେ ନିଶ୍ଚିତ ଭାବେ ବିଶ୍ୱରେ ଚତୁର୍ଥ। କିନ୍ତୁ ନୋମିନାଲ୍ ଜିଡିପି ଅର୍ଥନୈତିକ ଅଭିବୃଦ୍ଧିର ବାସ୍ତବ ମୂଲ୍ୟାୟନ ନୁହେଁ, ଯାହାର ସବିଶେଷ ବିଶ୍ଳେଷଣ ସୀମିତ ସ୍ଥାନରେ ସମ୍ଭବ ନୁହେଁ। ଏତିକି କହିଲେ ଯଥେଷ୍ଟ ହେବ ଯେ ଯଦି ଅର୍ଥନୈତିକ ଶକ୍ତିର ଆଧାର ନୋମିନାଲ୍ ଜିଡିପି ହୁଏ ତେବେ ଆମେ ୨୦୦୯ରେ ଜାପାନ୍‌କୁ, ୨୦୨୧ ରେ ଇଂଲଣ୍ଡକୁ ଟପି ଚତୁର୍ଥ ଅର୍ଥନୀତିର ମାନ୍ୟତା ବହୁପୂର୍ବରୁ ହାସଲ କରିସାରିଥିଲୁ। ତେଣୁ ଅର୍ଥନୀତିଜ୍ଞଙ୍କ ପାଇଁ ଭାରତର ସଦ୍ୟତମ ମାନ୍ୟତାରେ ସେଭଳି କିଛି ଉତ୍ସାହଜନକ ସଙ୍କେତ ନାହିଁ। ଅଧିକନ୍ତୁ ଭାରତକୁ ବିଶ୍ୱ ଅର୍ଥନୈତିକ ମହାଶକ୍ତି ମାନ୍ୟତା ପାଇବା ପାଇଁ ଆହୁରି ଅନେକ ବାଟ ଯିବାକୁ ଅଛି ଏବଂ ଏଥିପାଇଁ ଭାରତୀୟ ଅର୍ଥନୀତି ଆଉ ଏକ ସଂସ୍କାର ଅପେକ୍ଷାରେ ରହିଛି।

ଏବେ ଆମେ ଭାରତୀୟ ଅର୍ଥନୀତିର କେତେକ ମୌଳିକ ତଥ୍ୟ ଉପରେ କିଞ୍ଚିତ ଆଲୋଚନା କରିବା। ୧୯୪୭ରେ ଏକ ନିମ୍ନବିତ୍ତ ବା ଗରିବ ରାଷ୍ଟ୍ର ଭାବେ ଜନ୍ମ ନେଇଥିବା ଆମ ଦେଶ ୬୦ ବର୍ଷ ପରେ ଅର୍ଥାତ୍ ୨୦୦୭ ରେ ଯାଇ 'ନିମ୍ନ-ମଧ୍ୟବିତ୍ତ' ଦେଶ ଭାବେ ବିଶ୍ୱବ୍ୟାଙ୍କ ଦ୍ୱାରା ମାନ୍ୟତା ପାଇଲା। ପରବର୍ତ୍ତୀ ୧୮ ବର୍ଷ ପରେ ମଧ୍ୟ ଆମେ ପରବର୍ତ୍ତୀ ସୋପାନକୁ ଉନ୍ନୀତ ହୋଇପାରିନାହୁଁ। ମଧ୍ୟବିତ୍ତ ଶ୍ରେଣୀ ବର୍ଗରେ ପହଞ୍ଚିବା ପାଇଁ ମୁଣ୍ଡପିଛା ହାରାହାରି ଆୟ ୪, ୫୧୬ ଆମେରିକୀୟ ଡଲାର ହେବା ଆବଶ୍ୟକ ଥିବା ବେଳେ ଗତ ୧୮ ବର୍ଷ ମଧ୍ୟରେ ଆମ ଦେଶର ମୁଣ୍ଡପିଛା ଆୟ ହାରାହାରି ୧, ୦୨୨ ଆମେରିକୀୟ ଡଲାରରୁ ମାତ୍ର ୨, ୭୦୦ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। 'ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ'ର ଆକଳନ ଅନୁଯାୟୀ, ଭାରତୀୟ ଅର୍ଥନୀତିର ସାମ୍ପ୍ରତିକ ଧାରା ଜାରି ରହିଲେ ଉଚ୍ଚ ମଧ୍ୟବିତ୍ତ ଦେଶର ମାନ୍ୟତା ପାଇଁ ୨୦୩୬ ମସିହା ପର୍ଯ୍ୟନ୍ତ ଏବଂ ଉଚ୍ଚବର୍ଗର ବା ୧୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚିବା ପାଇଁ ୨୦୪୭ ଯାଏଁ ଅପେକ୍ଷା କରିବାକୁ ପଡ଼ିବ। ସେହି ସମୟ ବେଳକୁ ଆମ ମୁଣ୍ଡପିଛା ଆୟ ୧୩, ୮୪୬ ଡଲାର ହେବାକୁ ପଡ଼ିବ। ଆମେରିକାର ମୁଣ୍ଡପିଛା ଆୟର ଏକ-ଚତୁର୍ଥାଂଶ ହାସଲ ପାଇଁ ଆମକୁ ଆହୁରି ୭୫ ବର୍ଷ ଯାଏଁ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ଏହି ସମୟ ଭିତରେ ବିଶ୍ୱ ଓ ଭାରତର ଅର୍ଥନୀତିର ସ୍ଥିରତା ଉପରେ ସବୁକିଛି ନିର୍ଭର କରୁଛି। ସେତେବେଳକୁ ଆମେରିକାର ଅର୍ଥନୀତି ଆହୁରି ୭ଗୁଣା ବଢ଼ି ଯାଇଥିବ।

ନୈରାଶ୍ୟର ବିଷୟ ହେଉଛି ବିଗତ ୩୦ ବର୍ଷ ଧରି ଭାରତର ହାରାହାରି ଅଭବୃଦ୍ଧି ହାର ୬% ରହିଛି। ୧୯୭୩-୧୯୮୨ ଏବଂ ୨୦୦୩-୨୦୧୨କୁ ଛାଡ଼ିଦେଲେ ଅର୍ଥନୈତିକ ହାରାହାରି ଅଭିବୃଦ୍ଧି ହାର ୯% ଉପରକୁ ଉଠି ପାରିନାହିଁ। ପ୍ରଖ୍ୟାତ୍ ଅର୍ଥନୀତିଜ୍ଞ ରଘୁରାମ ରାଜନ୍‌ଙ୍କ ଆକଳନ ଅନୁଯାୟୀ ପ୍ରଚଳିତ ଧାରା ଅପରିବର୍ତ୍ତିତ ରହିଲେ ୨୦୬୦ ସୁଦ୍ଧା ଭାରତର ମୁଣ୍ଡପିଛା ଜିଡିପି ୧୦ ହଜାର ଡଲାର ହେବ, ଯାହା ବର୍ତ୍ତମାନର ଚୀନ୍ ତୁଳନାରେ ମଧ୍ୟ କମ୍। ବରିଷ୍ଠ ବିଜେପି ନେତା ରାମ ମାଧବ 'ଦ ନିଉ ୱାର୍ଲ୍ଡ: ୨୧ ସେଞ୍ଚୁରୀ ଗ୍ଲୋବାଲ୍ ଅର୍ଡର ଆଣ୍ଡ ଇଣ୍ଡିଆ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ୧୦% ଅଭିବୃଦ୍ଧି ହାରରେ ବଢ଼ିଲେ ଯାଇ ଭାରତ ବିକଶିତ ଅର୍ଥନୀତି ହୋଇପାରିବ।

ସେହିପରି ଚଳିତ ଦଶନ୍ଧି ସୁଦ୍ଧା ଆମକୁ ମଧ୍ୟବିତ୍ତ ଦେଶର ମାନ୍ୟତା ପାଇବାକୁ ହେଲେ ସବୁରାଜ୍ୟର ମୁଣ୍ଡପିଛା ଆୟ ହାରାହାରି ୪, ୧୯୫ ଡଲାର ପାଖାପାଖି ପହଞ୍ଚିବା ଆବଶ୍ୟକ। ପଶ୍ଚିମ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କ ତୁଳନାରେ ଅବଶିଷ୍ଟ ଭାରତର ହାରାହାରି ମୁଣ୍ଡପିଛା ଆୟ ଏବେ ନିମ୍ନ-ମଧ୍ୟବିତ୍ତ ଠାରୁ ମଧ୍ୟ କମ୍। କେବଳ ଦିଲ୍ଲୀର ମୁଣ୍ଡପିଛା ଆୟ ୫୫୬୯ ଡଲାର ଥିବା ବେଳେ ତେଲଙ୍ଗାନାର ୪୩୦୬, କର୍ଣ୍ଣାଟକର ୪୦୨୧, ହରିଆଣାର ୩୯୩୪, ତାମିଲନାଡୁର ୩୮୦୭ ଡଲାର ରହିଛି। ଅପରପକ୍ଷରେ ବିହାରର ମୁଣ୍ଡପିଛା ଆୟ ୭୨୯ ଡଲାର ଥିବା ବେଳେ ଛତିଶଗଡ଼ ୧୭୮୦, ପଶ୍ଚିମବଙ୍ଗ ୧୮୬୧, ଓଡ଼ିଶା ୧୯୭୦ ଡଲାର ରହିଛି। ଏପରିକି ବାଂଲାଦେଶ ଓ ନେପାଳର ହାରାହାରି ଆୟଠାରୁ ଉତ୍ତରପ୍ରଦେଶ ଓ ବିହାରର ହାରାହାରି ଆୟ କମ୍। ଏହି ଆଞ୍ଚଳିକ ବୈଷମ୍ୟଭରା ସ୍ଥିତିରେ ଆମେ ବୃହତ୍ ଅର୍ଥନୈତିକ ଶକ୍ତି ହେବା କେମିତି?

ବିଗତ ୧୫ ବର୍ଷ ମଧ୍ୟରେ ଜନସଂଖ୍ୟାର ସର୍ବୋଚ୍ଚ ସମ୍ପଦଧାରୀ ୧୫% ରୁ ୫୦% ମଧ୍ୟରେ ଥିବା ଗୋଷ୍ଠୀଙ୍କ ଆୟ ସ୍ଥାଣୁ ହୋଇଯାଇଛି। ମାଗଣା ଯୋଜନା ଓ ରିହାତି ଯୋଗୁଁ ଅର୍ଥନୀତିର ସବୁଠାରୁ ନିମ୍ନ ବର୍ଗରେ ଥିବା ଜନସଂଖ୍ୟାଙ୍କ ଆୟ ବଢ଼ିଛି। କିନ୍ତୁ ୧୮ ରୁ ୩୬ ବର୍ଷ ବର୍ଗର ୧୨୦ ନିୟୁତ ଲୋକଙ୍କ ପାଖରେ ନା ପର୍ଯ୍ୟାପ୍ତ ଶିକ୍ଷା ଅଛି ନା ରୋଜଗାର। କୃଷିରେ ଶ୍ରମିକ ନିୟୋଜନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ବିନିର୍ମାଣର ଅବଦାନ ଗତ ୩୦ ବର୍ଷର ସର୍ବନିମ୍ନ ସ୍ତରକୁ ଖସି ଆସିଛି। କେବଳ ଅଣସଂଗଠିତ ଓ ଅନୌପଚାରିକ କ୍ଷେତ୍ରରେ ଉତ୍ପାଦନ ଓ ନିଯୁକ୍ତି ହାର ବଢ଼ିଛି। ଆମ ଦେଶରେ ସ୍ମାର୍ଟଫୋନ୍, ଦୁଇ-ଚାରିଚକିଆ ଗାଡ଼ିର ଉତ୍ପାଦନ ଓ ବିକ୍ରିକୁ ଛାଡ଼ିଦେଲେ ବଜାର ଅର୍ଥନୀତିରେ ଚାହିଦା ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁଁ ଯୋଗାଣକାରୀଙ୍କ ଲାଭ ସହିତ ବାସ୍ତବ ଓ ମୁଦ୍ରାସ୍ଫୀତି ଆଧାରିତ ମଜୁରୀ ହାର ଉଦ୍‌ବେଗଜନକ ଭାବେ କମିବାରେ ଲାଗିଛି। ନିବେଶ ସଂକୁଚିତ ହୋଇଛି। ଋଣ ପରିଶୋଧ କରିବା ଲାଗି କମ୍ପାନୀମାନେ ସରକାରୀ ସହାୟତା ଉପରେ ନିର୍ଭର କରୁଛନ୍ତି। ସରକାର ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ନେଉଥିବାରୁ ପ୍ରତିଭୂତି ବଜାରର ସରକାରୀ ରାଜକୋଷକୁ ଯୋଗଦାନ କମିବାରେ ଲାଗିଛି। ଆମ ଅର୍ଥନୀତିର ଆଉ ଏକ ବିଡ଼ମ୍ବନା ହେଉଛି ଆଭ୍ୟନ୍ତରୀଣ ଉତ୍ପାଦନ କେବଳ ଦେଶର ୧୫% ଧନିକଙ୍କ ଚାହିଦା ମେଣ୍ଟାଇବାରେ ସକ୍ଷମ ଥିବା ବେଳେ ଗରିବ ଜନକଲ୍ୟାଣ, ଜୀବନଧାରଣ ଓ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି।

ବିଶ୍ୱର ଅର୍ଥନୈତିକ ଶକ୍ତି ହେବା ପାଇଁ ପ୍ରଥମେ ନିମ୍ନ-ମଧ୍ୟବିତ୍ତର ଲକ୍ଷ୍ମଣରେଖା ଡେଇଁ ଆମେ ମଧ୍ୟବିତ୍ତ ମାନ୍ୟତା ହାସଲ କରିବା ନିହାତି ଆବଶ୍ୟକ। ଏଥିପାଇଁ ସର୍ବପ୍ରଥମେ ଚାହିଦାକୁ କ୍ରମଶଃ ଅଣସଂଗଠିତ ନିମ୍ନଗୁଣବତ୍ତା ସମ୍ପନ୍ନ ସୁଲଭ ସାମଗ୍ରୀରୁ ମହଙ୍ଗା ଓ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଔପଚାରିକ କ୍ଷେତ୍ରକୁ ଉନ୍ନୀତ କରିବା ଜରୁରୀ। କିନ୍ତୁ ବର୍ତ୍ତମାନ ଦେଶର ୮୦ କୋଟି ପରିବାର ବିନା ରିହାତିରେ ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ମେଣ୍ଟାଇବାରେ ଅକ୍ଷମ। ଏଭଳି ସ୍ଥିତିରେ ବଜାର ଅର୍ଥନୀତି ବିକଶିତ ହେବ କେମିତି? ଦ୍ୱିତୀୟତଃ, କୌଣସି ରାଷ୍ଟ୍ରର ଅର୍ଥନୈତିକ ଶକ୍ତି ଓ ସ୍ଥାନ 'ପର୍ଚେଜିଂ ପାୱାର ପାରିଟି' ଅନୁଯାୟୀ ନିର୍ଦ୍ଧାରିତ ହୋଇଆସୁଛି। ଆୟ ସମାନ ଥିଲେ ମଧ୍ୟ ଭୌଗୋଳିକ ସ୍ଥିତି ଓ ସମୟ ଅନୁଯାୟୀ ବଜାରମୂଲ୍ୟ ଓ ଜୀବନଧାରଣର ମାନରେ ତାରତମ୍ୟ କିଭଳି ସାମଗ୍ରିକ ଭାବେ ଆଞ୍ଚଳିକ ଅର୍ଥନୀତିକୁ ପ୍ରଭାବିତ କରୁଛି ତାହା 'ପର୍ଚେଜିଂ ପାୱାର ପାରିଟି' ସୂଚକାଙ୍କ ନିର୍ଦ୍ଧାରଣ କରୁଛି। ଉଦାହରଣ ସ୍ୱରୂପ ସମାନ ବେତନଧାରୀ ଦୁଇଜଣ ପେସାଦାରଙ୍କ ମଧ୍ୟରୁ ଜଣେ ମେଟ୍ରୋ ସହରରେ, ଆଉ ଜଣେ 'ଖ' ବର୍ଗର ସହରରେ ରହିଲେ। କୌଣସି ପଦୋନ୍ନତି କିମ୍ବା ବେତନ ବୃଦ୍ଧି ବିନା ପାଞ୍ଚ ବର୍ଷ ପରେ ମେଟ୍ରୋ ସହରବାସୀ ପେସାଦାରଙ୍କ ଅର୍ଥନୈତିକ ସ୍ଥିତି ତୁଳନାରେ 'ଖ' ବର୍ଗ ସହରବାସୀ ପେସାଦାରଙ୍କ ଆର୍ଥିକ ସ୍ଥିତି ଉନ୍ନତ ରହିବ; ଅଥଚ ସେହି ସମୟ ମଧ୍ୟରେ 'ଖ' ବର୍ଗ ସହରର ସାମଗ୍ରିକ ଜିଡିପିଠାରୁ ମେଟ୍ରୋ ସହର ଅର୍ଥନୈତିକ ଅଭିବୃଦ୍ଧି ହାର ବହୁ ଗୁଣା ଅଧିକ ବଢ଼ିଯାଇଥିବ। ଏହି ଆଧାରରେ ଆମର ଅର୍ଥନୀତି ବିଶ୍ୱର ପ୍ରଥମ ପାଞ୍ଚ ସ୍ଥାନରୁ କାହିଁ କେତେ ଦୂରରେ ରହୁଛି। ୨୦୨୧ ରେ ନୋମିନାଲ୍ ଜିଡିପିରେ ଆମେ ଇଂଲଣ୍ଡକୁ ଟପିସାରିଥିଲୁ। କିନ୍ତୁ ସେତେବେଳେ ଇଂଲଣ୍ଡର ମୁଣ୍ଡପିଛା ଜିଡିପି ୪୬, ୧୧୫ ଡଲାର ଥିବା ବେଳେ ଆମର ଥିଲା ୨, ୨୫୦ ଡଲାର। ବର୍ତ୍ତମାନ ସେ ଦେଶର ମୁଣ୍ଡପିଛା ଜିଡିପି ୫୪, ୯୪୯ ଥିବା ବେଳେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ପାଇ ମଧ୍ୟ ଆମର ମୁଣ୍ଡ ପିଛା ଜିଡିପି ୨, ୮୭୯ ଡଲାର ରହିଛି। ତେଣୁ ଏ ଦିଗରେ ଆମକୁ ମାତ୍ରାଧିକ ଉତ୍ସାହିତ ନ ହୋଇ ଆହୁରି ଅନେକ ବାଟ ଚାଲିବାର ଅଛି। ଏଥିପାଇଁ ଚୀନ୍‌କୁ ଉଦାହରଣ ଓ ପ୍ରେରଣା ରୂପେ ନିଆଯାଇପାରେ। ଉଲ୍ଲେଖନୀୟ ପ୍ରଗତି ଏବଂ ନୋମିନାଲ୍ ଜିଡିପିରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ମାନ୍ୟତା ସତ୍ତ୍ୱେ ସେ ଦେଶ ଏ ପର୍ଯ୍ୟନ୍ତ ଉଚ୍ଚବିତ୍ତ ବର୍ଗରେ ପହଞ୍ଚିପାରିନାହିଁ।

ଆମ ଦେଶରେ ବିଗତ ୧୦ ବର୍ଷ ଭିତରେ କୌଣସି ନୀତିଗତ ସଂସ୍କାର ହୋଇନାହିଁ। ଯାହାକିଛି ଆଂଶିକ ସଂସ୍କାର ହୋଇଛି ତାହା ବଡ଼ କମ୍ପାନୀଙ୍କୁ ସୁହାଇଛି ଏବଂ ଛୋଟ କମ୍ପାନୀଙ୍କୁ କ୍ଷତିଗ୍ରସ୍ତ କରିଛି। ତେଣୁ ଏକ ବୃହତ୍ ସଂସ୍କାର ବିନା ଅର୍ଥନୈତିକ ମହାଶକ୍ତିର ମର୍ଯ୍ୟାଦା ଓ ବାସ୍ତବତା ଆମ ପାଇଁ କେବଳ ଏକ ସ୍ୱପ୍ନ ହୋଇ ରହିଯିବ। ଆମକୁ ମନେ ରଖିବାକୁ ହେବ ଯେ ମାନ୍ୟତା ଓ ମର୍ଯ୍ୟାଦା ଭିତରେ ଫରକ ଅନେକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ସର୍ବଭାରତୀୟ ପ୍ରଶାସନିକ ସେବା: ରାଷ୍ଟ୍ରନିର୍ମାଣର ଇସ୍ପାତ ଢାଞ୍ଚା

ରଞ୍ଜନ କୁମାର ରାୟ

ଏକ ରାଷ୍ଟ୍ରର ମାନ ନିର୍ଦ୍ଧାରଣ କେବଳ ଏହାର ଭୌଗୋଳିକ ସ୍ଥିତି ଦ୍ୱାରା ନୁହେଁ, ବରଂ ଏହାର ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା, ନିରପେକ୍ଷତା ଏବଂ ସ୍ଥିରତା ଦ୍ୱାରା କରାଯାଏ। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଅଖିଳ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଓଏସ୍) ପ୍ରଶାସନ ଏବଂ ସମ୍ବିଧାନର ତୃତୀୟସ୍ତମ୍ଭର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଛି, କେନ୍ଦ୍ର-ରାଜ୍ୟ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ ଓ ସୁନିଶ୍ଚିତ କରିଛି, ଶାସନ-ନାଗରିକଙ୍କ ମଧ୍ୟରେ ବ୍ୟବଧାନକୁ ଦୂର କରିଛି। ଭାରତୀୟ ପ୍ରଶାସନିକ ସେବା ଓ ଅଧିକାରୀଙ୍କ ଅବଦାନ ଏହା ପ୍ରମାଣିତ ଓ ପ୍ରତିଫଳିତ କରେ ଯେ କିପରି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୃଷ୍ଟିକୋଣ ଏକ ଦୃଢ଼, ଏକୀକୃତ ଓ ପ୍ରତିକ୍ରିୟାଶୀଳ ରାଷ୍ଟ୍ରର ପ୍ରଶାସନିକ ବ୍ୟବସ୍ଥାକୁ ମାର୍ଗଦର୍ଶନ କରି ଚାଲିଛି।

ଏକ ନୂତନ ସ୍ୱାଧୀନ ରାଷ୍ଟ୍ରର ଭଙ୍ଗୁରତାକୁ ଠିକ୍ ରୂପେ ଅନୁମାନ କରି ଏକ ବୃତ୍ତିଗତ, ନିରପେକ୍ଷ ଏବଂ ପ୍ରଭାବଶାଳୀ ନାଗରିକ ସେବା ଉପରେ ଗୁରୁତ୍ୱ ଦେଇଥିଲେ, ଯାହା ସ୍ୱାଧୀନ ଭାରତର ଶାସନ ଓ ପ୍ରଶାସନିକ ବ୍ୟବସ୍ଥାରେ ଏକ ସୁଦୃଢ଼ ଇସ୍ପାତ ଢାଞ୍ଚା ରୂପେ କାର୍ଯ୍ୟ କରିବ। ଏହି ଢାଞ୍ଚା ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ରାଜ୍ୟ ସହିତ ସଂଯୋଗ କରିବ, ନୀତିଗୁଡ଼ିକୁ ସମାନ ଭାବରେ କାର୍ଯ୍ୟକାରୀ କରିବାରେ ସମନ୍ୱୟ ରକ୍ଷା କରିବ ଏବଂ ଆର୍ଥିକ-ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିବ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବ। ସର୍ଦ୍ଦାର ପଟେଲ ବୁଝିପାରିଥିଲେ ଯେ ଅଖଣ୍ଡ ଭାରତର ସାର୍ବଭୌମତ୍ୱର ସୁରକ୍ଷା ପାଇଁ କେବଳ ରାଜନୈତିକ ଏକତା ଯଥେଷ୍ଟ ନୁହେଁ। ଏଥିପାଇଁ ଆବଶ୍ୟକ ଏପରି ଏକ ସୁଦୃଢ଼ ବ୍ୟବସ୍ଥା, ଯେଉଁଥିରେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ନୀତିଗୁଡ଼ିକୁ ବ୍ୟବାହାରିକ ଶାସନରେ ରୂପାନ୍ତରିତ କରିପାରିବେ, ସ୍ଥାୟୀ ଶାନ୍ତି ବାହାଲ କରିପାରିବେ ଏବଂ ଅଭିବୃଦ୍ଧିକୁ ସୁଦୃଢ଼ କରିପାରିବେ।

ସର୍ବଭାରତୀୟ ସେବା ଅଧିକାରୀମାନଙ୍କୁ ଜିଲ୍ଲା



ଓ ରାଜ୍ୟଗୁଡ଼ିକରେ ନିଯୁକ୍ତ କରାଯାଇଛି, ଯାହାଦ୍ୱାରା ସରକାର ନେଉଥିବା ନୀତିଗତ ନିଷ୍ପତ୍ତି ଏବଂ ଜନତାଙ୍କ ପହଞ୍ଚି ଉଭୟଙ୍କ ମଧ୍ୟରେ ସଂଯୋଗ ରକ୍ଷା କରିପାରୁଛି। ନିର୍ବାଚନ ତଦାରଖ ଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ, ସେମାନେ ଆଇନର ଶାସନ, ସମାନତା ଏବଂ ଜାତୀୟ ଏକତାକୁ ବଜାୟ ରଖିଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ସେମାନଙ୍କର ଉପସ୍ଥିତି ନିଶ୍ଚିତ କରେ ଯେ ଶାସନ କେବଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ କେନ୍ଦ୍ରିତ ନୁହେଁ, ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ପ୍ରକଳ୍ପରେ ଭାଗୀଦାର କରିଥାଏ। ଅନେକ ଅଞ୍ଚଳରେ ଅଧିକାରୀମାନେ ବିପର୍ଯ୍ୟୟ ପ୍ରଶମନ, ସ୍ଥାନୀୟ ଯୋଜନା ଏବଂ ସାମାଜିକ ପଦକ୍ଷେପରେ ଅତିରିକ୍ତ ଭୂମିକା ଗ୍ରହଣ କରନ୍ତି, ଯାହା ସର୍ଦ୍ଦାର ପଟେଲ୍‌ଙ୍କ ପରିକଳ୍ପିତ ଇସ୍ପାତ ଢାଞ୍ଚାର ବହୁମୁଖୀ ପ୍ରଭାବକୁ ପ୍ରତିଫଳିତ କରେ।

ଏହା ପ୍ରାକୃତିକ ବିପର୍ଯ୍ୟୟ, ନାଗରିକ ଅଶାନ୍ତି, ମହାମାରୀ ପରି ସ୍ଥିତିରେ ସର୍ବଭାରତୀୟ ସେବା ଅଧିକାରୀମାନେ ନିରନ୍ତରତା, ସମନ୍ୱୟ ଓ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି। ସ୍ଥାନୀୟ ବାସ୍ତବତା ସହିତ କେନ୍ଦ୍ରୀୟ ନିର୍ଦ୍ଦେଶାବଳୀକୁ ସମନ୍ୱିତ କରିବାର ସେମାନଙ୍କର କ୍ଷମତା ଭାରତକୁ ଆଭ୍ୟନ୍ତରୀଣ ଆହ୍ୱାନର ମୁକାବିଲା କରିବାକୁ ଏବଂ ବିବିଧତାରେ ଏକତା ବଜାୟ ରଖିବାକୁ ପ୍ରେରଣା ଓ ଉତ୍ସାହ ଦିଏ। ଆସାମର ବନ୍ୟାଠାରୁ ଗୁଜରାଟର ଭୂମିକମ୍ପ ପର୍ଯ୍ୟନ୍ତ ସଙ୍କଟ ସମୟରେ ଦେଶର ସ୍ଥିରତା, ଅତ୍ୟାବଶ୍ୟକ ସେବା ପ୍ରଦାନ ସୁନିଶ୍ଚିତ କରିବା ସହିତ ସାମ୍ପ୍ରଦାୟିକ ସଦ୍‌ଭାବନା, ଶାନ୍ତି ଓ ସ୍ଥିରତା ରକ୍ଷା କରିବାରେ ଏହି ଅଧିକାରୀଙ୍କ ଭୂମିକା ଅପରିହାର୍ଯ୍ୟ ଓ ପ୍ରଶଂସନୀୟ।

ପ୍ରଶିକ୍ଷଣ, ପ୍ରଶାସନ ଓ ନାଗରିକମାନଙ୍କ ସହିତ ଦୈନନ୍ଦିନ ପାରସ୍ପରିକ ସମ୍ପର୍କ, ସମନ୍ୱୟ ଓ ଭାବ ବିନିମୟ ମାଧ୍ୟମରେ ଭାରତୀୟ ସେବା ବିଭାଗଗୁଡ଼ିକ ସହଭାଗୀ ଦାୟିତ୍ୱ ଏବଂ ରାଷ୍ଟ୍ରୀୟ ଭାବନା ଜାଗ୍ରତ କରନ୍ତି। ଅଧିକାରୀମାନେ ବିଭିନ୍ନ ଗୋଷ୍ଠୀ ଓ ବିବାଦ ସମାଧାନରେ ମଧ୍ୟସ୍ଥତା କରନ୍ତି ଏବଂ ନୀତିଗୁଡ଼ିକର ସମାବେଶୀ ରୂପାୟନକୁ ନିଶ୍ଚିତ କରନ୍ତି, ଯାହା ଦ୍ୱାରା ଶାସନରେ ସମନ୍ୱୟ ଓ ବିଶ୍ୱାସ ଉଭୟକୁ ସୁଦୃଢ଼ କରିଥାଏ। ଏହି ଦୈନନ୍ଦିନ କାର୍ଯ୍ୟ ସାମାଜିକ ସଂହତିକୁ ସୁଦୃଢ଼ କରେ ଏବଂ ଆଇନ, ନ୍ୟାୟ ଓ ସାର୍ବଜନିତ ମୂଲ୍ୟବୋଧ ପ୍ରତି ସମ୍ମାନକୁ ପ୍ରୋତ୍ସାହିତ କରେ, ଯାହା ଏକ ରାଷ୍ଟ୍ରୀୟ ଏକତାର ଭିତ୍ତିକୁ ସୁଦୃଢ଼ କରେ।

ଏକ ଅଖଣ୍ଡ ଭାରତ ପାଇଁ ଦୃଢ଼ ଅନୁଷ୍ଠାନ ଅତ୍ୟାବଶ୍ୟକ - ସର୍ଦ୍ଦାର ପଟେଲ୍‌ଙ୍କ ଏହି ଦୂରଦୃଷ୍ଟି, ବିଶ୍ୱାସ ଓ ଦୃଷ୍ଟିଭଙ୍ଗୀକୁ ସର୍ବଭାରତୀୟ ସେବାଗୁଡ଼ିକ ପ୍ରମାଣିତ କରେ। ସେମାନେ ଦୃଷ୍ଟିକୋଣକୁ କାର୍ଯ୍ୟରେ, ନୀତିକୁ ପ୍ରୟୋଗରେ ଏବଂ ବିଚାରଧାରାକୁ ମୂର୍ତ୍ତ ଜାତୀୟ ସଂହତିରେ ରୂପାନ୍ତରିତ କରନ୍ତି। ରାଷ୍ଟ୍ରୀୟ ଏକତା ଦିବସରେ, ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଅବଦାନ ଯେକୌଣସି ରାଜନୈତିକ କିମ୍ବା ସାଂସ୍କୃତିକ ପ୍ରୟାସ ପରି ଗୁରୁତ୍ୱପୂର୍ଣ୍ଣ। ସେମାନେ ନିଶ୍ଚିତ କରନ୍ତି ଯେ ସମନ୍ୱୟ, ନ୍ୟାୟ ଓ ଜାତୀୟ ସେବାର ଆଦର୍ଶ ଦେଶର ପ୍ରତ୍ୟେକ କୋଣରେ ଜୀବନ୍ତ ରହିବ।

# ବାସ୍ତବବାଦୀ ସାଧିକା ସୀତାଦେବୀ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ବାସ୍ତବବାଦ ପ୍ରସଙ୍ଗ ଉତ୍ଥାପିତ ହେବା ମାତ୍ରକେ ପାଶ୍ଚାତ୍ୟ ପୃଥିବୀର ସ୍ୱଭାବବାଦୀ ଓ ବାସ୍ତବବାଦୀ ସାହିତ୍ୟିକ ଆନ୍ଦୋଳନର ଚିତ୍ର ସଚେତନ ପାଠକମାନଙ୍କ ମାନସ ପଟରେ ଚିତ୍ରିତ ହୋଇଉଠିବା ସ୍ୱାଭାବିକ। ମାତ୍ର ଭାରତୀୟ ବାସ୍ତବତାବାଦ ସମ୍ପର୍କରେ ଯେଉଁ ଗଭୀର ଓ ବିସ୍ତୃତ ଚିନ୍ତନ ମନ୍ଥନ ଆବଶ୍ୟକ, ଏହା ଆଶାନୁରୂପ ଉପସ୍ଥାପିତ ହୋଇପାରିନାହିଁ। କିନ୍ତୁ ବିଶିଷ୍ଟ ସାହିତ୍ୟ ସାଧିକା ସୀତାଦେବୀ ଖାଡ଼ଙ୍ଗା ଯେ ତତ୍କାଳୀନ ସାହିତ୍ୟ ଜଗତରେ ଥିଲେ ପ୍ରକୃତ ବାସ୍ତବତାବାଦୀ ଉଚ୍ଚମାନର ସାହିତ୍ୟ ସାଧିକା -ଏହା ସ୍ୱକୀୟ ବିଚାରବୋଧ ଦ୍ୱାରା ନିର୍ଣ୍ଣୟ କରିପାରିବା ଏକ ଗୌରବଦୀପ୍ତ ଅନୁଭବ।

ସୀତାଦେବୀ ଯେଉଁ ସାମାଜିକ ପରିବେଶ ମଧ୍ୟରେ ଜନ୍ମ ନେଲେ ସେଥିରେ ଚତୁର୍ଦ୍ଦିଗରେ ଘେରି ରହିଥିଲା ରକ୍ଷଣଶୀଳତାର ବହଳ କଳା ପରଦା। ସେଇ ଅନ୍ଧକାରାବୃତ୍ତ ବାତାବରଣକୁ ସେହି ନାରୀ ପ୍ରତିଭା ହିଁ ବିନମ୍ରତା ସହ ଅତିକ୍ରମ କରିଯାଇପାରନ୍ତି, ଯାହାଙ୍କ ହୃଦୟକୁ ଆଲୋଡ଼ିତ କରିପାରେ ବାହାର ସଂସାରର ଅସଂଗତି ଓ ଅଚେତନତା। ତାହା ହୋଇ ନଥିଲେ ସୀତାଦେବୀ କିପରି ରଚନା କରିପାରିଥା'ନ୍ତେ 'ମନ୍ଦିର ପ୍ରବେଶ' ପରି ନାଟକ! ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିଥା'ନ୍ତେ କେଉଁ ଜୀବନୀ-ଶକ୍ତି ବଳରେ!! ସୃଷ୍ଟି କରିପାରିଲେ କିପରି 'ସଂସ୍କାରକ' ଶୀର୍ଷକ ଗଳ୍ପ ଅଥବା ଭିକ୍ଷୁକ ସମସ୍ୟା ପରି ପ୍ରବନ୍ଧ!!!

ସୀତାଦେବୀ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଛନ୍ତି ଅନ୍ତରର ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ବଳରେ। କବିତା, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଏକାଙ୍କିକା, ଶିଶୁ ସାହିତ୍ୟ, ସାହିତ୍ୟ ସମାଲୋଚନା ଆଦି ସମସ୍ତ ପ୍ରକାର ଲେଖାରେ ନିଜସ୍ୱ ମୌଳିକ ଦୃଷ୍ଟିଭଙ୍ଗୀର ବଳିଷ୍ଠ ପରିଚୟ ଦେଇ ପାରିଛନ୍ତି ସେ। 'ଦାସୀର ଭାଗ୍ୟ, ' 'ଦୁଃଖୀ', 'ଭୁଲ', 'ବୃଥା ଗର୍ବ' ଆଦି ଅନେକ ଗଳ୍ପର ସ୍ରଷ୍ଟା ସେ। ନାଟକ ମଧ୍ୟରେ ରହିଛି 'ମନ୍ଦିର ପ୍ରବେଶ, ' 'ନିଷ୍ପତ୍ତି', 'ଜନ୍ମତିଥି', 'ଉପନ୍ୟାସ 'ପୌଷ୍ୟପୁତ୍ର', 'ଅଗ୍ରଜ', 'ପ୍ରତ୍ୟାବର୍ତ୍ତନ', କବିତା - 'ଶାନ୍ତିନିକେତନ', 'ପାନ୍ଥଶାଳା', 'ନୈବେଦ୍ୟ' ଆତ୍ମଜୀବନୀ - 'ମୋର ଜୀବନ ସ୍ମୃତି' ଆଦି ବିପୁଳ ସୃଷ୍ଟିର ତାଲିକା ହୋଇଯାଇ ପାରିବ ଦୀର୍ଘାୟିତ। ଗଦ୍ୟ ହେଉ ଅବା ପଦ୍ୟ, ସମାଜର ସମସ୍ୟା ଲେଖନ୍ତୁ ଅଥବା ନିଜ ବ୍ୟକ୍ତିନିଷ୍ଠ ଉପଲବ୍ଧି ବ୍ୟକ୍ତ କରନ୍ତୁ -ସର୍ବତ୍ର ତାଙ୍କ ଅନ୍ତରାତ୍ମାର ପରିଶୁଦ୍ଧତା ପ୍ରତିବିମ୍ବିତ।

ନିଜକୁ ସମସ୍ତ ପ୍ରକାରର ସଂକୀର୍ଣ୍ଣତାରୁ ମୁକ୍ତ ନ କଲେ, ବାଗଦେବୀ ତାଙ୍କ ସୂକ୍ଷ୍ମ ବୀଣାତାରର ମୂର୍ଚ୍ଛନାରେ ପ୍ରାଣ-ପ୍ରକୋଷ୍ଠରେ କାହିଁକି ଓ କିପରି ସୃଷ୍ଟି କରିବେ ସୃଜନିକାର ମର୍ମଧ୍ୱନି? ସୀତାଦେବୀ କି ଆନ୍ତରିକ ଭାବରେ ଗାଇଛନ୍ତି ଅନ୍ତରର ଅନୁଭୂତି! ସେ କହନ୍ତି -

'ଦେଇଛ ଅନେକ ପାଇଲୁ ସେ ସବୁ ହୋଇଛୁ ପରିପୂର୍ଣ୍ଣ, କେଉଁ କୋଣେ ଯଦି ଦ୍ୱେଷ ରୋଷ ଥାଏ, ଅବିଳମ୍ବେ କର ଚୂର୍ଣ୍ଣ / ଦୁଃଖ ଅବସାଦ ଆସି କେଉଁକ୍ଷଣେ ଗ୍ରାସ କରିଦେଲେ ପ୍ରାଣ, କେତେବେଳେ କେଉଁ ବେଶେ ଆସି ପ୍ରଭୁ କର ମୋତେ ପରିତ୍ରାଣ।' - 'ପାନ୍ଥଶାଳା' କବିତାରେ ପ୍ରକାଶିତ ତାଙ୍କର ଏହି ନିବେଦନ କି ମର୍ମସ୍ପର୍ଶୀ!

ଆତ୍ମକଥା ରଚନା ବେଳେ କି ନମ୍ରତାର ସହ ସେ ବିମୋଚନ କରିଦେଉଛନ୍ତି ଜୀବନାନୁଭୂତିର ଗୋଟିଏ ପରେ ଗୋଟିଏ ସ୍ତର! ପ୍ରତିଭା ସାମାଜିକ ସମର୍ଥନ ଲାଭ କରି ପ୍ରସ୍ଫୁଟିତ ହୁଏ ନାହିଁ। ସାମାଜିକ ସଂକୀର୍ଣ୍ଣତାକୁ ଅସ୍ୱୀକାର କରି ହିଁ ସେ ପ୍ରଜ୍ଜ୍ୱଳିତ ହୋଇଉଠେ - ତାହାର ପ୍ରତୀକ ସୀତାଦେବୀ। ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ମଧ୍ୟରେ ନିଜ ନିଷ୍କଳୁଷ ନିର୍ମଳ ଆତ୍ମାକୁ ଆବିଷ୍କାର କରିଛନ୍ତି ସେ। ସେହି ଭାବନାରେ ଲେଖିଛନ୍ତି କେତେ ଗୀତିଧର୍ମୀ କବିତା। ପାଠକର ଜାଣିବା ସକାଶେ ତାହାକୁ ଅନୁବାଦ ଆଖ୍ୟା ଦେଇଛନ୍ତି ସିନା; କିନ୍ତୁ ସେଥିରେ ତାଙ୍କରି ଆତ୍ମାନୁଶୀଳନ ହିଁ ରହିଛି ପ୍ରଚ୍ଛନ୍ନ। କେହି କେହି ତାଙ୍କ କବିତାରେ କବିଙ୍କ ବ୍ୟକ୍ତିସତ୍ତାଟିକୁ ଖୋଜି ପାଉଥିବା ବେଳେ ଗଦ୍ୟସୃଷ୍ଟିରେ ସମାଜ ସଚେତନ ଶିଳ୍ପୀ ସତ୍ତାକୁ ଲକ୍ଷ୍ୟ କରିପାରନ୍ତି। ବାସ୍ତବରେ ଏହି ବ୍ୟକ୍ତି ସତ୍ତା ଆଉ ସାମାଜିକ ପରିବର୍ତ୍ତନର ଆହ୍ୱାନ ଦେଉଥିବା ସାହସିନୀ ସୀତାଙ୍କ ମଧ୍ୟରେ କୌଣସି ତାରତମ୍ୟ ହିଁ ନାହିଁ। ପୁଣି ଶିଳ୍ପକଳା ଦୃଷ୍ଟିରୁ ତାଙ୍କ କଥା ସାହିତ୍ୟରେ ପୂର୍ଣ୍ଣତାର ଅନୁଭବ ଆମେ ଯେଉଁମାନେ କରିପାରୁନା, କଳାର ରହସ୍ୟ ଉନ୍ମୋଚନ ନିମିତ୍ତ ଆମ ଚେତନାର ମୁକୁଳନ ଅସମାପ୍ତ। ଭାରତୀୟ ବାସ୍ତବତାବାଦ ବୋଲି ନ କହି ବାସ୍ତବତାବୋଧ ବୋଲି କୁହାଯାଇପାରେ। ବାସ୍ତବବାଦ ମଧ୍ୟରେ ଏକାତ୍ମ ହୋଇ ରହିଥାଏ ଆଦର୍ଶବାଦ, ଯାହା ସୀତାଦେବୀ ଖାଡ଼ଙ୍ଗାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ପ୍ରକୃତ କୀର୍ତ୍ତି।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନାହାରରେ ଆଖି ବୁଜିଲେ...

ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ସରପଞ୍ଚ କନକଲତା ସର୍ଦ୍ଦାରଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କର କିଛି କାଗଜପତ୍ର କିଛି ନଥିଲା। ସେଥିପାଇଁ ରାସନ କାର୍ଡ କଟିଯାଇଥାଇପାରେ ବୋଲି ସେ କହିଛନ୍ତି।

ଏ ସଂପର୍କରେ ଖବର ପାଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ବିଧାୟକ ଦଳ ଉପନେତା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ପିସିସି ସଂଗଠନ ସୃଜନ ଅଭିଯାନ ଉପସଭାପତି ସୁଧାଂଶୁ ଦେଓ, ମୁଖପାତ୍ର ହିମାଂଶୁ ଲେଙ୍କା, ବିଧାୟକ ପ୍ରାର୍ଥୀ ଇଂ.ବିଭୂଭୂଷଣ ରାଉତ, ଡିସିସି ସଭାପତି ମାଗୁଣି ଜେନା, ପିସିସି ମହିଳା ସମ୍ପାଦକ ସ୍ୱର୍ଣ୍ଣଲତା ବାନରା, ଆଦିବାସୀ ନେତା ହିନ୍ଦୁ ଜାମୁଦା ଓ ସ୍ଥାନୀୟ ସଂଗଠକ ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଗାଁକୁ ଗସ୍ତ କରି ସେଠାରେ ରହୁଥିବା ମାଙ୍କେଡିଆ ବସ୍ତିବାସିନ୍ଦାଙ୍କ ଦୟନୀୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ରସରକାର ଯେଉଁ କାଳିଅପା।ଣି ଖଣି ଅଞ୍ଚଳରୁ ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି ତାରି କୋଳରେ ରହୁଥିବା ଏହି ଆଦିବାସୀମାନେ ଆଜି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଇ-କେୱାଇସି ଅପ୍‌ଡେଟ ନାଁରେ ପ୍ରତିଦିନ ଅନେକ ଲୋକ ଭୋକ ଉପାସରେ ମୃତ୍ୟୁବରଣ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଜୁଆଙ୍ଗ ବିରଳ ସଂପ୍ରଦାୟର ସୁରକ୍ଷା ପାଇଁ ଏକ ସଂସ୍ଥା ବିରୋହର ଜୁଆଙ୍ଗ ଉନ୍ନୟନ ସଂସ୍ଥା (ବିଜେଡିଏ) ରହିଥିଲେ ମଧ୍ୟ ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ବଡ ପ୍ରଶ୍ନ ବୋଲି କଂଗ୍ରେସ ପ୍ରତିନିଧି ପ୍ରଶ୍ନ କରିଛି।

### ଗାଜାରେ ପୁଣି...

ମୃତକଙ୍କ ମଧ୍ୟରେ ମହିଳା ଓ ।।ଛୋଟପିଲା ସାମିଲ ରହିଛନ୍ତି ବୋଲି ଗାଜା ହସ୍ପିଟାଲ ତରଫରୁ କୁହାଯାଇଛି। ୨୦ ଦିନ ତଳେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ସେପ୍ଟେମ୍ବର ୨୯ରେ ବିଂଶ ସୂତ୍ରୀ ଶାନ୍ତି ଯୋଜନା ଉପସ୍ଥାପନା କରାଯାଇଥିଲା। ଅକ୍ଟୋବର ୯ ରେ ହମାସ ଏଥିରେ ସମ୍ମତି ପ୍ରକାଶ କରିଥିଲା। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ହମାସ ଗାଜାରେ ରହିଥିବା ଇସ୍ରାଏଲ ସୈନିକଙ୍କ ଉପରେ ଆକ୍ରମଣ କରୁଛି ଓ ମୃତ ପଣବନ୍ଦୀଙ୍କୁ ଫେରାଇବା ନେଇ ହୋଇଥିବା ଚୁକ୍ତିର ଉଲ୍ଲଂଘନ କରୁଛି। ହମାସ ରେଡ ଲାଇନ୍ ପାର କରିଛି ଓ ଏବେ ହମାସକୁ ମୂଲ୍ୟ ଦେବାକୁ ହେବ ବୋଲି ସେ କହିଛନ୍ତି। ସେପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଙ୍ଗଳବାର ରାତିରେ ହମାସ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ହମାସ ସବୁ ଅଭିଯୋଗକୁ ଖଣ୍ଡନ କରିଛି। ଏବେ ଇସ୍ରାଏଲ ଗାଜାରେ ମାନବିୟ ସହାୟତାକୁ ରୋକିବା ସହ ଗାଜାର ଅଞ୍ଚଳରେ ନିଜର ଅକ୍ତିଆର ବୃଦ୍ଧି କରିବା ଓ ହମାସ ନେତାଙ୍କ ଉପରେ ଆକ୍ରମଣ କରୁଥିବା କୁହାଯାଉଛି।

### ୪ ପୁଲିସ କର୍ମଚାରୀ...

ହେଲିକପଟର। ପୁଲିସ ଏହି ଅଞ୍ଚଳରେ ପ୍ରବେଶ କରିବା ମାତ୍ରେ ରେଡ୍ କମାଣ୍ଡ ଗ୍ୟାଙ୍ଗର ସଦସ୍ୟ ସେମାନଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ପୁଲିସକୁ ରୋକିବା ପାଇଁ ସେମାନେ ସଡ଼କ ଉପରେ ଜଳୁଥିବା ବ୍ୟାରିକେଡ୍ ମଧ୍ୟ ଲଗାଇଥିଲେ। ସେମାନେ ଡ୍ରୋନରୁ ବୋମା ମାଡ଼ ମଧ୍ୟ କରିଥିଲେ। ଏହାର ଜବାବରେ ପୁଲିସ ମଧ୍ୟ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥି ଲା। ଆକାଶମାର୍ଗରୁ ହେଲିପଟର ଓ ଡ୍ରୋନରୁ ମଧ୍ୟ ମାଫିଆଙ୍କ ଉପରେ ବୋମା ମାଡ଼ କରାଯାଇଥିଲା। ପୁଲିସ ଓ ଅପରାଧୀ ମଧ୍ୟର ସଂଘର୍ଷ ଯୋଗୁଁ ମୋଟ୍ ଉପରେ ୬୪ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏଥିରେ ୪ ଜଣ ପୁଲସ କର୍ମଚାରୀ ସାମିଲ ଅଛନ୍ତି।

### ଦୁଷ୍କର୍ମ ପରେ...

ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ପୋଡି ଦିଆଯାଇଥିବା ଆଲୋଚନା ହେଉଛି। ସମସ୍ତ ଦିଗକୁ ଅନୁଧ୍ୟାନ କରି ପୁଲିସ ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ କଥା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

### ଡ୍ରାଇଭର, ହେଲ୍‌ପର...

ସାଲେପୁର ଅଞ୍ଚଳର ମୀର ଅବଦୁଲ ରହିମ୍ (୩୯) ଓ ହେଲ୍‌ପର ମାହାଙ୍ଗା ଅଞ୍ଚଳର ନୃସିଂହ କାଠୁଆ (୪୦)।

ଡଲଫିନ୍ ନାମକ ଉକ୍ତ ବସ୍‌ଟି ଢେଙ୍କାନାଳର ନୃସିଂହପୁରରୁ କୋଲକାତା ଅଭିମୁଖେ ଯାଉଥିଲା। ବସ୍‌ରେ ୪୦ରୁ ଅଧିକ ଯାତ୍ରୀ ରହିଥିଲେ। ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ବସ୍‌ଟି ଜାତୀୟ ରାଜପଥର ଲକ୍ଷ୍ମଣନାଥଠାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତା କଡ଼ରେ ଛିଡ଼ା ହୋଇ ରହିଥିବା ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା। ଯାହାଫଳରେ ବସ୍‌ର ସମ୍ମୁଖ ଭାଗ କ୍ୟାବିନ୍ ଚାପି ହୋଇଯାଇଥିବା ବେଳେ ଗାଡ଼ିରେ ଥିବା ଡ୍ରାଇଭର ମୀର ଅବଦୁଲ ଓ ହେଲ୍‌ପର ନୃସିଂହଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜଳେଶ୍ୱର ପୁଲିସ, ଅଗ୍ନିଶମ ବାହିନୀ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ୯ ଯାତ୍ରୀଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ବସ୍ ଚାଳକଙ୍କ ଆଖି ଲାଗିଯିବାରୁ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି।

### ଅବପାତ ରୂପ...

ବାତ୍ୟା ନିଷ୍ପ୍ରଭ ରହିଛି। ବାତ୍ୟା ଯୋଗୁଁ ରାଜ୍ୟର ମାତ୍ର ୫ଟି ଷ୍ଟେସନ୍‌ରେ ୧୦୦ ମିମି.ରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ଜିଲ୍ଲାର ଗୋଷାଣୀଠାରେ ସର୍ବାଧିକ ୧୫୦.୫ ମିମି ଏବଂ ଗଞ୍ଜାମ ଜିଲ୍ଲାର ପାତ୍ରପୁର ୧୭୦.୪ ମିମି. ବର୍ଷା ରେକର୍ଡ କରାଯାଇଛି। ଏହି ବର୍ଷା ସହ ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୩୧ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ନେଇ ପାଣିପାଗ କେନ୍ଦ୍ର କହିଛି। ସୂଚନା ଥାଉ କି, ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତି ପ୍ରାୟ ୭ଟାରେ ମଛଲିପଟନମ୍-କଳିଙ୍ଗପଟନମ୍ ମଧ୍ୟରେ କାକିନାଡ଼ା ଦକ୍ଷିଣ ଦିଗକୁ ନର୍ସାପୁରମ୍‌ଠାରେ ସ୍ଥଳଭାଗ ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗର ସୂଚନା ମୁତାବକ, ପାଖାପାଖି ୫ଘଣ୍ଟା ଧରି ଏହି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା। ଏହା ଆଇଏମ୍‌ଡିର ନିର୍ଦ୍ଧାରିତ କାକାନାଡ଼ାର ପ୍ରାୟ ୧୦୦ କିମି ଦୂରରେ ସ୍ଥଳଭାଗ ଅତିକ୍ରମ କରିଛି। ଟ୍ରାକ୍‌ରେ ସାମାନ୍ୟ ପରିବର୍ତ୍ତନ କାରଣରୁ ଓଡ଼ିଶାରେ ବର୍ଷାର ପରିମାଣ କମ୍ ରହିଛି। ବାତ୍ୟା ବାହ୍ୟବଳୟରେ ବାଦଲ ଖଣ୍ଡକୁ ଛାଡ଼ିଦେଲେ ବାତ୍ୟାର ପ୍ରମୁଖ ଅଂଶ ଓଡ଼ିଶାଠାରୁ ଯଥେଷ୍ଟ ଦୂରରେ ରହିଛି। ଫଳରେ ରାଜ୍ୟରେ ଆଶା କରାଯାଉଥିବା ବର୍ଷା ଓ ପବନର ପରିମାଣ ଅପେକ୍ଷାକୃତ କମ୍ ରହିଛି। ବର୍ତ୍ତମାନ ଏହା ଘଣ୍ଟା ପ୍ରତି ୧୫ କିମି ବେଗରେ ଆନ୍ଧ୍ରପ୍ରଦେଶ ସଂଲଗ୍ନ ତେଲଙ୍ଗାନା ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ଉତ୍ତର ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଅନ୍ୟପଟେ ଆସନ୍ତା ୨ ତାରିଖରୁ ରାଜ୍ୟରେ ଶୀତ ଆରମ୍ଭ ହେବ। ଏଥିପାଇଁ ପାଗ ଅନୁକୂଳ ହେବାରେ ଲାଗିଛି। ବର୍ତ୍ତମାନ ରାଜ୍ୟରେ ପାଗ ମେଘୁଆ ରହୁଛି। ରାଜ୍ୟକୁ ସମୁଦ୍ର ପବନ ଆସୁଥିବାରୁ ତାପମାତ୍ରା ଅଧିକ ରହିଛି। ଆକାଶରୁ ମେଘ ହଟିଲେ, ତାପମାତ୍ରା ହଠାତ୍ କମିବ। ଏହା ସହିତ ବର୍ତ୍ତମାନର ଅବପାତ ଝାଡ଼ଖଣ୍ଡ ଓ ବିହାରମୁହାଁ ହେବ। ସମାନ ଭାବେ ମହାରାଷ୍ଟ୍ର ଉପରେ ୧ତାରିଖ ବେଳକୁ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହା ଫଳରେ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ବାୟୁ ବହିବ। ତେଣୁ ୨ ତାରିଖଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୫ରୁ ୬ ଡିଗ୍ରୀ ହ୍ରାସ ପାଇ ପହିଲି ଶୀତ ଅନୁଭୂତ ହେବ। ପରେ ୬ ତାରିଖରୁ ୨-୩ ଦିନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବାର ଥିଲେ ମଧ୍ୟ ଏହାପରେ ତାପମାତ୍ରା ପୁଣି ହ୍ରାସ ପାଇବ ଓ ଶୀତ ଜାରି ରହିବ।

### ୩୩ ବ୍ଲକ୍...

ଆଦି ଅଧିକାରୀମାନେ ଆଣିବେ। ଫଳରେ ଅନଲାଇନରେ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ବାତ୍ୟାରେ ୩୩ଟି ବ୍ଲକ୍, ୧୧ଟି ସହରାଞ୍ଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ୩୬୨ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ୧୮୭୩୨ ଜଣ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଯେଉଁ ସ୍ଥାନରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଥିଲା ସେସବୁକୁ ପୁନଃସଂସ୍ଥାପିତ ଓ ସ୍ୱାଭାବିକ କରାଯାଇପାରିଛି। ଯେଉଁଠାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା, ସେଠାରେ ତୁରନ୍ତ ଗଛ କାଟି ରାସ୍ତା ସଫା କରାଯାଇଛି। ୩୧ ତାରିଖ ବେଳକୁ ପରିସ୍ଥିତି ସ୍ୱାଭାବିକ ହୋଇଯିବ। ୩୦ ପରଠାରୁ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ପ୍ରଦାନ କରାଯିବ।

ବାତ୍ୟା ମୁକାବିଲା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀଙ୍କୁ ମିଶାଇ ମୋଟ ୧୭୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟ ସ୍ଥଳୀକୁ ଚିହ୍ନଟ କରାଯାଇ ୧୮୭୩୨ ଜଣ ଲୋକଙ୍କୁ ନିରାପଦ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଏତଦ୍‌ବ୍ୟତୀତ ୨୧୯୮ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏବେ ସେମାନେ ସେଠାରେ ସୁରକ୍ଷିତ ଅଛନ୍ତି ଏବଂ କେତେକ ମାତୃତ୍ୱ ଲାଭ କରିଛନ୍ତି। ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ଅଞ୍ଚଳରେ ୬୦ଟି ଡାକ୍ତରୀ ଦଳ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି।

### ପ୍ରଚାର ମଇଦାନକୁ...

ନବୀନ ଦ୍ୱିତୀୟ ଥର ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବା ସହ ଖରିଆର ରୋଡଠାରୁ ନୂଆପଡା ଯାଏଁ ବିଶାଳ ରୋଡ ଶୋ କରିବେ। ନବୀନଙ୍କ ନୂଆପଡ଼ା ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବା ପରେ ଦଳର ନେତା, କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବେଶ୍ ଉତ୍ସାହିତ ଅଛନ୍ତି। ଏପଟେ ନବୀନଙ୍କ ଗସ୍ତ ଏବଂ ନିର୍ବାଚନ ପ୍ରଚାରକୁ ନେଇ ମତ ରଖିଛନ୍ତି ରାଜନୈତିକ ସମୀକ୍ଷକ। ସାଧାରଣ ଲୋକଙ୍କ ମଧ୍ୟରେ ନବୀନ ବାବୁଙ୍କର ଯାଦୁ, ପ୍ରଭାବ ଏବେବି ଅପରିବର୍ତ୍ତିତ ରହିଛି। ନବୀନ ପଟ୍ଟନାୟକଙ୍କ ପ୍ରଚାର ନିଶ୍ଚିତ ଭାବେ ସ୍ନେହାଙ୍ଗିନୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

### ବିକ୍ରି ହେବ...

ପାଇଁ ଆଲୋଚନାକୁ ଏବେ ତୀବ୍ର କରିଛି। ଏହି କାରବାର କିପରି ଆଗକୁ ବଢ଼ିବ ତାହା ମଧ୍ୟ ସ୍ଥିର କରାଯାଉଛି। ଏହା ଏକ ଯୋଗ୍ୟ ସଂସ୍ଥାଗତ ପ୍ଲେସମେଣ୍ଟ (କ୍ୟୁଆଇପି) କିମ୍ବା ଓପନ୍ ଫର ସେଲ୍ (ଓଏଫ୍‌ଏସ୍) ମାଧ୍ୟମରେ ହୋଇପାରେ। ଏକ ସୂତ୍ର କହିଛି ଯେ ଆଗାମୀ ସପ୍ତାହଗୁଡ଼ିକରେ ନିର୍ଦ୍ଧାରିତ ରୋଡ ଶୋ'ରେ ନିବେଶକଙ୍କ ଚାହିଦା ଉପରେ ଆଧାର କରି ନିଷ୍ପତ୍ତି ନିଆଯିବ। ତେବେ ଏ ସମ୍ପର୍କରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି ଯେ ଏହି ପ୍ରସଙ୍ଗ ବର୍ତ୍ତମାନ ବିଚାରାଧୀନ ରହିଛି, କିନ୍ତୁ ତାହା ଉପରେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

### ଗାଞ୍ଜିଆରେ ଧନ...

ଚିନ୍ତା ପ୍ରକଟ କରିଛନ୍ତି। ଅପରପକ୍ଷେ ନିଜ ନିଜ ବିଭାଗର ବଜେଟ ଖର୍ଚ୍ଚକୁ ଧ୍ୟାନ ଦେବା ପରିବର୍ତ୍ତେ, ମନ୍ତ୍ରୀମାନେ କିଛିଦିନ ହେଲା ନୂଆପଡ଼ାରେ ଉପ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ପ୍ରାୟ ୮ ଜଣ ମନ୍ତ୍ରୀଙ୍କୁ ଜୋନୱାରୀ ଦାୟିତ୍ୱ ମିଳିଥିବା ବେଳେ ଅନ୍ୟ କେତେକ ମନ୍ତ୍ରୀ ମଧ୍ୟ ସହଯୋଗୀ ଭୂମିକାରେ ରହିଛନ୍ତି। ଆସନ୍ତା ୯ ତାରିଖ ଯାଏଁ ସେମାନେ ନୂଆପଡ଼ାରେ ରହିବାକୁ ଥିବାବେଳେ ଏପଟେ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇ ପଡ଼ିଲାଣି। ଦଳ ସହ ମନ୍ତ୍ରୀମାନେ ନିଜ ବିଭାଗ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

# ୩୬ଟି କଲେଜର ନାହିଁ ସ୍ୱୟଂଶାସିତ ମାନ୍ୟତା

ଭୁବନେଶ୍ୱର, ୨୯।୧୦(ସମିସ): କଲେଜ ଫାଟକରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖା ହୋଇଛି। ସମସ୍ତ କାଗଜପତ୍ର କାମ ମଧ୍ୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ କରାଯାଉଛି। ଛାତ୍ରଛାତ୍ରୀ କିଛି ଜାଣିବା ପୂର୍ବରୁ ମଧ୍ୟ ନାମଲେଖାଇ ପାଠ ପଢୁଛନ୍ତି। ମହାବିଦ୍ୟାଳୟଗୁଡ଼ିକ ବିଶ୍ୱବିଦ୍ୟାଳୟ ଓ ସରକାରଙ୍କ ଠାରୁ ତତ୍ ସମ୍ବନ୍ଧୀୟ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି। ନିଜ ଶିକ୍ଷାନୁଷ୍ଠାନର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି। ହେଲେ ଦୀର୍ଘ ବର୍ଷରୁ ସ୍ୱୟଂଶାସିତ ମାନ୍ୟତା ଅବଧି ସରିଯାଇଥିଲେ ମଧ୍ୟ ନବୀକରଣ କରୁ ନାହାନ୍ତି। ରାଜ୍ୟରେ ମୋଟ୍ ୫୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ଥିବାବେଳେ ମାନ୍ୟତା ହରାଇ ସାରିଥିବା ରାଜ୍ୟର ୩୬ଟି ମହାବିଦ୍ୟାଳୟର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ତାର ୱେବସାଇଟ୍‌ରେ ଜାରି କରିବା ପରେ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ମଧ୍ୟ ସ୍ୱୟଂଶାସିତ ମାନ୍ୟତା ନାହିଁ। ଗତ ୨୦୨୨ ମସିହାରୁ ମାନ୍ୟାତା ଶେଷ ହୋଇଥିଲେ ମଧ୍ୟ ନବୀକରଣ ହୋଇପାରି ନାହିଁ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଆସୁଥିବା ଯାଜପୁର ଜିଲ୍ଲା ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟ, ବ୍ୟାସ ନଗର କଲେଜ, ନରସିଂହ ଚୌଧୁରୀ କଲେଜ, କଟକ ଜିଲ୍ଲାର ବାଙ୍କି, ସାଲେପୁର ଓ ଉଦୟନାଥ କଲେଜ, କେନ୍ଦ୍ରାପଡ଼ା କଲେଜ, ଢେଙ୍କାନାଳ କଲେଜ, ଅନୁଗୋଳ ଜିଲ୍ଲାର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳ ଓ ତାଳଚେର କଲେଜ, ଭୁବନେଶ୍ୱରସ୍ଥିତ କେଭିଡିଏଭି କଲେଜ, ନୟାଗଡ଼ କଲେଜ, ନିମାପଡ଼ା କଲେଜ, ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁରର ଏସ୍‌ଭିଏମ୍ କଲେଜ, ପୁରୀର ଏସ୍‌ସିଏସ୍ କଲେଜର ସ୍ୱୟଂଶାସିତ ମାନ୍ୟତା ନାହିଁ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବିପିୟୁଟି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୋଟ୍ ୧୯ଟି କଲେଜର ମାନ୍ୟତା ସରି ସାରିଛି। ଏଥିରେ ଉଭୟ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି।

ସ୍ୱୟଂଶାସିତ ମାନ୍ୟତା ନଥାଇ ମଧ୍ୟ ନିଜର ପରୀକ୍ଷା ପରିଚାଳନା ନିଜେ କରି ଆଇନ୍ ଉଲଂଘନ କରୁଛନ୍ତି। ଫଳରେ ୟୁଜିସିର କନଫର୍ମେଣ୍ଟ ଅଫ୍ ଅଟୋନୋମସ ଷ୍ଟାଟସ୍ ଓପନ୍ କଲେଜ ଏବଂ ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ ଇନ୍ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏନେଇ ବାରମ୍ବାର ଦାଗିଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁନଃ ମାନ୍ୟତା ପାଇଁ ଅଧିକାଂଶ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଆଉକିଛି ୟୁଜିସିର ତ୍ରୁଟିପୂର୍ଣ୍ଣ ନୀତିକୁ ଦାୟୀ କରିବା ସହ ଆବେଦନ ସରିଥିଲେ ମଧ୍ୟ ମାନ୍ୟତା ନବୀକରଣ କରାଯାଉ ନଥିବା ଅଭିଯୋଗ କରିଛନ୍ତି। ବିଜେବି କଲେଜ ଅଧ୍ୟକ୍ଷା ପ୍ରଫେସର ଝୁମୁକି ରଥ କହିଛନ୍ତି ଯେ ମାନ୍ୟତା ପାଇଁ ଉଭୟ ଅଫଲାଇନ ଓ ଅନଲାଇନରେ ଆବେଦନ ହୋଇଛି। ଆବଶ୍ୟକ ସଂଶୋଧନ ମଧ୍ୟ କରାଯାଇଛି। ହେଲେ ୟୁଜିସି ପକ୍ଷରୁ ବିଳମ୍ବ କାରଣରୁ ମାନ୍ୟତା ମିଳିବାରେ ବିଳମ୍ବ ହେଉଛି।

# ଘସିପୁରା ଚାନ୍ଦା ଆଦାୟରେ ଅସନ୍ତୁଷ୍ଟ ପ୍ରଶାସନ

ଆନନ୍ଦପୁର,୨୯।୧୦(ସମିସ): ଓଡ଼ିଶାରେ ସରକାର ପରିବର୍ତ୍ତନ ପରେ ଅଶାନ୍ତ ଘସିପୁରା ଆପାତତଃ ଶାନ୍ତି ଆଡ଼କୁ ଗତି କରୁଥିବାର ଦେଖିବାକୁ ମିଳୁଛି। ନିଜ ଜିଲ୍ଲାର ବିଧାୟକ ଆଜି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିବାରୁ ସାଧାରଣ ଜନତା ସରକାର ଯୋଜନାର ସୁଫଳ ପାଇବା ପାଇଁ ନିଜ ନିଜର ଆପତ୍ତି ଓ ଅଭିଯୋଗ ମାନ ବିନା ଭୟରେ ବ୍ଲକ ଠୁ ଆରମ୍ଭ କରି ବିଭିନ୍ନ ସରକାରୀ ଦପ୍ତର ଓ ଥାନା ମାନଙ୍କରେ ଦାଖଲ କରୁଥିବାର ଦେଖିବାକୁ ମିଳୁଛି। କିନ୍ତୁ ବିଡ଼ମ୍ବନାର ବିଷୟ ସରକାର ପରିବର୍ତ୍ତନ ପରେ ଘସିପୁରା ଅଞ୍ଚଳରେ ସରକାରୀ ଦପ୍ତର ମାନଙ୍କରେ ଅଫିସରଙ୍କ ଠୁ ଆରମ୍ଭ କରି କିରାଣୀ ପର୍ଯ୍ୟନ୍ତ ଚାନ୍ଦା ଆଦାୟ ଆଜି ଏକ ସାମାଜିକ ବ୍ୟାଧି ବୋଲି ଜଣାପଡ଼ିଲାଣି ଫଳରେ ଅଫିସ୍ ପରିସର ଆଜି ଅତିଷ୍ଠ ହେବାର ପରିଲକ୍ଷିତ ହୋଇଛି। ଏହି ଅଞ୍ଚଳର ଜଣେ ବିଧାୟକ ପ୍ରାର୍ଥୀ ଉପଖଣ୍ଡର ଥିବା ସମସ୍ତ ଅଫିସ୍ ଯେପରିକି ବ୍ଲକ, ତହସିଲ୍, ଗ୍ରାମ୍ୟ ଉନ୍ନୟନ, ଜଳସେଚନ , ରାସ୍ତା ଓ ଗୃହନିର୍ମାଣ ଏପରିକି ପଞ୍ଚାୟତ ଅଧିନରେ କାମକରୁଥିବା କର୍ମଚାରୀଙ୍କ ପାଖରୁ ବିଭିନ୍ନ ଆଳ ଦେଖାଇ ଚାନ୍ଦା ମାଗୁଥିବାର ଦେଖିବାକୁ ମିଳୁଛି। ପ୍ରାର୍ଥୀ ଜଣଙ୍କ ଦୈନାଦିନ ଜୀବନରେ ପ୍ରଥମେ ସକାଳୁ ବାହାରି ପଡନ୍ତି ଶାଳପଡା । ସେଠି ନିଜ ଦୋକାନରେ ଦୁପଦୀପ ଦେଇ କିଭଳି ଚାନ୍ଦା ଆଦାୟ ଆଜିର ଦିନରେ ଅଧିକ ହେବ ସେଥିପାଇଁ ଭଗବାନ ନିକଟରେ ପ୍ରାର୍ଥନା କରନ୍ତି। ପ୍ରଥମେ ପ୍ରଥମେ କିଛି ଅଫିସର ବାବୁ ଜଣଙ୍କୁ ଅଳ୍ପ ଅଳ୍ପ ଚାନ୍ଦା ଦେଇଥିବାର ଦେଖିବାକୁ ମିଳିଥିଲା କିନ୍ତୁ ବାବୁ ଜଣଙ୍କର ଏହିଭଳି ଆଚରଣ ଅଭ୍ୟାସରେ ପରିଣତ ହେବାରୁ ଉପଖଣ୍ଡରେ ଥିବା ଅଫିସର ମାନେ ବିରକ୍ତ ପ୍ରକାଶ କଲେଣି। କିଛି ସରକାରୀ ଅଧିକାରୀ ମାନେ ଆଉ ଚାନ୍ଦା ମାଗିଲେ ତମ ନାମରେ ଉପରିସ୍ଥ ଅଧିକାରୀ ମାନଙ୍କୁ ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରିବାକୁ ବାଧ ହେବୁ ବୋଲି କହିଲେଣି। ନିକଟରେ ଜଳସମ୍ପଦ ବିଭାଗର ଜଣେ ଯନ୍ତ୍ରୀ ଙ୍କୁ ମୋ ଟେଲିଫୋନ କଲ୍ କାହିଁକି ଉଠାଉନ ବୋଲି କହି ଝଗଡା କରିଥିବାର ଜଣାପଡ଼ିଥିଲା। ପ୍ରାର୍ଥୀ ଜଣଙ୍କର ଏହିଭଳି କାରନାମା ପଦାକୁ ଆସିଲା ପରେ ସମଗ୍ର ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ବୋଲି ଜଣା ପଡିଛି


**AFFIDAVIT**

I P S Priyadarsini, w/o- Manoranjan Swain, (D/o- Prasanta Kumar Mohapatra, as mentioned in Adhar Card) Resident of Ayatpur, Dist/PO- Cuttack, Pin- 754131, Odisha declare by this Affidavit No. CF. No.66 dated-25/09/25 that My daughters name in her Birth Certificate ( Regd. No. 571/2011, Regd. Date 11/ 01/2011) issued by Registrar Birth and Death, C.M.C Cuttack has been entered incorrect as "Priyanshi Priyadarsni" instead of "Priyanshi Priyadarshni" and henceforth she shall be known as **"Priyanshi Priyadarshni"** for all future purposes.

**AFFIDAVIT**

I P S Priyadarsini ,w/o- Manoranjan Swain (D/o- Prasanta Kumar Mohapatra as mentioned in Adhar Card)Resident of Ayatpur, Dist/PO- Cuttack, Pin- 754131, Odisha hereby declare vide Affidavit No. C.F No. 67 dated 25/09/25 that My name has been entered incorrect in my daughter's Birth Certificate as "P.S Priyadarshini" instead of "P S Priyadarsini".I declare that "P.S Priyadarshini" and "P S Priyadarsini" is the same person and my correct name **"P S Priyadarsini"** shall be used for future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 27/10/2025 I Ratnakara Behera, Address Subash Nagar Basthi, Dumduma Housing Board Colony, Po: Dumduma, P.S. Khandagiri, Bhubaneswar, Dist – Khordha, Odisha, 751019 declare that I have changed the name of my daughter from Adyasa Behera to Adyasha Priyadarshini, Henceforth, she shall be known as **Adyasha Priyadarshini.**

**Ratnakara Behera**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 27/10/2025 I Ratnakara Behera, Address Subash Nagar Basthi, Dumduma Housing Board Colony, Po: Dumduma, P.S. Khandagiri, Bhubaneswar, Dist – Khordha, Odisha, 751019 declare that I have changed the name of my son from Sai Satyam Behera to Kumar Saisatyam Behera, Henceforth, he shall be known as **Kumar Saisatyam Behera.**

**Ratnakara Behera**

**AFFIDAVIT**

By virtue of an affidavit sworn before Executive Magistrate, Kutra, Dtd. 28/10/2025, I, LALITA NAIK, Address Vill./P.O.-Katang, P.S.- Kutra, Dist.- Sundargarh (Odisha), Pin-770023 declare that I have changed my name from LALITA AMAT to LALITA NAIK. Henceforth I shall be known as LALITA NAIK for all purposes.

**Sd/- Lalita Naik**

**AFFIDAVIT**

By virtue of an affidavit sworn before the Executive Magistrate/ Notary Public, Kantabanji, I, Manju Hianl, W/o- Shibraju Hianl, At/P.O: Chaulsukha, P.S. Kantabanji, Dist. Balangir do hereby declare that my correct name is Manju Hianl W/o- Shibraju Hianl. That in some of my documents, my name has been wrongly mentioned as Khiramani Nag. That both the names Manju Hianl, W/o- Shibraju Hianl and Khiramani Nag is one and the same person, i.e., myself.

**AFFIDAVIT**

I Renu Mishra, D/o- Sitaram Nayak, Resident of Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No- 220/3175, Po- Budheswari Colony Ps- Mancheswar, Bhubaneswar-751006, Dist Khordha, Odisha, declares by this affidavit No.357, on dated 15.10.2025 that now onwards I shall be known as **RENUBALA MISHRA** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an Executive Magistrate Bhubaneswar affidavit No. 33 on dated 28.10.2025. I Jayanti Mishra D/o- Harihara Panda, resident of Plot No- A/60, BJB Nagar, Bhubaneswar, Dist- Khordha, Odisha PIN- 751014, declare that after marriage my name has been changed from Jayanti Panda to Jayanti Mishra. Henceforth I shall be known as **JAYANTI MISHRA** W/o Ranjan Kumar Mishra for all future purposes.

**AFFIDAVIT**

I, Krishna Kumar Mundra, aged about 42 years, S/o- Late Kailash Nath Mundra, resident of Main Road, Jharsuguda, PO/PS/Dist-Jharsuguda, PIN-768201, Odisha declared by this affidavit No. 11, dtd- 28/10/2025 that now onwards I shall be known as **KRISHNA MUNDRA** for all future purposes.

**AFFIDAVIT**

I, Reena Mahapatra, aged about 43 years, W/o- Sachindra Saraf, resident of At/Po-Laikera, Ps- Laikera, Dist- Jharsuguda , Odisha, PIN- 768215, declare by this affidavit No. 2202, dtd-28.10.2025, that now onwards I shall be known as **RINA SARAF** for all future purposes

**AFFIDAVIT**

I, Somya Prakash Parida S/o Kishor Chandra Parida, Resident of Plot No-771/3559, Oscar Vihar, Raghunathpur, Dist-Khordha, Odisha PIN-751024, declare by this affidavit No 79AA 143399, dated-15.10.2025 that now onwards I shall be known as **SOUMYA PRAKASH PARIDA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 909 Dtd.30.07.2025, I, Rama Harijan, S/o- Hari Harijan resident of Vill.- Dhepaguda, Po.- Agnipur, Ps./Dist.- Nabarangpur, Odisha, state that, I have changed my minor son's name from **ASISHA HARIJAN** to **ASISH JOSHUA**. Henceforth she will be known as **ASISH JOSHUA** for all future purposes.

Sd/- Rama Harijan

**OFFICE OF THE PRINCIPAL-CUM-SECRETARY**

**BABA H.K. DAS, (DEGREE) MOHAVIDYALAYA**

At/Po - Markandpur, Dist- Jajpur, Pin-755062

E-Mail- babahkdasdegree.mohv@gmail.com.

**WANTED**

Guest Lecturers in subject Pol. Science & Junior Clerk (Computer Ability) are wanted for immediate engagement. The retired faculties and Non-teaching staff members below the age of 69 Years may apply through HIMS Portal on or before 31.10.2025.

The Salary for the above Cited Posts will be as per the notification of DHE. Odisha vide letter No- 57198 and 57203 on dated 23.10.2025

**Sd/-** Principal-cum-Secretary, Baba H.K. Das (Degree) Mahavidyalaya, Markandpur, Jajpur

**AFFIDAVIT**

I, Mahua Roy, W/o- Amitava Roy, resident of Flat no-14NB, Nilakantha Block, Mani Tribhuvan, Nandankanan road, Patia, Raghunathpur, Bhubaneswar, Dist- Khurda PIN-751024, Odisha declared by this affidavit No-784, dtd-28/10/2025 that now onwards I shall be known as **MOHUYA ROY** for all future purposes

**AFFIDAVIT**

By virtue of an affidavit sworn before the Executive Magistrate, Padampur, I, Mayadhar Patel, At-Kurlubahal, Po-Melchhamunda, Dist- Bargarh, Pin–768035 do have changed my minor son's name from Kshireswari Patel to Kshireswar Patel. Henceforth he shall be known as **Kshireswar Patel** for all purposes.

**Sd/- Mayadhar Patel**

**AFFIDAVIT**

By virtue of an affidavit sworn before Executive Magistrate, Kutra, dated. 28.10.2025, I, Minati Majhi, W/o - Sreedhar Majhi, permanent resident of Vill.- Kunmendra, P.O.- Salangabahal, P.S.- Raiboga, Dist.- Sundargarh (Odisha), Pin-770033 declare that I have changed my minor son's name from SWATIK MAJHI to SWASTIK MAJHI. Henceforth, he shall be known as SWASTIK MAJHI for all purposes.

**Sd/- Minati Majhi**

**OFFICE OF THE PRINCIPAL**

**PRIYADARSHINI INDIRA DEGREE COLLEGE**

**JUNAGARH, DIST: KALAHANDI**

E-mail: pidmahavidyalaya@gmail.com

**WANTED**

Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis.The retired faculties and Non-Teaching members below the age of 69 years may apply through HRMS portal on or before 31.10.2025 as per letter No. 5719 and No.- 57203 dated 23.10.2025, the remuneration for the above positions shall be paid as per the approved norms.

**Sd/- Principal-cum-Secretary**

P.I. Degree College, Junagarh

**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack vide no. 2553/ 25 Dtd.29.10.2025, I, Trinath Pidikaka, S/o- Late Jagabanhu Pidikaka resident of Naringipanga, Po.- Dukum, Ps.- Bissam Cuttack, Dist.- Rayagada, Odisha, PIN- 765019 state that, I have changed my minor daughter's name from **BANA PIDIKAKA** to **BANDHANA PIDIKAKA**. Henceforth she will be known as **BANDHANA PIDIKAKA** for all future purposes.

Sd/-Trinath Pidikaka

**AFFIDAVIT**

By virtue of an affidavit sworn before the Executive Magistrate, Khariar, I, Debasish Chinmaya Nag, S/o- Jyoti Charan Nag resident of at ward no.- 01, Missionpada, Po.- Khariar, Dist.- Nuapada, Pin- 766107, Odisha state that, I have lost my Bachelor of Pharmacy Certificate, Pharmacy licence,10th Board Certificate, +2 Board Certificate with +2 Marksheet with other relevant Certificates theft during travelling in train.

**AFFIDAVIT**

I Deepak Ranjan Samanta, S/o- Late Harekrishna Samanta, resident of Amalapada, PO/PS- Angul, Dist- Angul, Pin-759122, Odisha declare by this affidavit No-3437, dated- 29/10/2025 that now on wards I shall be known as **DEEPAK RANJAN SAMANT** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 908 Dtd.30.07.2025, I, Rama Harijan, S/o- Hari Harijan resident of Vill.- Dhepaguda, Po.- Agnipur, Ps./Dist.- Nabarangpur, Odisha, state that, I have changed my name from **RAMA HARIJAN** to **RAMA JOSHUA**. Henceforth she will be known as **RAMA JOSHUA**, S/o- Hari Harijan for all future purposes.

**AFFIDAVIT**

I, Sanghamitra Panigrahi, W/o- Ranjit Kumar Panda, resident of At- Prem Nagar, 5th Lane, Berhampur, Dist.- Ganjam, Pin: 760002, Odisha declare by this affidavit No. 73AA 332781, Dtd: 19.07.2025 that now onwards I shall be known as **SANGHAMITRA PANDA** for all future purposes.

Leadership and beyond

दि न्यू इन्डिया एश्योरन्स कंपनी लिमिटेड

The New India Assurance Co. Ltd

India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)

ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

ଟେଣ୍ଡର ରେଫ. ସଂ: ବିବିଏସ୍‌ଆରଓ/ଝାରସୁଗୁଡା ଓଓ ସ୍ଥାନାନ୍ତର/ସନ୍ଧାନ/ଚୟନ/୫୫୦୯୦୪/୦୦୨

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନି ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର ଝାରସୁଗୁଡା ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ ୧୦୦୦-୧୨୦୦ ବର୍ଗଫୁଟ କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଥିବା ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଜଉମୁଦ ଦିଆ ଲଫାପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି।

ଅବସ୍ଥିତି: ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସରବାହାଲ ଠାରୁ ବେହେରାମାଳ ଛକ, ଝାରସୁଗୁଡାରେ ହୋଇଥିବା ଆବଶ୍ୟକ।

ଟେଣ୍ଡର କାଗଜପତ୍ର (ଝାରସୁଗୁଡା ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମିଶ୍ର ମାର୍କେଟ କମ୍ପ୍ଲେକ୍ସ, ମଙ୍ଗଳା ବଜାର ରୋଡ) କାର୍ଯ୍ୟାଳୟରୁ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦ ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। ଏହି ଟେଣ୍ଡର ସୂଚନା କଂପାନୀର ୱେବସାଇଟ୍: **www.newindia.co.in (public notice section)**ରୁ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ।

ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୧୭.୧୧.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।

ସ୍ୱା/- ଉପ ମହା-ପ୍ରବନ୍ଧକ

# ଗାଡ଼ି ଅଟକାଇ ବଟି ମାଗୁଛି ପାଟ୍ରୋଲିଂ ପୁଲିସ!



## ଟାର୍ଗେଟରେ ଅନ୍ୟ ରାଜ୍ୟର ମାଲ ପରିବହନ ଗାଡ଼ି

## ଭିଡିଓ ଭାଇରାଲ ପରେ ବାଲେଶ୍ୱର ଏସ୍‌ପିଙ୍କ ତଦନ୍ତ ନିର୍ଦ୍ଦେଶ

ବାହାନଗା,୨୯।୧୦(ସମିସ)

ବାଲେଶ୍ୱର ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥରେ ହାଇୱେ ପାଟ୍ରୋଲିଂ ପୁଲିସ ବିଭିନ୍ନ ମାଲ ପରିବହନ କରୁଥିବା ଗାଡ଼ିକୁ ଅଟକାଇ ବଟି ମାଗୁଥିବାର ଅଭିଯୋଗ ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବାଲେଶ୍ୱର ଏସ୍‌ପି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଥାନା ମାନଙ୍କରେ ନିୟୋଜିତ ପୁଲିସ କର୍ମଚାରୀ ବେଆଇନ ଭାବେ ଜାତୀୟ ରାଜପଥକୁ ଆସି ଛେଳି, ବାଉଁଶ, ମାଛ ଯାଆଁଳ ସହ ଅନ୍ୟାନ୍ୟ ମାଲ ପରିବହନ କରୁଥିବା ଗାଡ଼ିକୁ ଅଟକାଇ ପୁଲିସ ବଟି ନେଉଥିବାର ଦେଖିବାକୁ ମିଳିଥିବା ବେଳେ ସମାନ ଢାଞ୍ଚା ଆପଣାଇଛି ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ। ରାସ୍ତାରେ ଅନ୍ୟ ରାଜ୍ୟର ଗାଡିରେ ମାଲ ପରିବହନ କରୁଥିବା ଗାଡ଼ିକୁ ଟାର୍ଗେଟ କରି ପ୍ରତିଦିନ ରାସ୍ତାରେ ଦୀର୍ଘ ସମୟ ଅଟକାଇ ବଟି ନେଉଥିବାର ଦେଖିବାକୁ ମିଳିଛି। ସେପଟେ ହାଇୱେ ପାଟ୍ରୋଲିଂ ପୁଲିସର ଏଭଳି କାର୍ଯ୍ୟ ପାଇଁ ଓଡିଶା ପୁଲିସକୁ ଅନ୍ୟ ରାଜ୍ୟରେ ସମାଲୋଚନାର ଶିକାର ହେବାକୁ ପଡୁଛି।

ଜାତୀୟ ରାଜପଥରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ଯୋଗୁଁ ଲୋକଙ୍କ ସୁରକ୍ଷା ପାଇଁ ୨୦୨୧ ମସିହା ଫେବୃଆରି ୧ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାର ୧୬ ନମ୍ବର ଜାତୀୟ ରାଜପଥରେ ହାଇୱେ ପାଟ୍ରୋଲର ଶୁଭାରମ୍ଭ କରିଥିଲେ। ଏହି ସେବାରେ ୩ ଗୋଟି ଗାଡ଼ି ନିୟୋଜିତ ହୋଇଥିଲେ। ଯେଉଁଥିରେ ପୂର୍ବତନ ସେନା କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ୨୪ ଘଣ୍ଟା ଧରି ଏହି ପାଟ୍ରୋଲିଂ ଗାଡି ଜାତୀୟ ରାଜପଥରେ ସୁରକ୍ଷା ପାଇଁ ନିୟୋଜିତ ରହିବା ଉଦ୍ଦେଶ୍ୟରେ ଏହି ଯୋଜନାର କାର୍ଯ୍ୟକାରୀ ହୋଇଥିଲା। ସରକାର ବଦଳିବା ପରେ ଏହି ପାଟ୍ରୋଲିଂ ଗାଡ଼ି ଲୋକଙ୍କ ସୁରକ୍ଷାରେ କମ ଲୋକଙ୍କ ଶୋଷଣ କାର୍ଯ୍ୟରେ ଲାଗି ପଡିଥିବାର କୁହାଯାଉଛି।

ଜାତୀୟ ରାଜପଥ ଖନ୍ତାପଡା ଥାନା ଅଧୀନରେ ଏହି ହାଇୱେ ପାଟ୍ରୋଲିଂ ଭ୍ୟାନରେ ନିୟୋଜିତ କର୍ମଚାରୀ ରାତିରେ ଟର୍ଚ୍ଚ ଲାଇଟ ମାରି ଗାଡି ଅଟକାଇବା ସହ ବଟି ମାଗୁଛନ୍ତି। ବଟି ମାଗିବାର ଭିଡିଓ ଭାଇରାଲ ପରେ ଜାତୀୟ ରାଜପଥରେ ନିୟୋଜିତ ଥିବା ହାଇୱେ ପାଟ୍ରୋଲିଂର କାର୍ଯ୍ୟକାରିତା ଉପରେ ବଡ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ବିଶେଷ କରି ଅନ୍ୟ ରାଜ୍ୟର ମାଲ ପରିବହନ କରୁଥିବା ଗାଡ଼ି ଗୁଡିକୁ ଏହି ଗାଡିରେ ନିୟୋଜିତ ଥିବା କର୍ମଚାରୀ ଟାର୍ଗେଟ କରୁଛନ୍ତି। ଭାଇରାଲ ଭିଡିଓରୁ ମିଳିଥିବା ସୂଚନା ମୁତାବକ ପଶ୍ଚିମବଙ୍ଗର ଏକ ପିକଅପ ଭ୍ୟାନ କିଛି ଚାରା ଗଛ ବୋଝେଇ କରି ସୋର ଅଭିମୁଖେ ଆସୁଥିବା ବେଳେ ବିଳମ୍ବିତ ରାତିରେ ଜାତୀୟ ରାଜପଥର ଶେରଗଡ ଗଉଡୁଣୀ ପୋଖରୀ ନିକଟରେ ହାଇୱେ ପାଟ୍ରୋଲିଂ ଗାଡିରେ ଅଧିକାରୀ ମହେଶ୍ୱର ମାଝୀ ବସିଥିବା ବେଳେ ଡ୍ରାଇଭରଙ୍କ ମାଧ୍ୟମରେ ଟର୍ଚ୍ଚ ମାରି ଗାଡ଼ି ଅଟକାଇବା ସହ ଖର୍ଚ୍ଚ ପାଣି ମାଗିଥିଲେ। ଏମିତି କି ସବୁ ଗାଡ଼ି ଦେଉଛନ୍ତି ତୁମେ ବି ଦିଅ। ଏମିତି କି ଡ୍ୟୁଟି ନାମରେ ଗାଡିରେ ଲାଇଟ ଜଳାଇ ନିୟୋଜିତ କର୍ମଚାରୀ ଜଣକ ଶୋଇ ରହିଥିଲେ, ପଚାରିବାରୁ ଆମେ କଣ ୨୪ ଘଣ୍ଟା ଡ୍ୟୁଟି କରିବୁନା ବୋଲି କହିଥିଲେ। ଜାତୀୟ ରାଜପଥରେ ଯାଉଥିବା ଗାଡ଼ି ଗୁଡିକୁ ହଠାତ ଅଟକାଇବା ଯୋଗୁଁ ପଛରେ ଆସୁଥିବା ଗାଡି ଗୁଡିକ ଦୁର୍ଘଟଣାରେ ଶିକାର ହେବା ସହ ବିପଦକୁ ଟାଣି ଆଣୁଛନ୍ତି। ବଟି ମାଗିବାର ଭିଡିଓ ଭାଇରାଲ ପରେ ଘଟଣାର ସତ ସାମ୍ନାକୁ ଆସିଛି। ସେପଟେ ଏହି ହାଇୱେ ପାଟ୍ରୋଲିଂ ଗାଡ଼ିର କର୍ମଚାରୀ ବାହାର ରାଜ୍ୟର ମାଲ ପରିବହନ କରୁଥିବା ଗାଡ଼ିକୁ ବିଶେଷ ଭାବେ ଟାର୍ଗେଟ କରୁଥିବା ବେଳେ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସର ବଟି ପାଇଁ ବାହାର ରାଜ୍ୟରେ ଓଡିଶା ପୁଲିସକୁ ବଦନାମ ହେବାକୁ ପଡୁଛି। ଗାଡ଼ି ଅଟକାଇ ବଟି ମଗାଯିବାର ଭିଡିଓ ଭାଇରାଲ ପରେ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର ଆହ୍ୱାନ ମୋଡକୁ ଆସିବା ସହ ଘଟଣା ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏସପିଙ୍କ ନିର୍ଦ୍ଦେଶ ପାଇବା ପରେ ସଦର ଏସଡିପିଓ ତଦନ୍ତ ଜାରି ରଖିଥିବା ଜଣାପଡିଛି।

# କାମରେ ଆସୁନି ଖଇରା ଥାନା ଗାଡ଼ି

**● ଧକ୍କା ଦେଲେ ବି ଷ୍ଟାର୍ଟ ହେଉନି**





ଖଇରା,୨୯।୧୦ (ସମିସ): ବାଲେଶ୍ୱର ଜିଲା ଖଇରା ଥାନାରେ ଚୋର ଡକାୟତ ଓ ନିଶାଦ୍ରବ୍ୟଧରା ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଗାଡିଟି ଠିକ ସମୟରେ କାମରେ ଆସୁନି। ଏଭଳିକି କର୍ମଚାରୀମାନେ ପଛରୁ ଧକ୍କା ଦେଲେ ବି ଷ୍ଟାର୍ଟ କରିବା ସମ୍ଭବ ହେଉନି। ଏଭଳି ଏକ ପଛରୁ ଗାଡି ପେଲା ଭିଡିଓ ବୁଧବାର ଭାଇରାଲ ହେବା ପରେ ଏହାକୁ ବହୁ ମାତ୍ରାରେ ଟ୍ରୋଲ କରାଯାଉଥିବା ପରିଲକ୍ଷିତ ହୋଇଛି। ଚୋର ଓ ଡକାୟତମାନେ କ'ଣ ଗାଡିଯିବା ପର୍ଯ୍ୟନ୍ତ ଅପେକ୍ଷା କରିବେ କି ବୋଲି କିଛି ଲୋକ ମନ୍ତବ୍ୟ ଦେଇଛନ୍ତି। ବୁଧବାର ମୃତ୍ୟୁବରଣ କରିଥିବା ଜଣେ ସାମ୍ବାଦିକଙ୍କ ଶବ ବ୍ୟବଛେଦ ପାଇଁ ଆବଶ୍ୟକ ଚିଠି ନେଇ ସୋର ଯିବା ପାଇଁ କର୍ମଚାରୀଙ୍କୁ ଯଥାଶୀଘ୍ର ଗାଡିରେ ଯିବାର ଥିଲା। ହେଲେ ୧ଘଣ୍ଟାଧରି ପେଲାଠେଲା ପରେ ମଧ୍ୟ ଗାଡି ଷ୍ଟାର୍ଟ ହୋଇ ନ ଥିଲା। ବାଧ୍ୟ ହୋଇ ଥାନା କର୍ମଚାରୀମାନେ ଝଡିବର୍ଷାରେ ରିପୋର୍ଟ ଧରି ବାଇକରେ ସୋର ଯାଇଥିଲେ। ଏ ସମ୍ପର୍କରେ ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ମରାମତି ପାଇଁ ଖଇରା ଥାନାରେ କୌଣସି ଫଣ୍ଡ ନାହିଁ। ଅର୍ଥ ବ୍ୟବସ୍ଥା ପାଇଁ ଏସ୍‌ପିଙ୍କୁ ଅବଗତ କରାଯାଇଛି।

# ସଡ଼କ ଦୁର୍ଘଟଣାରେ ଦମ୍ପତି ଗୁରୁତର

**● ଗୁରୁତର ସମ୍ପର୍କୀୟ ଭାଇଙ୍କ ମେଡିକାଲରେ ହଙ୍ଗାମା**

ନୀଳଗିରି, ୨୯।୧୦ (ସମିସ): ବୁଧବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଉଭୟ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇଥିବାର ଦେଖିବାକୁ ମିଳିଛି। ନୀଳଗିରି ଥାନା ଅନ୍ତର୍ଗତ ମଲ୍ୟାଣି ଗ୍ରାମର ତ୍ରିଲୋଚନ ବାରିକ ଓ ତାଙ୍କର ସ୍ତ୍ରୀ ଜ୍ୟୋତ୍ସ୍ନା ବାରିକ ବାଇକରେ କୌଣସି କାମରେ ସଜନାଗଡ ଆସୁଥିବା ବେଳେ ସଜନାଗଡ ଜାମୁଡି ସାହି ଗ୍ରାମର ଜୈନିକ ଯୁବକ ବାଇକରେ ଦ୍ରୁତ ଗତି ଆସି ଏମାନଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜ୍ୟୋତ୍ସ୍ନାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ବେଳେ ମୁଣ୍ଡରେ ମଧ୍ୟ ଆଘାତ ଲାଗିଛି। ସ୍ୱାମୀ ତ୍ରିଲୋଚନଙ୍କ ଛାତିରେ ଆଘାତ ଲାଗିଥିବା ବେଳେ ଉଭୟଙ୍କୁ ନୀଳଗିରି ମେଡିକାଲ ଆଣିଥିବା ବେଳେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡ଼ାକ୍ତର ଚିକିତ୍ସା କରି ଉଭୟଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ଦୁର୍ଘଟଣା ଖବର ପାଇ ଗୁରୁତରଙ୍କ ସମ୍ପର୍କୀୟ ଜଣେ ଭାଇ ମେଡିକାଲରେ ପହଞ୍ଚି ଅଭଦ୍ର ଭାଷା ରେ ଜୋର୍ ପାଟିରେ ଡାକ୍ତରଙ୍କୁ ମୁଁ ଛାଡିବିନି, କ'ଣ ପାଇଁ ଏତେ ବିଳମ୍ବ ହେଲା କହି ଗର୍ଜନ କରୁଥିଲେ। ଏପରିକି ରୋଗୀ ଦେଖୁଥିବା ଡାକ୍ତରଙ୍କ ନିକଟକୁ ଯାଇ ପାଟିତୁଣ୍ଡ କରିଥିଲେ। କିଛି ସମୟ ଧରି ମେଡିକାଲ ପରିବେଶ ଅଶାନ୍ତ ହୋଇ ପଡ଼ିଥିଲା। ରୋଗୀ ମାନେ ମଧ୍ୟ ଭୟଭୀତ ହୋଇ ପଡ଼ିଥିଲେ। ଖବର ପାଇ ନୀଳଗିରି ପୁଲିସ୍ ମେଡିକାଲରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ନେଇ ଯାଇଥିଲେ। ଏହି ଘଟଣାକୁ ନେଇ ମେଡିକାଲର କାର୍ଯ୍ୟରତ ଡାକ୍ତର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଦିନରେ ଫେରିବାଲା, ରାତିରେ ଲୁଟେରା



**୩ ବଙ୍ଗୀୟ ଯୁବକ ଗିରଫ**

ନୀଳଗିରି, ୨୯।୧୦ (ସମିସ): ଦିନରେ ଫେରିବାଲା, ରାତିରେ ଚୋର ସାଜି ନୀଳଗିରି ସମେତ ବିଭିନ୍ନ ଜିଲ୍ଲାରେ ଘରେ କେହି ନ ଥିବାର ସୁଯୋଗ ନେଇ ଏମାନେ ଘରେ କଳା କନା ବୁଲାଇ ଦିଅନ୍ତି। ଏମାନେ ପଶ୍ଚିମବଙ୍ଗରୁ ଆସି ବିଭିନ୍ନ ଅଞ୍ଚଳରେ ଫେରିବାଲା, ରାଜ ମିସ୍ତ୍ରି କାମ ଦିନରେ କରୁଥିବାବେଳେ ରାତିରେ ସମୟ ସୁଯୋଗ ଦେଖି ଘରେ କେହି ନ ଥିବା ବେଳେ ଚୋରି କରନ୍ତି। ନୀଳଗିରି ଥାନା ଅନ୍ତର୍ଗତ ପୋଡ଼ାଶୂଳ ଗ୍ରାମରେ କେଇ ଦିନ ଧରି ଚୋରି ହେଉଥିବାର ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଏପରିକି ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ଦଳ ଖୋଳତାଡ଼ କରିଥିଲେ ମଧ୍ୟ ଚୋରର ସନ୍ଧାନ ପାଇ ନ ଥିଲେ। ନୀଳଗିରି ଥାନାର ଆଇଆଇସି ଗୋବର୍ଦ୍ଧନ ନାୟକ ଗୁରୁତ୍ୱର ସହ ଚୋରି ଘଟଣାକୁ ତଦନ୍ତ କରିଥିଲେ। ସବୁ ଦିଗକୁ ଗୁରୁତ୍ୱ ଦେଇ ଏହି ଚୋରି ଘଟଣାରେ ଫେରିବାଲାଙ୍କ କାର୍ଯ୍ୟ ବୋଲି ଜାଣିବାକୁ ପାଇଥିଲେ। ପାଖା ପାଖି ଚୋରି ଅଞ୍ଚଳରେ ବଙ୍ଗୀୟ ରାଜ ମିସ୍ତ୍ରି କାମ କରୁଥିଲେ। ମୋବାଇଲ ଟ୍ରାକ କରି ଭୁବନେଶ୍ୱର ମଞ୍ଚେଶ୍ୱର୍ ଥାନା ଅଞ୍ଚଳର ଏକ ବସ୍ତିରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ହାପିକ ନଗରର ସିପୁରୁଲ ସେକ୍, ଜେୱେରୁଲ୍ ସେକ, ମୁର୍ଶିଦାବାଦର ମାଝିପରା ଗ୍ରାମର ଲାଏକ୍ ସେକକୁ ଗିରଫ କରାଯାଇଛି। ଏମାନଙ୍କ ନାମରେ ନୀଳଗିରି ଥାନାରେ ଅନେକ ଚୋରି ମାମଲା ରହିଥିବା ବେଳେ ବିଭିନ୍ନ ଥାନାରେ ଚୋରି ମାମଲା ରହିଥିବାର ପୁଲିସ ପକ୍ଷରୁ ସୂଚନା ମିଳିଛି।

# ବିଦ୍ୟୁତ ସଂସ୍ପର୍ଶରେ ଆସି ନାବାଳକ ମୃତ

ରାଇରଙ୍ଗପୁର, ୨୯।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ ଥାନା ବଡ ଚମ୍ପାଉଦା ଗ୍ରାମର ଜଣେ ନାବାଳକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ମୃତକ ନାବାଳକ ହେଲେ ଜିତେନ୍ଦ୍ର ବେହେରାଙ୍କ ପୁଅ ରାଜ ବେହେରା। ରାଜ ଘରର କବାଟ ଖୋଲୁଥିବାବେଳେ ଲିକ୍ ଥିବା ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ତହସିଲ ଓ ଖଣି ବିଭାଗର ଚଢ଼ଉ; ବିପୁଳ ପଥର ଜବତ

ସୋର,୨୯।୧୦(ସମିସ): ସୋର ତହସିଲ ଓ ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ଖଞ୍ଜାମାହାଲ ପଥର ଖାଦାନରେ ଚଢ଼ଉ କରାଯାଇ ବିପୁଳ ପଥର ଜବତ କରି ଏହାକୁ ନିଲାମ କରାଯାଇଥିବା ଜଣାପଡିଛି। ଆଜି ଅପରାହ୍ଣରେ ବାଗୁଡି ପଥର ଖାଦାନରେ ବେଆଇନ ବ୍ଲାଷ୍ଟିଂ ହୋଇଥିବା ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଓ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଖାଦାନରେ ଚଢ଼ଉ କରିଥିଲେ। ଏହି ସମୟରେ ବନ୍ଦ ପଡିଥିବା ୬୦ ନମ୍ବର କ୍ୱାରୀରୁ ବିପୁଳ ପଥର ଜବତ କରି ଏହାକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିଲାମ ଡକାଯାଇଥିଲା। ଶେଷରେ ୩ ଲକ୍ଷ ୭୫ ହଜାର ଟଙ୍କାରେ ଜବତ ପଥରକୁ ନିଲାମ ଦିଆଯାଇଥିଲା।

# ଛାତ୍ରଛାତ୍ରୀଙ୍କ ବିଧାନସଭା ଶୀତକାଳୀନ ଅଧିବେଶନ



ବାଲିଆପାଳ, ୨୯।୧୦ (ସମିସ): ଏହି ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଧାନସଭା ଗୃହ ଆୟୋଜନ କରାଯାଇ ୨୦୨୫ ବର୍ଷର ଶୀତ କାଳୀନ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ଦେଙ୍କ ତତ୍ତ୍ୱାବଧାନରେ ଏହି ବିଧାନ ସଭା ଗୃହ ଆଠଜଣ ଛାତ୍ର ଛାତ୍ରଙ୍କୁ ନେଇ କରାଯାଇଥିଲା। ଗୃହର ବାଚସ୍ପତି, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ବିରୋଧୀ ଦଳର ନେତା ଭୂମିକାରେ ଛାତ୍ର ଛାତ୍ରୀମାନେ ବେଶ ଚିତ୍ତାକର୍ଷକ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତ୍ୟେକ ବ୍ଲକରେ ଥିବା ପିଏମଶ୍ରୀ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଛି। ଏଥିରେ ଚାରି ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କ କଥପୋକଥନ ଏବଂ ସହ ଶିକ୍ଷଣ ମାଧ୍ୟମରେ ନେତୃତ୍ୱ, ନିଷ୍ପତ୍ତି, ସମସ୍ୟାର ସମାଧାନ ଏବଂ ଉପସ୍ଥାପନାର ବିକାଶ ହୋଇପାରିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ପ୍ରଧାନ କହିଛନ୍ତି। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଟୁଟୁ, ଗୀତାରାଣୀ ବିଶ୍ୱାଳ, ପରିଚାଳନା କମିଟି ର ସଭାପତି ଧନଞ୍ଜୟ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## କୁଲଡିହା ଅଭୟାରଣ୍ୟ

# ପୁନର୍ବାର ସୀମା ନିର୍ଦ୍ଧାରଣ ପ୍ରତିଶ୍ରୁତି ଦେଲା ପ୍ରଶାସନ



ନୀଳଗିରି, ୨୯।୧୦ (ସମିସ): ନୀଳଗିରି କୁଲଡିହା ଅଭୟାରଣ୍ୟ ଇକୋ ସେନସିଟିଭ ଜୋନରେ ବସବାସ କରୁଥିବା ଲୋକମାନଙ୍କ ତରଫରୁ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବାକୁ ନୀଳଗିରି ତହସିଲଦାରଙ୍କ ପକ୍ଷରୁ ନୋଟିସ ଜାରି କରିଥିବା ବେଳେ ଅଭିଯୋଗ ଦେବା ପାଇଁ ବୁଧବାର ଦିନ ଧାର୍ଯ୍ୟ କରାଯାଇଥିଲା। ଆଜି ହଜାର ସଂଖ୍ୟାରେ ଲୋକ ମାନେ ଦଳଗତ ନିର୍ବିଶେଷରେ ଆସି ନୀଳଗିରି ତହସିଲ ଅଫିସ ସମ୍ମୁଖରେ ଉପସ୍ଥିତ ହୋଇଥିଲେ। କୁଲଡିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ଅଭିଯୋଗ ଶୁଣାଣି ପାଇଁ ତହସିଲଦାର ସୋନମ ଦାସଙ୍କ ସହ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ୍ କୁଲଡିହା ରେଞ୍ଜର ପ୍ରମୁଖଙ୍କ ଉପସ୍ଥିତିରେ ପୁନର୍ବାର ସର୍ଭେ ପାଇଁ ଦିବା ୧୨ଟାରେ ଜନସାଧାରଣ ତରଫରୁ ୨୮୭୩ ଖଣ୍ଡ ଦରଖାସ୍ତ ପୁନଃ ସୀମା ନିର୍ଦ୍ଧାରଣ ପାଇଁ ନିଜର ନିଜର ଅଭିଯୋଗ ପ୍ରଦାନ କରିଥିଲେ। ଜନଶୁଣାଣି ଆରମ୍ଭ ବେଳକୁ ନୀଳଗିରି କୃଷକ ମଞ୍ଚର ମୁଖ୍ୟ ନେତୃତ୍ୱ ନିରଞ୍ଜନ ବାରିକ, ଉପସଭାପତି ଉମାକାନ୍ତ ମଲ୍ଲିକ, ସମ୍ପାଦକ ନିହାର ଜେନାଙ୍କ ଆହ୍ୱାନରେ ଚାରିରୁ ପାଞ୍ଚ ହଜାର ଲୋକ ନିଜ ନିଜର ଦରଖାସ୍ତ ଧରି ପହଞ୍ଚିଥିଲେ। ଏହି ଜନଶୁଣାଣିରେ ଚାଷୀ ନେତା କୈଳାସ ଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଚିତ୍ତ ଷଡଙ୍ଗୀ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବିଜୟ ପାତ୍ର, ବିଜୟ ସ, ଉପେନ୍ଦ୍ର ଦାସ, ସୁରେଶ ନାୟକ, ଯୋଗାନନ୍ଦ ଦାସ, ଶିଶିର ରାଉତ, ଅଶୋକ ଦାସ, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରାଙ୍କ ସମେତ କାଣ୍ଡଗରଡି ସରପଞ୍ଚ ରାଜେନ୍ଦ୍ର ରାଉତ ଓ ସମିତି ସଭ୍ୟ ଭାଗବତ ଖିଲାର, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ସିଆଡିମାଳ ସରପଞ୍ଚ ସୁରଥ ସିଂ, ତେଲିପାଳ ସରପଞ୍ଚ ବାହାମଣି ମୁର୍ମୁ, କେସିପୁର ସରପଞ୍ଚ ବାସନ୍ତି ହେମ୍ବ୍ରମ, ଛତ୍ରପୁର ସରପଞ୍ଚ ମାଳତି ମାଣ୍ଡୀ, ପିଠାଅତା ସରପଞ୍ଚ ମିନତୀ ମୁର୍ମୁ ଓ ବହୁ ମହିଳା ପୁରୁଷ ଯୋଗଦାନ କରି ସୀମାକୁ ବିରୋଧ କରି ଥିଲେ। ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଗଣ ସ୍ୱାକ୍ଷର ଦେଇଥିଲେ। ଶେଷରେ ବନଖଣ୍ଡ ଅଧିକାରୀ ଏବଂ ତହସିଲଦାର ସମସ୍ତ ବିଷୟକୁ ବିଚାର କରି ପୂର୍ବରୁ ଯେଉଁ ଡିଜିପିଏ ନକସା ପ୍ରସ୍ତୁତ୍ କରାଯାଇଛି ତାକୁ ବାଦ ଦିଆଯାଇ ପୁନର୍ବାର ସୀମା ନିର୍ଦ୍ଧାରଣ କରିବାର ଜନସାଧାରଣଙ୍କୁ ଜଣାଇଥିଲେ।

# ମଧୁର ଜଳ ଚିଙ୍ଗୁଡି ଚାଷ ପ୍ରଶିକ୍ଷଣ ଶିବିର



ବାଲିଆପାଳ, ୨୯।୧୦ (ସମିସ): ଏହି ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ କଟିସାହି ଗ୍ରାମରେ ନାବାର୍ଡ ସହାୟତାରେ ସୁବର୍ଣ୍ଣରେଖା କୃଷକ ଉତ୍ପାଦକ ସଙ୍ଗଠନ ପକ୍ଷରୁ ମଧୁର ଜଳ ଚିଙ୍ଗୁଡି ଚାଷ ଉପରେ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନାବାର୍ଡର ଡିଜିଏମ୍ ତାପସ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସ୍ୱାଗତିକା ସାହୁ, ବାଲିଆପାଳ ବ୍ଲକ ଆସିଷ୍ଟାଣ୍ଟ ଫିସାରୀ ଅଫିସର ମାଧୁରୀ ମୁଣ୍ଡା, ପ୍ରଶିକ୍ଷକ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମଧୁର ଜଳରେ ଚିଙ୍ଗୁଡି ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଦେଉଳା ପଞ୍ଚାୟତ କଟିସାହି ଗ୍ରାମର ରାଧାମାଧବ ସ୍ୱୟଂସହାୟକ ଗୋଷ୍ଠୀ, କାଳିମାତା ସ୍ୱୟଂସହାୟକ ଗୋଷ୍ଠୀ, ଜୟ ଜଗନ୍ନାଥ କାଳାଞ୍ଜିୟମ୍ ସ୍ୱୟଂସହାୟକ ଗୋଷ୍ଠୀ, ନିତାଇ ଗୌର ସ୍ୱୟଂସହାୟକ ଗୋଷ୍ଠୀ, ସାଇ ସୁମତୀ ସ୍ୱୟଂସହାୟକ ଗୋଷ୍ଠୀ, ମା ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଯୋଗଦେଇ ପ୍ରଶିକ୍ଷଣ ନେଇ ଥିବା ବେଳେ ଏହି କାର୍ଯ୍ୟକ୍ରମ ୧୫ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୁବର୍ଣ୍ଣରେଖା ଉତ୍ପାଦକ ଗୋଷ୍ଠୀର ସଦସ୍ୟ ସୁକୁମାର ସାମନ୍ତ ପରିଚାଳନା କରିଥିବା ବେଳେ ଗୌତମ ଜେନା, ସଞ୍ଜୟ କୁମାର ଭୂୟାଁ, ରଞ୍ଜନ କୁମାର ଭୂୟାଂ, ସୁଶାନ୍ତ ଗିରି, ମନୋରଞ୍ଜନ ରଣଜିତ, ଭାଗବତ ଭୂୟାଂ, ଗୋବିନ୍ଦ ଦେ ,ନବ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# କାକୁଡ଼ିଆରେ ଗୋଷ୍ଠାଷ୍ଟମୀ ଉତ୍ସବ



ଖଇରା,୨୯ ।୧୦ (ସମିସ): ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଗ୍ରାମରେ ବୁଧବାର ଦିନ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇ ଯାଇଛି। ଏଥିରେ ସାରୁଗାଁ ସରପଞ୍ଚ ଦୟାନିଧି ନାୟକ, ପ୍ରଶାସନିକ ଅଧିକାରିଣୀ ମୋନାଲିସା ରାଉତ, କାକୁଡିଆ ସ୍କୁଲର ପ୍ରଧାନଶିକ୍ଷକ ଉଦୟ ନାରାୟଣ ପାତ୍ର, ନରେନ୍ଦ୍ର ପ୍ରସାଦ ଲେଙ୍କା, ଶିକ୍ଷାବିତ ତଥା ଗ୍ରାମର ଅଧିବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ନିକଟରେ ଓସିଏସ ପାଇଥିବା ମୋନାଲିସା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମରେ ଗୋଷ୍ଠାଷ୍ଟମୀ ୧୯୬୨ ମସିହାରୁ ପାଳିତ ହୋଇ ଆସୁଛି।

# ମାଛ ଧରିବାକୁ ଯାଇ ଚାଲିଗଲା ଯୁବକଙ୍କ ଜୀବନ

ସୋର,୨୯।୧୦(ସମିସ): ସୋର ଥାନା ମହୁମୁହାଣ ପଞ୍ଚାୟତ କାଟୁଣି ଗ୍ରାମର ଜଣେ ୧୯ ବର୍ଷୀୟ ଯୁବକ ପୋଖରୀକୁ ମାଛ ଧରିବାକୁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି। ଏହି ଗ୍ରାମର ରଶ୍ମିରଞ୍ଜନ ମଳିକ ଆଜି ଅପରାହ୍ଣରେ ଘର ନିକଟରେ ଥିବା ପୋଖରୀକୁ ମାଛ ଧରିବାକୁ ଯାଇ ଗୋଡ ଖସିଯିବାରୁ ବୁଡି ଯାଇଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନଅଣି ନାଫରାଇ-ପଳାସିଆ ରାସ୍ତା ପାଲଟିଛି ମରଣଯନ୍ତା

# ପ୍ରତିବାଦରେ ରାସ୍ତାରେ ଧାନ ରୋଇଲେ ଲୋକେ

ଚନ୍ଦନେଶ୍ୱର, ୨୯।୧୦ (ସମିସ)



ସରକାର ଗାଁର ବିକାଶ ପାଇଁ କୋଟି କୋଟି ଟଙ୍କା ଅର୍ଥ ମଞ୍ଜୁର କରୁଥିଲେ ବି ଗାଁର ଭାଗ୍ୟ ବଦଳି ନାହିଁ। ଦୁଇ ପଞ୍ଚାୟତର ମଧ୍ୟରେ ଥିବା ଏକ ମୁଖ୍ୟ ରାସ୍ତା ଉପରେ କାହାର ନଜର ପଡୁନାହିଁ। ଦୀର୍ଘ ବର୍ଷ ହେବ ଗାଁ ଲୋକେ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧିଙ୍କୁ ନେହୁରା ହେଉଥିଲେ ମଧ୍ୟ ସେମାନଙ୍କ ଗୁହାରି କାନରେ ପଡୁନାହିଁ। ଶେଷରେ ବାଧ୍ୟ ହୋଇ ବୁଧବାର ରାସ୍ତାରେ ଧାନ ଗଛ ରୋଇ ପ୍ରତିବାଦ କରିଛନ୍ତି। ଭୋଗରାଇର ଶଙ୍ଖାରି ପଞ୍ଚାୟତ ଅଧୀନ ନଅଣି ନାଫରାଇ ଏବଂ ଶ୍ରଦ୍ଧପୁର ପଞ୍ଚାୟତର ପଳାସିଆ ଗ୍ରାମର ଉନ୍ନତି ପାଇଁ ନିବେଦନ କରିଛନ୍ତି। ନହେଲେ ଆଗାମୀ ଦିନରେ ଏକ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଭୋଗରାଇର ଶଙ୍ଖାରି ପଞ୍ଚାୟତ ଅଧୀନ ନଅଣି ନାଫରାଇ ଏବଂ ଶ୍ରଦ୍ଧାପୁର ପଞ୍ଚାୟତର ପଳାସିଆ ରାସ୍ତା ପାଲଟିଛି ମରଣଯନ୍ତା। ବର୍ଷା ଦିନ ଆସିଲେ ପ୍ରାୟ ୬ମାସ ଲୋକଙ୍କୁ ବହୁ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଗତି କରିବାକୁ ପଡୁଛି। ପ୍ରାୟ ୧ କି.ମି ରାସ୍ତାଟି ଖାଇ ଖମାରରେ ଭର୍ତ୍ତି ହେବା ସହ କାଦୁଅ ପଚପଚ ହୋଇଯାଉଛି। ଏହି ରାସ୍ତା ଦେଇ ନାଫରାଇ, ଚକ ଫୁଲବଣୀ,ଆଉସା, ପଥରେଶ୍ୱର, ନଅଣି ନାଫରାଇ ଆଦି ୧୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ଶ୍ରଦ୍ଧାପୁର ହସପିଟାଲ, ଶଙ୍ଖରି ମନ୍ମଥ-ମନୋଜ ସ୍ମାରକୀକୁ ଯାଇଥାନ୍ତି। ସେହିଭଳି ନାରାୟଣ ମହାନ୍ତି ପଡିଆ, କାନ୍ତିଭଉଁରୀ, ଶ୍ରଦ୍ଧାପୁର ଆଦି ପଞ୍ଚାୟତର ଲୋକେ ମଧ୍ୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ, ଥାନା, ତହସିଲ ଆଦି ସ୍ଥାନକୁ ସହଜରେ ଯାଇଥାନ୍ତି। ସବୁଠାରୁ ବଡକଥା ପଳାସିଆ ଗାଁଟି ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମରେ ସ୍ଥାନିତ ହୋଇଛି। ଶଙ୍ଖାରି ଉଚ୍ଚ ବିଦ୍ୟାଳୟକୁ ପିଲାମାନେ ଏହି ରାସ୍ତାରେ ପାଠ ପଢିବାକୁ ମଧ୍ୟ ଯାଇଥାନ୍ତି। ମାତ୍ର ରାସ୍ତାର ଦୂରାବସ୍ଥା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। କାଦୁଅ ରାସ୍ତା ପାଇଁ ବହୁ ସମୟରେ ପିଲା ଓ ବାଇକ ଚାଳକମାନେ ପଡି କାଦୁଅ ହୋଇ ଘରକୁ ଫେରନ୍ତି। ଏ ନେଇ ଗାଁ ଲୋକେ ଦୁଇ ପଞ୍ଚାୟତର ସରପଞ୍ଚଙ୍କଠାରୁ ଆରମ୍ଭ କରି ଭୋଗରାଇ ବିଧାୟକ ଏବଂ ବିଡିଓଙ୍କୁ ବାରମ୍ବାର ଅବଗତ କରି ଆସୁଥିଲେ ମଧ୍ୟ ନିରାଶ ହେବାକୁ ପଡୁଥିବା ପ୍ରକାଶ କରନ୍ତି। ଏ ନେଇ ବିଧାୟକ ଗୌତମବୁଦ୍ଧ ଦାସ କହନ୍ତି ଗାଁ ଲୋକଙ୍କ ଦାବି ମୁତାବକ ଘଟଣାକୁ ଗୁରୁତ୍ୱ ଦେଇ ଖୁବଶୀଘ୍ର ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରାଯିବ। ତେବେ ଘଟଣାକୁ ଗୁରୁତ୍ୱ ଦେଇ ତୁରନ୍ତ ଏହି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବାକୁ ୱାର୍ଡସଭ୍ୟା ମିନତୀ ଦେ, ବନମାଳୀ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ବଙ୍କିମ ଚନ୍ଦ୍ର ଦିଣ୍ଡା, ଜୟନ୍ତ ପ୍ରଧାନ, ବିଭୂତି ମଣ୍ଡଳ, ଜୟନ୍ତ ଦିଣ୍ଡା, ସୁନିଲ ଦିଣ୍ଡା, ଅଜୟ ଦିଣ୍ଡା, ଯଜ୍ଞେଶ୍ୱର ପ୍ରଧାନ, ଗୌରାଙ୍ଗ ଦିଣ୍ଡା, ଚନ୍ଦନ ଦିଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

କେନ୍ଦୁଝର, ୨୯।୧୦(ସମିସ): ଗଛରେ ଝୁଲି ପଡ଼ି ପ୍ରେମୀଯୁଗଳ ଆତ୍ମହତ୍ୟା କଲେ। ଏପରି ସମ୍ବେଦନଶୀଳ ଘଟଣା ଘଟିଛି ମଙ୍ଗଳବାର ରାତି କେନ୍ଦୁଝର ଜିଲ୍ଲା ସଦର ଥାନା ବରଦାପାଳ ପଞ୍ଚାୟତ ହାଟପଡ଼ିଆ ନିକଟରେ। ସ୍ଥାନୀୟ ଡୁମୁରିକୁଦର ଜଙ୍ଗଲର ଏକ ଗଛରେ ଝୁଲି ପ୍ରେମୀଯୁଗଳ ଆତ୍ମହତ୍ୟା କରିଛନ୍ତି। ମୃତକ ଦୁଇଜଣ ତଳକମ୍ପଡିହି ଟୁଡୁସାହିର ବୋଲି ଜଣାପଡ଼ିଛି। ମୃତ ଯୁବକ ଉଷା ପୂର୍ବ ବିବାହିତ ଥିଲେ। ସେ ଗାଁର ସୁରୁବାଲି ମୁଣ୍ଡାଙ୍କୁ ଭଲ ପାଉଥିଲେ। ଏହି ଘଟଣା ପ୍ରଘଟ ହେବା ପରେ ଉଭୟ ଏକ ଟେଣ୍ଟ କପଡ଼ାର ଦୁଇ ପାର୍ଶ୍ୱକୁ ନିଜ ବେକରେ ବାନ୍ଧି ଗଛରେ ଝୁଲି ପଡ଼ିଥିଲେ। ଏହା ଦେଖି ଲୋକେ ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପ୍ରାଥମିକ ତଦନ୍ତ ସହ ଶବ ବ୍ୟବଚ୍ଛେଦ କରାଇଛି।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ, ୨ ଗୁରୁତର



ଚମ୍ପୁଆ,୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ରାମଚନ୍ଦ୍ରପୁର ଗ୍ରାମର ବୁଧବାର ଦ୍ୱିପହର ସମୟରେ ମହୁମାଛି ଆକ୍ରମଣରେ ଜଣଙ୍କର ପ୍ରାଣ ଯାଇଛି। ଆଉ ୨ ଗୁରୁତର ଅବସ୍ଥାରେ ବର୍ତ୍ତମାନ ଚମ୍ପୁଆ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ରାମଚନ୍ଦ୍ରପୁର ଗ୍ରାମର ମଝିସାହିର ନିରାଶ ମୁଣ୍ଡା (୭୦)। ସେ ମାର୍କଣ୍ଡ ମୁଣ୍ଡା (୫୦), ରାଜା ମୁଣ୍ଡା (୧୪) ସହ ଫୁଲମତୀ ମୁଣ୍ଡା ଓ ଅନ୍ୟ ଜଣେ ମହିଳା ମିଳିମିଶି ନିକଟସ୍ଥ ଜଙ୍ଗଲକୁ ଛେଳି ଚରେଇବାକୁ ଯାଇଥିଲେ। ଛେଳି ଚରେଇବା ସମୟରେ ବଣୁଆ ମହୁ ପ୍ରଥମେ ରାଜା ମୁଣ୍ଡା ପରେ ମାର୍କଣ୍ଡ ମୁଣ୍ଡାଙ୍କୁ ଆକ୍ରମଣ କରିବାରୁ ସେମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏହାମଧ୍ୟରେ ନିରାଶ ମୁଣ୍ଡା ମହୁମାଛି ଆକ୍ରମଣର ଶିକାର ହୋଇ ଅତ୍ୟଧିକ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ୩ ଜଣଙ୍କୁ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ନିରାଶ ମୁଣ୍ଡାଙ୍କ ମୃତ୍ୟୁ ହୋଇଯାଇଥିଲା। ବର୍ତ୍ତମାନ ରାଜା ମୁଣ୍ଡା ଓ ମାର୍କଣ୍ଡ ମୁଣ୍ଡା ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## କୁକୁର କାମୁଡ଼ାରେ ବାଳକ ଗୁରୁତର

ତୁରୁମୁଙ୍ଗା, ୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ନିକଟରେ ଏକ ବୁଲା କୁକୁର କାମୁଡ଼ାରେ ଜଣେ ୯ ବର୍ଷର ନାବାଳକ ଗୁରୁତର ହୋଇ ପାଟଣା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ନାବାଳକ ହେଲେ କାବୁଲି ବେହେରାଙ୍କ ପୁଅ ପୃଥ୍ୱୀରାଜ ବେହେରା (୯ ବର୍ଷ)। ପୃଥ୍ୱୀରାଜ ଘର ନିକଟରେ ଥିବା ଦୋକାନରୁ ଖାତା କିଣି ଘରକୁ ଫେରୁଥିବା ବେଳେ ଏକ ବୁଲା କୁକୁର ତାଙ୍କୁ ହଠାତ ଆକ୍ରମଣ କରିଥିଲା। କୁକୁରଟି ତାଙ୍କ ଡାହାଣ ଗୋଡ ପୁଟିଆରେ ୨ଟି ସ୍ଥାନ କାମୁଡି କ୍ଷତବିକ୍ଷତ କରି ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି।



## ଜାତୀୟ ଏକତା ଦିବସ ପାଇଁ ପ୍ରତିଯୋଗିତା




ଚମ୍ପୁଆ,୨୯।୧୦(ସମିସ); ଆସନ୍ତା ୩୧ ତାରିଖ ଭାରତୀୟ ରାଜନୀତିର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ ଜାତୀୟ ଏକତା ଦିବସ ଭାବେ ପାଳନ ପରିପ୍ରେକ୍ଷୀରେ ଚମ୍ପୁଆ ପୁଲିସ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ନିମନ୍ତେ ବୁଧବାର ଚମ୍ପୁଆ କେରଳା ଇଂରାଜୀ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଓ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବକ୍ତୃତା ପ୍ରତିଯୋଗିତା, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପରେ ପୋଷ୍ଟର ଅଙ୍କନ ଓ ଜାତୀୟ ସଂହତି ଉପରେ ଅଭିଭାଷଣ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟକୁମାର ଭାରତୀ ଉପସ୍ଥିତିରେ ହିନ୍ଦୀ ଓ ଇଂରାଜୀରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପ୍ରଧାନ ଅଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଧରଣୀଧର ଦାସ, ସହକାରୀ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ନାଏକଙ୍କ ଉପସ୍ଥିରେ ଓଡ଼ିଆ ଭାଷାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବୈତରଣୀରେ ବାଲି ସତ୍ୟାଗ୍ରହ ଜାରି

# ବାଲି ଲୁଟେରାଙ୍କ ସମ୍ପତ୍ତି ବାଜ୍ୟାପ୍ତି ଦାବି

ଆନନ୍ଦପୁର, ୨୯।୧୦ (ସମିସ)

ପ୍ରତିକୂଳ ପାଗ ସତ୍ତ୍ୱେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବୈତରଣୀ ନଦୀରେ ଚାଲିଥିବା ବାଲି ସତ୍ୟାଗ୍ରହ ଜାରି ରହିଛି। ପ୍ରବଳ ବର୍ଷା, ପବନ ସତ୍ତ୍ୱେ ଶତାଧିକ ସତ୍ୟାଗ୍ରହୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସତ୍ୟାଗ୍ରହୀଙ୍କ ଦୃଢ଼ତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ସତ୍ୟାଗ୍ରହର ନେତୃତ୍ୱ ନେଇ ବାଲି ମାଫିଆଙ୍କ ବିରୋଧରେ ବିଷୋଦଗାର କରିଥିଲେ।

ସମସ୍ତ ବେଆଇନ ଘାଟରେ ନିୟୋଜିତ ଥିବା ବଡ ବଡ ମେସିନକୁ ଜବତ କରାଯାଉ, ଘାଟ ଚଳାଉଥିବା ମାଫିଆଙ୍କୁ ଗିରଫ କରାଯିବା ସହ ଲୁଟ୍ କରିଥିବା ବାଲି ପରିମାଣକୁ ମପାଯାଇ ଜରିମାନା ଆଦାୟ କରିବାକୁ ଯଜ୍ଞପ୍ରସାଦ ସାହୁ ଦାବି କରିଛନ୍ତି। ଜରିମାନା ଆଦାୟ ସହ ମାଫିଆ ଓ ତାଙ୍କ ସହଯୋଗୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ସେ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବେଆଇନ ଘାଟ ପାଇଁ କଟାଯାଇଥିବା ଗଛ ବାବଦ କ୍ଷୟକ୍ଷତି ଆକଳନ କରିବାକୁ ସତ୍ୟାଗ୍ରହୀମାନେ ଦାବି କରିଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ କୁମଡ ଘାଟ ବେଆଇନ ଭାବେ ଚାଲିବା ଯୋଗୁ ଠେକୁଆ, ଝିଙ୍କ ଆଦି ବନ୍ୟ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ଏଥିପାଇଁ ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଶ୍ରୀ ସାହୁ କହିଛନ୍ତି।



ଆଜିର ସତ୍ୟାଗ୍ରହରେ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତାଞ୍ଜଳି ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଶୁଭଲକ୍ଷ୍ମୀ ନନ୍ଦ, ସତ୍ୟବ୍ରତ ଜେନା ଜୟନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ନଟବର ମହାରଣା, ରାମଚନ୍ଦ୍ର ସାହୁ, ସୁଦର୍ଶନ ସାହୁ, ଶ୍ରୀଧର ଜେନା, ଗଣେଶ ଜେନା, ଶୁକଦେବ ପଣ୍ଡା, ସୁବାସ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ପରୀକ୍ଷିତ ଜେନା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ ଶହରୁ ଅଧିକ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିଛି। ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ସତ୍ୟଗ୍ରହୀମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ନିଷ୍କର୍ଷ ବାହାରି ପାରି ନାହିଁ।

## ବଞ୍ଚୋ ବିଦ୍ୟାଳୟରେ ମିଳୁନି ଛାତ୍ରବୃତ୍ତି; ଜିଲ୍ଲାପାଳଙ୍କୁ ଫେରାଦ



ଆନନ୍ଦପୁର, ୨୯।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଦିବାସୀ ହରିଜନ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଅନୁଦାନ ନମିଳିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାଯାଇଛି। ଶିକ୍ଷାବର୍ଷର ଅଧା ସମୟ ବିତିଯାଇଥିବାରୁ ସ୍କୁଲ କମିଟି ସଭାପତି ଓ କିଛି ସଦସ୍ୟା ମିଶି ଗତ ସେପ୍ଟେମ୍ବର କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ନିର୍ଦ୍ଦେଶରେ ହାଟଡ଼ିହୀ ଶିକ୍ଷାଧିକାରୀ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ସବିଶେଷ ତଦନ୍ତ ପାଇଁ ଭାରପ୍ରାପ୍ତ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ପଠାଇଥିଲେ। ତଦନ୍ତର ସପ୍ତାହେ ବିତିଯାଇଥିଲେ ମଧ୍ୟ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତଦନ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏନେଇ ରିପୋର୍ଟ ହାଟଡିହି ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି ହେଲେ ତାହା ବିଭାଗୀୟ ଦସ୍ତାବିଜରେ ଚାପି ହୋଇଯାଇଛି ବୋଲି ସନ୍ଦେହ ପ୍ରକାଶ ପାଇଛି। ସେହିପରି ବିଦ୍ୟାଳୟକୁ ଆସୁଥିବା ସରକାରୀ ଅନୁଦାନ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯାଇନି ବୋଲି ସ୍କୁଲ୍ ପରିଚାଳନା କମିଟିର ସଭାପତି ଦିପ୍ତିମୟୀ ଖୁଣ୍ଟିଆ, ସଭ୍ୟା ପଦ୍ମାବତୀ ବରାଳ, ସ୍ୱପ୍ନାରାଣୀ ବରାଳ, ଜ୍ୟୋତ୍ସ୍ନାରାଣୀ ବରାଳ, ସୁରେଖା ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରି ଘଟଣାକୁ ନେଇ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଆନନ୍ଦପୁର ଉପଜିଲ୍ଲାପାଳ ଏଭଳି ଘଟଣା ଉପରେ ହସ୍ତକ୍ଷେପ କରି ତଦନ୍ତ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀଙ୍କ ପକ୍ଷରୁ ଦାବି ହୋଇଛି।

### ସାମ୍ବାଦିକଙ୍କୁ ଧମକ

ହାଟଡ଼ିହୀ,୨୯।୧୦(ସମିସ): ହାଟଡ଼ିହୀ ଶିକ୍ଷାମଣ୍ଡଳ ବଞ୍ଚୋସ୍ଥିତ ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ଓ ଛାତ୍ରବୃତ୍ତି ଅନୁଦାନ ବଣ୍ଟନରେ ଅନିୟମିତତା ଘଟଣାର ତଦନ୍ତ ଉପରେ ଦୈନିକ ଓଡ଼ିଆ "ସକାଳ" ଖବରକାଗଜରେ ଗତ ୨୭ ତାରିଖ ପ୍ରକାଶ ପାଇଥିଲା। ଭାରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିବାରୁ ସେ ତଦନ୍ତ କରିଥିଲେ। ଶ୍ରୀ ଜେନାଙ୍କ ସୂଚନା ଅନୁସାରେ "ସକାଳ" କାଗଜରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ସମ୍ପୃକ୍ତ ଶିକ୍ଷକ "ସକାଳ"ର ହାଟଡ଼ିହୀ ପ୍ରତିନିଧିଙ୍କୁ ଫୋନ୍ କରି ଧମକାଇବା ସହ ଥାନାରେ ମାମଲା ରୁଜୁ କରିବାର ଧମକ ଦେଇଛନ୍ତି। ବିଦ୍ୟାଳୟର ସାମଗ୍ରୀ ଏବଂ ଅନୁଦାନ ଅନିୟମିତତା ସମ୍ପର୍କରେ ସତ୍ୟ ଖବର ପ୍ରସାରଣ ଯୋଗୁଁ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ଏବଂ ଧମକ ଦେଇ ଗଣମାଧ୍ୟମର କଣ୍ଠରୋଧ କରିବା ଘଟଣାରେ ଶିକ୍ଷକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ତଦନ୍ତ କରିବାକୁ ଗଣମାଧ୍ୟମରେ ଦାବି କରାଯାଇଛି।

## କେନ୍ଦୁଝର କାଳୀତୀର୍ଥର ସ୍ମରଣିକା 'କାଳପଦ୍ମା' ଉନ୍ମୋଚିତ



କେନ୍ଦୁଝର, ୨୯।୧୦(ସମିସ): କେନ୍ଦୁଝର କାଳୀତୀର୍ଥ ଚଳିତବର୍ଷ ମା' କାଳୀଙ୍କ ୮୫ବର୍ଷ ପୂଜା ସମାପନ କରିବାକୁ ଯାଉଥିବାବେଳେ ଅନୁଷ୍ଠାନର ଏକ ସ୍ମରଣିକା 'କାଳପଦ୍ମା' ମଙ୍ଗଳବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। କାଳୀତୀର୍ଥ ମଣ୍ଡପରେ ମା' କାଳୀଙ୍କ ପ୍ରତିମା ନିକଟରେ ପ୍ରଥମେ ସ୍ମରଣିକା ପୂଜାର୍ଚ୍ଚନା ପରେ ମାଆଙ୍କ ସମ୍ମୁଖରେ ଏହି ପତ୍ରିକା ଉନ୍ମୋଚନ ଅବସରରେ କାଳୀତୀର୍ଥ କମିଟିର ସଭାପତି ରବୀନ୍ଦ୍ର କୁମାର ମିଶ୍ର, ସାଧାରଣ ସମ୍ପାଦକ ଦୀପକ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ତଥା କାଳୀତୀର୍ଥର ସଦସ୍ୟ ଜନାର୍ଦ୍ଦନ ଦାଶ, ବରିଷ୍ଠ ସଦସ୍ୟ ସରୋଜ କୁମାର ରଣା ସାମ୍ବାଦିକ ପ୍ରଦୀପ କୁମାର ମହାନ୍ତି, ନିତ୍ୟାନନ୍ଦ ଦାଶ, ଅଜୟ କୁମାର ମିଶ୍ର, ସୁଶାନ୍ତ କୁମାର ସାହୁ, ମନୋଜ ଶତପଥୀ, ଅଶୋକ କୁମାର ମିଶ୍ର, ଲୋକନାଥ କର, ଦୁର୍ଯ୍ୟୋଧନ ନାଏକ, ପ୍ରମୋଦ କୁମାର ନାଏକ ଓ ସଦସ୍ୟବୃନ୍ଦ, ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ସଭାପତି ଜ୍ଞାନେନ୍ଦ୍ର ଜେନା, ସଂଗଠନ ସମ୍ପାଦକ ଜୟକୃଷ୍ଣ ପଣ୍ଡା, ମୁନା ରାଉତ, ବାପୁ ସାହୁ, ମନୋଜ ବାରିକ, ଅନୁପ ସାହୁ ଓ ସାମ୍ବାଦିକ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଖବରର ସମ୍ପାଦକ, କାଳୀତୀର୍ଥର ସଦସ୍ୟ ଓ ଶବ୍ଦ ମନ୍ଦିରର ସତ୍ତ୍ୱାଧିକାରୀ ଦେବୀଶଙ୍କର ଦାଶ ଏହି ପତ୍ରିକାର ସମ୍ପାଦନା କରିଥିବା ସହ କେନ୍ଦୁଝରର ସୁନାମ ଅର୍ଜନ କରିଥିବା ଲେଖକ ଓ ଲେଖିକାଙ୍କ ଲେଖା ଏଥିରେ ସନ୍ନିବେଷିତ ହୋଇଛି।

## ଓରିୟା ଓଏଭିରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ତେଲକୋଇ, ୨୯।୧୦(ସମିସ): ତେଲକୋଇ ବ୍ଲକ ଓରିୟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ରଘୁନାଥ ପରିଡ଼ାଙ୍କ ସଭାପତିତ୍ୱରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତେଲକୋଇ ତହସିଲଦାର ଅନୁପମା ମୁର୍ମୁ, ସମ୍ମାନିତ ଅତିଥି ଭାବେ ଚାରିଗଡ଼ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ ଅଧ୍ୟାପକ ପଙ୍କଜ କୁମାର ମିଶ୍ର, ଦୋବଲାପଲା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଭିଏମଡିସିର ସଦସ୍ୟ ଅକ୍ଷୟ କୁମାର ବାରିକ ସଭାରେ ଯୋଗଦାନ କରିଥିଲେ। ସାଇନ୍ସ କ୍ଲବ ଦ୍ୱାରା ଦିଆଯାଇଥିବା ପାଞ୍ଚଟି ଥିମ ଉପରେ ପିଲାମାନେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। 'ଏନର୍ଜି କଞ୍ଜରଭେସନ'ରେ ଯଶରାଜ ବିଶ୍ୱାଳ ପ୍ରଥମ, ଆରାଧ୍ୟ ପ୍ରଧାନ ଦ୍ୱିତୀୟ, ଦୁନାରାଣୀ ସାହୁ ଓ ଆରୋସ୍ମିତ ଖୁଣ୍ଟିଆ ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ 'ଅର୍ଗାନିକ ଫାର୍ମିଙ୍ଗ'ରେ ପ୍ରଥମ ଅନନ୍ୟ ମିଶ୍ର, ଦ୍ୱିତୀୟ ବିଶ୍ୱନାଥ ମହାରଣ, ତୃତୀୟ ସାହିଲ ହୁସେନ ଏବଂ 'ହେଲ୍‌ଥ' ଥିମରେ ମଧୁସ୍ମିତା ନାଏକ, ଯୋଶିତା ଜାଗୃତି ଓ ଦିବ୍ୟାଙ୍ଗଶି ମହାରଣା ପ୍ରଥମ ସ୍ଥାନ, ରିୟରାଣୀ ସାହୁ, ପ୍ରିନ୍ସା ପ୍ରିୟଦର୍ଶିନୀ ସାହୁ ଓ ଭାଗ୍ୟଜ୍ୟୋତି ବାରିକ ଦ୍ୱିତୀୟ ଅନନ୍ୟା ଅନ୍ୱେଷା ସାହୁ ଓ ଲୋପାମୁଦ୍ରା ପ୍ରଧାନ ତୃତୀୟ ହୋଇଥିଲେ। 'ଟ୍ରାନପୋର୍ଟ ଓ କମ୍ୟୁନିକେସନ' ଥିମରେ କେଶବ ଦାସ ଗୋଟିକୃଷ୍ଣ ଓ ଆୟୁଷ ସାହୁ ପ୍ରଥମ, ଗୌତମ କୁମାର ଜେନା ଓ ପରେଶ କୁମାର ସାହୁ ଦ୍ୱିତୀୟ ଭୂମିକା ପାତ୍ର ଓ ଲକ୍ଷ୍ମୀପ୍ରିୟା ପ୍ରଧାନ ତୃତୀୟ, 'ୱେଷ୍ଟ ମେନେଜମେଣ୍ଟ'ରେ ବନ୍ଧନ ମିଶ୍ର ପ୍ରଥମ ପ୍ରିୟରଞ୍ଜନ ପ୍ରଧାନ ଓ ଜିଜ୍ଞାସା ଖୁଣ୍ଟିଆ ଦ୍ୱିତୀୟ ଆରାଧ୍ୟ ଲକ୍ଷ୍ମୀ ପ୍ରଧାନ ଓ ସୋନମ ଶେଷାଦ୍ରି ସାଲିନି ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଓ ଗଣିତ ଶିକ୍ଷକ ସଂଜୟ ବେହେରା ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ବ୍ଲକ୍‌ସ୍ତରୀୟ ବିତର୍କ ପ୍ରତିଯୋଗିତା



ହାଟଡ଼ିହୀ,୨୯।୧୦(ସମିସ): ମଙ୍ଗଳବାର ହାଟଡ଼ିହୀ ହାଇସ୍କୁଲଠାରେ ସାଇବର ସୁରକ୍ଷା ପକ୍ଷରୁ ବ୍ଲକସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷାର ବିତର୍କ ପ୍ରତିଯୋଗିତାରେ ସୋସୋ ବାଳିକା ହାଇସ୍କୁଲର ବର୍ଷନକ୍ରାନ୍ତି ରାଉତ ପ୍ରଥମ ସ୍ଥାନ, ୨ୟରେ ଜମ୍ବିରା ସ୍ଥିତ ଆଶାଦେବୀ ହାଇସ୍କୁଲର ସଚ୍ଚିଦାନନ୍ଦ ରାଉତ, ୩ୟରେ ହାଟଡ଼ିହୀ ହାଇସ୍କୁଲର ସୋମନାଥ ଜେନା କୃତୀ ପ୍ରତିଯୋଗୀ ଭାବେ ମନୋନୀତ ହୋଇଥିବା ବେଳେ ଓରାଳିସ୍ଥିତ ଜିସି ବାଳିକା ହାଇସ୍କୁଲର ଶୁଭଲକ୍ଷ୍ମୀ ରାଉତ ଇଂରାଜୀ ବିତର୍କରେ କୃତିତ୍ୱ ଅର୍ଜନ କରିଛନ୍ତି। କାର୍ଯ୍ୟକ୍ରମରେ ବଣିଆପଙ୍କସ୍ଥିତ ପିପି ହାଇସ୍କୁଲରୁ ସୁଦର୍ଶନ ପାଣିଗ୍ରାହୀ, ସୋସୋ ବାଳିକା ହାଇସ୍କୁଲରୁ ଆର୍ତ୍ତବନ୍ଧୁ ଜେନା, ବାଲିବରେଇ ହାଇସ୍କୁଲରୁ ରବିନାରାୟଣ ବାରିକ, ହାଟଡ଼ିହୀ ହାଇସ୍କୁଲରୁ ସାଇସୌମ୍ୟା ରାଉଳ, ଶାସଙ୍ଗ ପଞ୍ଚାୟତ ହାଇସ୍କୁଲରୁ ମାଧବାନନ୍ଦ ଜେନା ପ୍ରମୁଖ ଶିକ୍ଷକ ବିଚାରକ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ହାଟଡ଼ିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ଦୁର୍ନୀତି ନିବାରଣ ସପ୍ତାହରେ ସଚେତନତା ଓ ଶପଥ ପାଠ

# ଦୁର୍ନୀତି ହଟିଲେ ବିକଶିତ ରାଷ୍ଟ୍ର ସମ୍ଭବ



କେନ୍ଦୁଝର, ୨୯।୧୦(ସମିସ)

ଜିଲ୍ଲା ଜଜ୍ କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା, ଜିଲ୍ଲା କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ବିଚାରପତି, କୋର୍ଟ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ପରେ ସମସ୍ତଙ୍କୁ ଉଦ୍‌ବୋଧନ ଦେଇ ଆମ ଦେଶରୁ ଦୁର୍ନୀତି ହଟିଲେ ବିକଶିତ ଭାରତ ରାଷ୍ଟ୍ର ଗଠନ ସମ୍ଭବ ପର ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ଦୁର୍ନୀତି ନିବାରଣ) ଭଗବାନ ପ୍ରଧାନ, ପରିବାର ଅଦାଲତ ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ମମିତା ଦାଶ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସ) ମୋନାଲିସା ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍(ଆଡହକ) ବିଜୟ ମିଶ୍ର, ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାଶ, ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାଶ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ଶପଥ ପାଠ କରିଥିଲେ।

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ସଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଦୁର୍ନୀତି ନିବାରଣ ବିଭାଗ, କେନ୍ଦୁଝରର ଡିଏସପି ସୁଧାଂଶୁ ଶେଖର ପୂଜାରୀ, ସମ୍ମାନିତଅତିଥି ଇନ୍ସପେକ୍ଟର ଉଲ୍ଲୁପୀ ବେହେରା ଓ ସବ୍‌ଇନ୍ସପେକ୍ଟର ସୁଶାନ୍ତ କୁମାର ସେଠୀ ସମସ୍ତ ଅଧ୍ୟାପକଅଧ୍ୟାପିକା, ଅଣଶିକ୍ଷକବୃନ୍ଦ ଓ ଛାତ୍ରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ ପାଳନ ନିମନ୍ତେ ଶପଥ ପାଠ କରାଇଥିଲେ। ଅତିଥିମାନେ କହିଥିଲେ ଯେ ସମସ୍ତେ ମିଶି ଦୁର୍ନୀତି ରୋକିବାରେ ସଚେତନ ହେଲେ ଏକ ସ୍ୱଚ୍ଛ ଉତ୍ତରଦାୟୀ ସମାଜ ଗଠନ ହେଇପାରିବ। ଏହି ସଭାରେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପିକା ଡ. ନିବେଦିତା ଦାସ। ଅଧ୍ୟାପିକା ଗୀତାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ।




## ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବିଶ୍ୱ ଷ୍ଟ୍ରୋକ୍ ଦିବସ



କେନ୍ଦୁଝର, ୨୯।୧୦(ସମିସ): ପୂର୍ବାହ୍ଣରେ ଜିଲ୍ଲାସ୍ତରୀୟ ଷ୍ଟ୍ରୋକ ଦିବସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଜିଲ୍ଲା ଚିକିତ୍ସାଧିକାରୀ ଅଧୀକ୍ଷକ ଡାକ୍ତର ପ୍ରଦୀପ କୁମାର ମିଶ୍ର ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ମଧୁମେହ, ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଦ୍ୱାରା ଷ୍ଟ୍ରୋକ ପ୍ରତିରୋଧ କରାଯାଇପାରିବ ଓ ଏଥିରୁ ସୁରକ୍ଷିତ ରହିବା ପାଇଁ କମ ଲୁଣ, ଅଧିକ ତନ୍ତୁଯୁକ୍ତ ଓ ଚର୍ବିମୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ ଅତିରିକ୍ତ ଜନସ୍ୱାସ୍ଥ୍ୟ ପରିବାର କଲ୍ୟାଣ ନିୟମିତ ରକ୍ତଚାପ ଓ ମଧୁମେହର ପରୀକ୍ଷା, ଯୋଗ ପ୍ରାଣାୟାମ ଓ ବ୍ୟାୟାମ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ ଷ୍ଟ୍ରୋକର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ ସରକାରୀ ଡାକ୍ତରଖାନାରେ ସିଟି ସ୍କାନ, ଏମଆରଆଇ ଦ୍ୱାରା ଷ୍ଟୋକର ଚିହ୍ନଟ ଓ ଚିକିତ୍ସା ସୁବିଧା ମାଗଣାରେ ଉପଲବ୍ଧ ଅଟେ। ଉକ୍ତ ବୈଠକରେ ସ୍ୱାସ୍ଥ୍ୟକର୍ମୀ, ଆଶା, ପାରାମେଡିକାଲ ସ୍ୱାସ୍ଥ୍ୟକର୍ମୀ, ମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ସଞ୍ଚାଳନ କରିଥିଲେ।

## ଜାମଶୋଳା ସରକାରୀ ଉଚ୍ଚ ବିଦ୍ୟାଳୟ

# ଶିକ୍ଷକ ନିଯୁକ୍ତି ଦାବିରେ ଆମରଣ ଅନଶନ



ଶୁଳିଆପଦା,୨୯।୧୦(ସମିସ):

ଶୁଳିଆପଦା ବ୍ଲକ୍ ଅଁଳାକୁଡା ପଞ୍ଚାୟତ ଜାମଶୋଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଆଦିବାସୀ ବିକାଶ ମଞ୍ଚ ଆମରଣ ଅନଶନ କରିଥିଲା। ବିଦ୍ୟାଳୟରେ ଏକବର୍ଷ ହେବ ବିଜ୍ଞାନ, ସଂସ୍କୃତ ଓ ପ୍ରାଥମିକ ସ୍କୁଲରେ ଶିକ୍ଷକ ପଦ ଖାଲି ପଡିରହିଛି। ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ବି ଶିକ୍ଷକ ନିଯୁକ୍ତି ନ ହେବାରୁ ବୁଧବାର ଆଦିବାସୀ ବିକାଶ ମଞ୍ଚର ଜିଲ୍ଲା ସଭାପତି ବାବୁଲୁ ସୋରେନ୍ଙ୍କ ନେତୃତ୍ୱରେ ଆମରଣ ଅନଶନ ଆରମ୍ଭ ହୋଇଥିଲା। ଅନଶନରେ ସାଧାରଣ ସମ୍ପାଦକ ସୁନାରାମ ଟୁଡୁ, ଅଭିଭାବକ ଦାମୋଦର ମୁର୍ମୁ, ସୁଲୁ ସେନାପତି, କୋମଲ ବେହେରା, ରବୀନ୍ଦ୍ର ରାୟ, ସାଗର ସିଂ, କାନ୍ଦ୍ରା ସୋରେନ୍ ପ୍ରମୁଖ ସାମିଲ ହୋଇଥିଲେ। ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ଘୋଷଣା କରିଥିଲେ। ଖବର ପାଇ ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷଣ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶଧର ସିଂହ, ଗୌତମ ପାତ୍ର ଓ ଶୁଳିଆପଦା ବିଇଓ ମାଳତୀ ଟୁଡୁ ପହଞ୍ଚି ଅନଶନକାରୀଙ୍କୁ ବୁଝାସୁଝା କରିଥିଲେ। ପରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶଧର ସିଂହ ଲିଖିତ ପ୍ରତିଶ୍ରୁତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ମୁତାବକ ଜାମଶୋଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଥମିକ ବିଭାଗରେ ବିଇଓ, ଶୁଳିଆପଦାଙ୍କ ଦ୍ୱାରା ଜଣେ ଶିକ୍ଷକଙ୍କୁ ଡିପ୍ଲୋୟମେଣ୍ଟ ମାଧ୍ୟମରେ ଆଗାମୀ ୩ ଦିନ ମଧ୍ୟରେ ନିଯୁକ୍ତି ଦିଆଯିବ। ମାଧ୍ୟମିକ ବିଭାଗରେ ଟିଜିଟି-ସିବିଜେଡ୍ ପଦବୀରେ ଜଣେ ଶିକ୍ଷକଙ୍କୁ ୩ ଦିନ ପାଇଁ ଡିପ୍ଲୋୟମେଣ୍ଟ ମାଧ୍ୟମରେ ଆଗାମୀ ୩ ଦିନ ମଧ୍ୟରେ ଶିକ୍ଷାଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ସାରିଛି ଏବଂ ଆଉ ଜଣେ ଶିକ୍ଷକଙ୍କୁ ଅନ୍ୟ ୩ ଦିନ ମଧ୍ୟରେ ଡିଇଓଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯିବ। ଆଗାମୀ ଏଲଟିଆର୍ ନିଯୁକ୍ତି ପ୍ରକ୍ରିୟାରେ ନଭେମ୍ବର ୧୫ ପରେ ଜଣେ ନିୟମିତ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତିରେ ବିଇଓଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷଣ ପରିବେଶ ପାଇଁ ଏକ ବୈଠକ ଆୟୋଜନ କରି ନିଷ୍ପତ୍ତି ନିଆଯିବ।

## ଜିଲ୍ଲାସ୍ତରୀୟ ଶିଶୁଶ୍ରମିକ ମୁକ୍ତ ଅଭିଯାନ କର୍ମଶାଳା



ବାରିପଦା, ୨୯ ।୧୦(ସମିସ): ଶିଶୁ ଶ୍ରମିକମୁକ୍ତ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା ମୟୂରଭଞ୍ଜ ଆକ୍ସନ ଆଣ୍ଡ ରିସର୍ଚ୍ଚ ଗ୍ରୁପ (ଏମଏଆରଜି) ଏବଂ କ୍ୟାମ୍ପେନ ଏଗେନିଷ୍ଟ ଚାଇଲଡ୍ ଲେବର (ସିଏସିଏଲ) ଆନୁକୂଲ୍ୟରେ ଏଡୁକୋ ସହଯୋଗରେ ସିଏସିଏଲର ଜିଲ୍ଲା ସଂଯୋଜକ ଉତ୍ତମ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସିଏସିଏଲର ରାଜ୍ୟ ଆବାହକ ସୁକାନ୍ତ ନାୟକ ଜିଲ୍ଲାରେ ଶିଶୁ ଶ୍ରମିକ ହାର ଏବଂ ଶିଶୁ ଶ୍ରମିକ ମୁକ୍ତ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାର ୨୬ଟି ଯାକ ବ୍ଲକରେ ଏହାର ସଫଳ ରୂପାୟନ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଚନ୍ଦନ କୁମାର ଦାସ, ସତ୍ୟବ୍ରତ ଦାସ, ମନମୋହନ ପ୍ରଧାନ, ପ୍ରଭାମଞ୍ଜରୀ ପଣ୍ଡା, ଜ୍ୟୋତିପ୍ରକାଶ ରାଉତ, ଅତନୁ କୁମାର ମହାନ୍ତି ପ୍ରମୁଖ ଘଟୁଥିବା ଶିଶୁ ଶ୍ରମିକ ନିର୍ଯାତନା ସମ୍ପର୍କରେ ଉଦବେଗ ପ୍ରକାଶ କରିଥିଲେ। ଏହି ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାସ୍ତରରେ ଏକ ଟାସ୍କ ଫୋର୍ସ ଗଠନ ସହ ଆଗାମୀ ୧୦ତାରିଖରେ ପରବର୍ତ୍ତୀ ବୈଠକରେ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ଶିଶୁ ଶ୍ରମିକ ମୁକ୍ତ କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଆକ୍ସନ ଆଣ୍ଡ ରିସର୍ଚ୍ଚ ଗ୍ରୁପ (ଏମଏଆରଜି) ମାଧ୍ୟମରେ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ଉଲ୍ଲାସ: ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ୪୪ ହଜାର ସାମିଲ

ବାରିପଦା, ୨୯ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ୍‌ରେ ପ୍ରଥମ ଫାଉଣ୍ଡେସନାଲ ଲିଟରେସୀ ଆଣ୍ଡ ନ୍ୟୁମେରାସୀ ଆସେସମେଣ୍ଟ ଟେଷ୍ଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ୧୫ ବର୍ଷ ଓ ତାହାଠାରୁ ଅଧିକ ବୟସ୍କ ନାଗରିକଙ୍କ ଭାଷା ଓଡିଆ ଓ ପ୍ରାଥମିକସ୍ତରର ଗଣିତ ଦକ୍ଷତା ପରଖିବା ଉଦ୍ଦେଶ୍ୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗ ଦର୍ଶନରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଅକ୍ରୁର ବାରିକ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ଜିଲ୍ଲାର ପଦକ୍ଷେପକୁ ଆଗକୁ ନେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ପରିଦର୍ଶନରେ ସହଯୋଗ କରିଥିଲେ। ୨୬ଟି ବ୍ଲକରେ ୧୩୩୩୭ ପୁରୁଷ, ୩୦୪୧୫ ମହିଳା ଉଲ୍ଲାସ: ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷା ବିଭାଗ ଅଧୀନରେ ଏହି ପରୀକ୍ଷାର ଆକଳନ ଜିଲ୍ଲା, ବ୍ଲକ ଓ ଗ୍ରାମାଞ୍ଚଳସ୍ତରରେ ସମ୍ପନ୍ନ ହୋଇଛି। ପରୀକ୍ଷାରେ ଅନେକ ଯୁବକ ଓ ବୟସ୍କ ନାଗରିକ ସହଭାଗ ହୋଇ, ଭାଷା ଓ ଗଣିତ ଜ୍ଞାନ ପ୍ରତି ଆଗ୍ରହ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ ମା' ଅମ୍ବିକା ମହିଳା ମହାମଣ୍ଡଳର ସହଯୋଗକୁ ଜିଲ୍ଲା ଶିକ୍ଷା ପରିବାର ତରଫରୁ ପ୍ରଶଂସା କରାଯାଇଛି।

## ଓଡ଼ିଆ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



କୁଆମରା,୨୯।୧୦(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ତରଫରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ପ୍ରାକ୍ତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ହିରଣ୍ମୟୀ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓଡ଼ିଆ ବିଭାଗ ଅଧ୍ୟାପିକା ଡଃ ମଧୁସ୍ମିତା ପାଇନ୍ ଓ ସମ୍ମାନିତ ଅତିଥି ବିଭାଗୀୟ ଅଧ୍ୟାପକ ହେମନ୍ତ କୁମାର ଲୋହାର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ରୀ ଚୁମକୀ ନାଏକଙ୍କୁ ବିଭାଗୀୟ ଟପ୍ପର ହିସାବରେ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପ୍ରାକ୍ତନ ବିଦ୍ୟାର୍ଥୀ

## ମୟୂରଭଞ୍ଜରେ ଖୋଲିବ ଅଧିକ ୧୨ ନୂତନ ସବ୍‌ରେଜିଷ୍ଟ୍ରାର

ବାରିପଦା, ୨୯।୧୦(ସମିସ): ଜମିବାଡି ସଂକ୍ରାନ୍ତ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଅଧିକ ୧୨ଟି ତହସିଲ କାର୍ଯ୍ୟାଳୟରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବାକୁ ନେଇ ବିଭାଗୀୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନଭେମ୍ବର ପହିଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ଜରିଆରେ ଏହି ୧୨ଟି ନୂତନ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଉଦଘାଟନ କରିବେ। ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଜିଲାର ୨୬ଟି ତହସିଲ ମଧ୍ୟରୁ ୯ଟି ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ରହିଥିବା ବେଳେ ନୂତନ ଭାବେ ରରୁଆଁ, ଶୁକ୍ରୁଲି, ଠାକୁରମୁଣ୍ଡା, ମୋରଡା, ବିଜାତଳା, ବିଶୋଇ, କୁସୁମୀ, ଜାମଦା, ତିରିଂ, ଶାମାଖୁଣ୍ଟା, ସାରସକଣା ଓ ଶୁଳିଆପଦାରେ ଆଉ ଅଧିକ ୧୨ଟି ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ଖୋଲିବ। ସେଗୁଡିକ ସମ୍ପୃକ୍ତ ତହସିଲରେ ଉଦଘାଟନ ଦିନରୁ କାର୍ଯ୍ୟକ୍ଷମ ହେବ। ଜନସାଧାରଣ ଇ-ରେଜିଷ୍ଟ୍ରେଶନ ମାଧ୍ୟମରେ ନିଜର କାର୍ଯ୍ୟ କରିପାରିବେ। ପରବର୍ତ୍ତୀ ସମୟରେ ଆଉ ନୂତନ ୫ଟି ସବରେଜିଷ୍ଟ୍ରାର ଅଫିସ ଖୋଲିବ ବୋଲି ସୂଚନା ମିଳିଛି। ଏହା ଦ୍ୱାରା ସ୍ଥାନୀୟ ତହସିଲ ଅଞ୍ଚଳର ଜନସାଧାରଣ ବେଶ ଉପକୃତ ହୋଇପାରିବେ। ଏଥିସହିତ ଦଲିଲ ପ୍ରସ୍ତୁତ ସମୟରେ ଷ୍ଟାମ୍ପ ଡ୍ୟୁଟି ଓ ଫି' ଆଦାୟ ହେବା ସହିତ ଜମି ସମ୍ପର୍କିତ ବ୍ୟାଙ୍କରେ ବନ୍ଧକ ଥିବା ତଥ୍ୟ ଜଣାପଡିବ। ଜମିର ପ୍ରତିଲିପି ପ୍ରଦାନ ଓ ରେକର୍ଡ ଯାଞ୍ଚ ହେବା ସହ ଦଲିଲର ପ୍ରକାର ନିର୍ଦ୍ଧାରଣ ଓ ଷ୍ଟାମ୍ପ ଡ୍ୟୁଟିର ମୂଲ୍ୟାଙ୍କନ କରାଯାଇ ପାରିବ। ବିବାହ ରେଜିଷ୍ଟ୍ରେସନଠାରୁ ଆରମ୍ଭ କରି ଇ-ରେଜିଷ୍ଟ୍ରଶନ ମାଧ୍ୟମରେ ସମସ୍ତ କାର୍ଯ୍ୟ ସହଜରେ ହୋଇପାରିବ।

## ଚୋରି ସ୍କୁଟି ଉଦ୍ଧାର; ଅଭିଯୁକ୍ତ କୋର୍ଟ ଚାଲାଣ

ମହୁଲଡିହା,୨୯।୧୦(ସମିସ): ଠାକୁରମୁଣ୍ଡା ଥାନା ନିହାଣଗଣ୍ଡି ଗ୍ରାମରୁ ୨୭ ତାରିଖ ରାତିରେ ଚୋରି ହୋଇଥିବା ଏକ ସ୍କୁଟିକୁ ଉଦ୍ଧାର ହୋଇଛି। ଘଟଣାରୁ ପ୍ରକାଶ ଯେ, ନିହାଣଗଣ୍ଡି ଗ୍ରାମର ସବିତା ଜେନା ସୋମବାର ରାତିରେ ଶୋଇଥିବା ବେଳେ ଏକ ଚୋର ସ୍କୁଟି ଚୋରି କରି ନେଇଥିଲା। ସବିତା ସକାଳୁ ଉଠି ଦେଖନ୍ତି ସ୍କୁଟି ଘରେ ନ ଥିବାରୁ ଖୋଜା ଖୋଜି କରିବା ପରେ କିଛି ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ଠାକୁରମୁଣ୍ଡା ଥାନାରେ ଅଭିଯୋଗ ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରିଥିଲା। ପରେ ସନ୍ଦେହରେ ନିହାଣଗଣ୍ଡି ଗ୍ରାମର ଦିବାକର ଦାସ (ପପୁ) ଙ୍କୁ ଥାନାକୁ ଆଣି ପଚରା ଉଚୁରା କରିଥିଲା ପୁଲିସ। ଦିବାକର ସ୍କୁଟି ଚୋରି କରିଥିବା ମାନିଥିଲା। ପରେ ପୁଲିସ ସ୍କୁଟିକୁ ଉଦ୍ଧାର କରି ଥାନାକୁ ଆଣିଛି। ପୁଲିସ ସବିତା ଜେନାଙ୍କୁ ହସ୍ତାନ୍ତର କରିଛି।

## ■ ଶରଧା ଗ୍ରାମରେ ମାଇକ୍ର କମ୍ପୋଷ୍ଟ ପିଟ୍‌କୁ ଗ୍ରାମବାସୀଙ୍କ ବିରୋଧ

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା, ପୁରୁଷ



କରଞ୍ଜିଆ, ୨୯।୧୦(ସମିସ):

କରଞ୍ଜିଆ ସହରରୁ ୩ କିମି ଦୂର ବଡଦେଉଳି ପଞ୍ଚାୟତ ଶରଧା ଗ୍ରାମରେ ପୌର ପରିଷଦ ପକ୍ଷରୁ ଖୋଳା ଯାଉଥିବା ମାଇକ୍ରୋ କମ୍ପୋଷ୍ଟ ପିଟ୍‌କୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦ ଜଣାଇ ବୁଧବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସି ପିଟଖୋଳାକୁ ବିରୋଧ କରିଥିଲେ। ଓକିଲ ସଂଘର ସଭାପତି ମଦନ ମହନ ମହାନ୍ତଙ୍କ ସହିତ ଗ୍ରାମର ମଞ୍ଜୁଲତା ମାଟିଆ, କବିତା ମାଟିଆ, ବିଳାସୀ ମାଟିଆ, ରେବତୀ ନାୟକ, ସୁକାନ୍ତୀ ବେହେରା, ଲଳିତା ମହାନ୍ତ, ଝଗଡୁ ମାଟିଆ, ସୁଶାନ୍ତ ମାଟିଆ, ରମେଶ ମହାନ୍ତ, ଯୋଗେଶ୍ୱର ମହାନ୍ତ ପ୍ରମୁଖ ବହୁ ଗ୍ରାମବାସୀ ଧାରଣା ଦେଇଥିଲେ। ପରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ଏହି ସରକାରୀ ଜମିକୁ ସର୍ବସାଧାରଣ ଉଦ୍ୟମରେ ବ୍ୟବହାର କରିଆସୁଛନ୍ତି। ଏଠାରେ ବର୍ଜ୍ୟବସ୍ତୁ ଗ୍ରାମ ନିକଟରେ ପରିଚାଳନା କରାଗଲେ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ବିନା ଟିକେଟରେ ରେଳଯାତ୍ରା; ୭୯ ଯାତ୍ରୀଙ୍କୁ ଜରିମାନା



ବାରିପଦା, ୨୯ ।୧୦(ସମିସ): ବାଙ୍ଗିରିପୋଷି-ରୁପ୍ସା ଡିଏମୟୁ ଟ୍ରେନରେ ବିନା ଟିକେଟରେ ଯାତ୍ରା କରୁଥିବା ୭୯ ଜଣଙ୍କଠାରୁ ଜରିମାନା ଆଦାୟ ହୋଇଛି। ଯାହାକୁ ନେଇ ରେଳ ବିଭାଗ ପକ୍ଷରୁ ଅତର୍କିତ ଭାବେ ମାସ ଟିଟିଆଇ ଟିକଟ ଯାଞ୍ଚ ପ୍ରକ୍ରିୟା ହୋଇଥିଲା। ଯାଞ୍ଚ ସମୟରେ ୭୯ ଜଣ ବିନା ଟିକେଟରେ ରେଳ ଯାତ୍ରା କରୁଥିବା ଜଣାପଡିଥିଲା। ସେମାନଙ୍କ ପାଖରୁ ସମୁଦାୟ ୯,୯୮୦ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଉକ୍ତ ଟ୍ରେନରେ ଅଧିକାଂଶ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଛନ୍ତି। ଯାହା ଫଳରେ ରେଳ ବିଭାଗର କ୍ଷତି ହେଉଛି। ଏ ନେଇ ଟିକଟ ଯାଞ୍ଚ ପ୍ରକ୍ରିୟାକୁ ତୀବ୍ରତର କରାଯାଇଥିଲା। ଜରିମାନା ଆଦାୟ କରିବା ସହ ଯାତ୍ରୀଙ୍କୁ ଡିଜିଟାଲ ଟିକଟ କରିବା ନେଇ ସଚେତନ କରାଯାଇଥିଲା। ୟୁଟିଏସ ମୋବାଇଲ ଆପ୍ଲିକେସନ ଏବଂ ରେଳ ଷ୍ଟେସନରେ ଥିବା ଏଟିଭିଏମ ମେସିନ ଜରିଆରେ ସ୍ମାର୍ଟ ଟିକେଟ ତୁରନ୍ତ କରିପାରିବେ ବୋଲି ସଚେତନ କରାଯାଇଛି। ରେଳ ବିଭାଗ ପକ୍ଷରୁ ଆଗକୁ ମଧ୍ୟ ଯାଞ୍ଚ ପ୍ରକ୍ରିୟା କଡାକଡି କରାଯିବ।

**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

I, **Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| 2 | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 3 | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 4 | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**

# ଆସିବ 'ମୁନ୍ନା ଭାଇ ୩'

ସଞ୍ଜୟ ଦତ୍ତ ଓ ଅରଶଦ ୱାର୍ସିଙ୍କ ଫିଲ୍ମ 'ମୁନ୍ନାଭାଇ ଏମ୍‌ବିବିଏସ୍' ଫିଲ୍ମ ଆଜି ବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି । ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଛନ୍ତି । ଫିଲ୍ମରେ ସର୍କିଟ୍ ଓ ମୁନ୍ନାଭାଇଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ସର୍କିଟ୍ ଭୂମିକାରେ ଅଭିନୟ କରି ଅରଶଦ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ । ନିକଟରେ ଏକ ସାକ୍ଷାତକାରରେ ଅରଶଦ 'ମୁନ୍ନାଭାଇ ୩'କୁ ନେଇ ଖୁଲ୍ଲାସା କରିଛନ୍ତି । ଅରଶଦ କହିଥିଲେ, ' ସଞ୍ଜୁ (ସଞ୍ଜୟ ଦତ୍ତ) ଜଣେ ପ୍ରତିଭାଶାଳୀ ଅଭିନେତା । ତାଙ୍କ ସହ କାମ କରିବା ବେଶ୍ ମଜାଦାର ଥିଲା । ପୂରା ସ୍କ୍ରିପ୍ଟ ମନେ ରଖିବା ମୋ ପାଇଁ ଅସମ୍ଭବ ଥିଲା । ତାଙ୍କ ପାଇଁ ମୋତେ ପୂରା କାହାଣୀ ମନେ ରଖିବାକୁ ପଡୁଥିଲା । କାରଣ ସଞ୍ଜୁ ପ୍ରତ୍ୟେକ ଦିନ ସେଟ୍‌କୁ ଆସି ପଚାରୁଥିଲେ ଆଜି ଆମେ କ'ଣ କରିବା । ମୁଁ ତାଙ୍କୁ କ'ଣ ସୁଟିଂ କରିବାର ଅଛି ସେବିଷୟରେ କହୁଥିଲି । ' ସେ ଆହୁରି ମଧ୍ୟ କହିଥିଲେ, ସମୟ ଥିଲା 'ମୁନ୍ନ ଭାଇ ୩' ଆସିବା କଳ୍ପନା କରି ହେଉ ନ ଥିଲା । ଏବେ ରାଜୁ (ରାଜ କୁମାର ହିରାନୀ) ଏହା ଉପରେ କାମ ଆରମ୍ଭ କରି ଦେଇଛନ୍ତି । ଅରଶଦଙ୍କ ପୂର୍ବରୁ ବିଦୁ ବିନୋଦ ଚୋପ୍ରା 'ମୁନ୍ନାଭାଇ ୩' ଆସୁଛି ବୋଲି କହିଥିଲେ । ସେ କହିଥିଲେ, 'ମୁନ୍ନାଭାଇ ୩' ଏହି ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମ ଠାରୁ ଆହୁରି ଭଲ ହେବାର ଆବଶ୍ୟକତା ରହିଛି । ମୋ ପାଖରେ ଏକ ଭଲ ଆଇଡିଆ ଅଛି । ମୁଁ ତାରି ଉପରେ କାମ କରୁଛି ।'






# ବିଶ୍ୱ ମିତବ୍ୟୟତା ଦିବସ

ସଞ୍ଚୟ କରିବା ଏକ ଭଲ ଗୁଣ । ସମସ୍ତଙ୍କର ଭବିଷ୍ୟତ ଚିନ୍ତା ରହିବା ଜରୁରି । ବେଳେବେଳେ ମଣିଷକୁ ସଙ୍କଟଜନକ ଆର୍ଥିକ ସ୍ଥିତିର ମୁକାବିଲା କରିବାକୁ ପଡ଼ିଥାଏ । ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ସଞ୍ଚୟ କରିବା ଆବଶ୍ୟକ । ସଞ୍ଚୟ ଅର୍ଥାତ୍ ମିତବ୍ୟୟତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସାରା ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖକୁ ବିଶ୍ୱ ମିତବ୍ୟୟତା ଦିବସ ଭାବେ ପାଳନ କରାଯାଉଥିବାବେଳେ ଭାରତରେ ଏହା ପ୍ରତିବର୍ଷ ଅକ୍ଟୋବର ୩୦ରେ ପାଳନ କରାଯାଏ । କାରଣ ୩୧ ଅକ୍ଟୋବର, ୧୯୮୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ହୋଇଥିବାରୁ ଏହା ଭାରତରେ ଅକ୍ଟୋବର ୩୦ ତାରିଖରେ ପାଳନ କରାଯାଉଛି । ମିତବ୍ୟୟୀ ହୋଇ ସଞ୍ଚୟ କରିବା ନିମନ୍ତେ ଆଜିର ଦିନ ବାର୍ତ୍ତା ଦିଏ । ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅର୍ଥ ସଞ୍ଚୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଜଣେ ଅର୍ଥ ସଞ୍ଚୟ କରି ନିଜ ପାଇଁ ରୋଜଗାରର ବ୍ୟବସ୍ଥା କରିପାରିବେ । କେବଳ ସେତିକି ନୁହେଁ, ସଞ୍ଚିତ ଅର୍ଥରେ ଜଣେ ଭଲ ଶିକ୍ଷା ପ୍ରାପ୍ତ କରିପାରିବେ । ଜଣେ ବ୍ୟକ୍ତି ରୋଗଗ୍ରସ୍ତ ହେଲେ ଚିକିତ୍ସା ପାଇଁ ମଧ୍ୟ ଟଙ୍କାର ଆବଶ୍ୟକତା ପଡ଼ିଥାଏ । ତେଣୁ ସୁସ୍ଥ ଜୀବନ ଜିଇଁବା ପାଇଁ ଓ ଦେଶର ଅର୍ଥ ବ୍ୟବସ୍ଥାକୁ ସୁରକ୍ଷିତ କରିବା ପାଇଁ ଟଙ୍କା ସଞ୍ଚୟର ଆବଶ୍ୟକତା ରହିଛି । ଏକଥାକୁ ହୃଦୟଙ୍ଗମ କରି ୧୯୨୪ ଅକ୍ଟୋବର ୩୦ରେ ଇଟାଲୀର ମିଲାନରେ ପ୍ରଥମ ଥର ପାଇଁ ଆୟୋଜିତ 'ଇଣ୍ଟରନ୍ୟାସନାଲ ଥ୍ରିଫ୍ଟ କଂଗ୍ରେସ'ରେ ୩୧ ଅକ୍ଟୋବରକୁ ବିଶ୍ୱ ମିତବ୍ୟୟତା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ସଞ୍ଚୟ କରିବା ନିହାତି ଜରୁରି । ସାରା ବିଶ୍ୱରେ ସଞ୍ଚୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । ଏହି ଦିନ ବ୍ୟାଙ୍କ ଓ ବିଭିନ୍ନ ଏନ୍‌ଜିଓଗୁଡ଼ିକ ତରଫରୁ ସଞ୍ଚୟ କରିବା ନିମନ୍ତେ ଲୋକଙ୍କୁ ପ୍ରୋତ୍ସାହିତ କରାଯାଏ ।

## ଆଜିର ଇତିହାସ

- ୧୮୮୩- ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦେହାନ୍ତ ।
- ୧୯୨୫- ପ୍ରଥମ ଥର ପାଇଁ ଲଣ୍ଡନରେ ଟେଲିଭିଜନ୍ ପ୍ରସାରଣ ସେବା ଆରମ୍ଭ ହେଲା ।
- ୧୯୫୬-ଦିଲ୍ଲୀରେ ଦେଶର ପ୍ରଥମ ପଞ୍ଚତାରକା ହୋଟେଲ 'ଅଶୋକ' ଖୋଲିଲା ।
- ୧୯୬୦- ବ୍ରିଟେନରେ ପ୍ରଥମ ଥର ସଫଳତା ପୂର୍ବକ ବୃକକ୍ ପ୍ରତ୍ୟାରୋପଣ କରାଗଲା ।
- ୨୦୦୩- ବ୍ରିଟେନର ଯୁବରାଜ ପ୍ରିନ୍ସ ଚାର୍ଲସ୍ ଭାରତ ଯାତ୍ରାରେ ଆସିଲେ ।
- ୨୦୧୩- ତେଲଙ୍ଗାନାର ମେହେବୁବ ନଗରରେ ବସ୍‌ରେ ନିଆଁ ଲାଗିବାରୁ ପାଖାପାଖି ୪୪ ଜଣଙ୍କ ମୃତ୍ୟୁ ।



# ଖାଦ୍ୟକୁ ୩୦-୪୦ ଥର ଚୋବାଇ ଖାଇବା ଭଲ

ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବାକୁ ପରାମର୍ଶ ଦିଆଯାଏ । ତେବେ ଖାଦ୍ୟକୁ ଠିକ୍ ଭାବେ ଚୋବାଇ ଖାଇବା ଦ୍ୱାରା ଭଲ ଭାବେ ହଜମ ହୋଇଥାଏ । କେବଳ ସେତିକି ନୁହେଁ, ଏହି ଛୋଟିଆ ଅଭ୍ୟାସ ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଉପଯୋଗୀ । ସେହିପରି ଖାଦ୍ୟକୁ କେତେ ସମୟ ଚୋବାଇ ଖାଇବା ଦରକାର, ତାହା ହୁଏତ ଅନେକେ ଜାଣି ନ ଥିବେ । ପ୍ରତ୍ୟେକ ଖାଦ୍ୟକୁ ୩୦-୪୦ ଥର ଚୋବାଇବା ଉଚିତ । ଏହାଦ୍ୱାରା ଖାଦ୍ୟ ଛୋଟ ଛୋଟ ଖଣ୍ଡରେ ପରିଣତ ହୁଏ । ଫଳରେ ଖାଦ୍ୟ ସହଜରେ ହଜମ ହୋଇଯାଏ । ଏହାସହ ଶରୀରର ପୋଷକ ତତ୍ତ୍ୱକୁ ଭଲ ଭାବେ ଅବଶୋଷିତ କରିବାରେ ସାହାଯ୍ୟ କରେ । ବେଳେବେଳେ ମଣିଷ ଆବଶ୍ୟକତାଠୁ ଅଧିକ ଖାଇ ଦିଏ । ଏହା ଯୋଗୁଁ ଓଜନ ବୃଦ୍ଧି ପାଏ । 'ଦ ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନ୍'ରେ ପ୍ରକାଶିତ ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ, ଯେଉଁମାନେ ପ୍ରତ୍ୟେକ ଖାଦ୍ୟକୁ ୪୦ ଥର ଚୋବାଇ ଖାଆନ୍ତି, ସେମାନେ ୧୫ ଥର ଖାଦ୍ୟ ଚୋବାଇ ଖାଉଥିବା ଲୋକଙ୍କ ତୁଳନାରେ ପ୍ରାୟ ୧୨ ପ୍ରତିଶତ କମ୍ ଖାଆନ୍ତି । ଖାଦ୍ୟକୁ ଧୀରେ ଧୀରେ ଏବଂ ଭଲ ଭାବରେ ଚୋବାଇ ଖାଇବା ଦ୍ୱାରା ଅଧିକ ଖାଇବାର ଆଶଙ୍କା ହ୍ରାସ ପାଏ ଏବଂ ଓଜନ ନିୟନ୍ତ୍ରଣରେ ରୁହେ । ଅପରପକ୍ଷରେ ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବା ଦ୍ୱାରା ସ୍ୱାଦକୁ ଭଲଭାବେ ଜାଣି ହୋଇଥାଏ । ଖାଦ୍ୟକୁ ଅଧିକ ଚୋବାଇ ଖାଇବା ଦ୍ୱାରା ଶରୀରର ଭୋକ ଏବଂ ପେଟ ଭରିବାର ପ୍ରକ୍ରିୟାକୁ ମଧ୍ୟ ଭଲ ଭାବରେ ବୁଝି ହୁଏ । ଫଳରେ ସୁସ୍ଥ ଖାଦ୍ୟାଭ୍ୟାସର ଧାରା ବିକଶିତ ହୁଏ । ଚୋବାଇ ଖାଇବା ଦ୍ୱାରା ଏହାର ପ୍ରଭାବ କେବଳ ପାଚନ ଉପରେ ପଡ଼ି ନ ଥାଏ, ବରଂ ମେଟାବଲିଜିମ୍ ଉପରେ ବି ଭଲ ପ୍ରଭାବ ପଡ଼େ । ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବା ହେଉଛି ହଜମ ପ୍ରକ୍ରିୟାର ପ୍ରଥମ ସୋପାନ । ତା'ସହ ଭଲ ଭାବେ ଖାଦ୍ୟ ଚୋବାଇ ଖାଇଲେ, ଖାଇବା ପରେ ସନ୍ତୋଷ ପ୍ରାପ୍ତ ହୁଏ । ଏହାଦ୍ୱାରା ଖାଦ୍ୟର ମାତ୍ରାକୁ ନିୟନ୍ତ୍ରିତ କରିବା ଏବଂ କ୍ୟାଲୋରି କମ୍ କରିବାରେ ସାହାଯ୍ୟ ମିଳେ । ଖାଦ୍ୟ ଢୋକିବା ବା ଗିଳିବା ପୂର୍ବରୁ ଯେଉଁମାନେ ଏହାକୁ ଚୋବାଇ ବାରମ୍ବାର ଖାଆନ୍ତି, ସେମାନେ କମ୍ ଚୋବାଇ ଖାଉଥିବା ଲୋକଙ୍କ ତୁଳନାରେ କମ୍ କ୍ୟାଲୋରି ଗ୍ରହଣ କରନ୍ତି । ମାଂସ ଓ ପନିପରିବାକୁ ଭଲ ଭାବେ ଚୋବାଇ ଖାଇବା ଦରକାର । ଏପରିକି ୪୦-୪୫ ଥର ଚୋବାଇ ଖାଇଲେ ଭଲ । ଢୋକିବା ପୂର୍ବରୁ ଏହାକୁ ସେପର୍ଯ୍ୟନ୍ତ ଚୋବାଇବା ଦରକାର, ଯେଭଳି ଏହା ପାଟିରେ ନ ମିଶି ଯାଇଛି ।

# ଦୀପାବଳିର ମାସେ ପରେ 'ବୁଢ଼ି ଦୀପାବଳି'

ହିନ୍ଦୁ ଧର୍ମରେ ଦୀପାବଳି ପର୍ବର ବିଶେଷ ମହତ୍ତ୍ୱ ରହିଛି । ଆଲୋକର ପର୍ବ ଦୀପାବଳିକୁ ସମସ୍ତେ ବେଶ୍ ଉତ୍ସାହର ସହ ପାଳନ କରନ୍ତି । ଦୀପ ଆଲୋକରେ ନିଜ ଘରଦ୍ୱାର ସଜାନ୍ତି । ହେଲେ ଆମ ଦେଶରେ ଏମିତି ଏକ ସ୍ଥାନ ଅଛି, ଯେଉଁଠି ଦୀପାବଳି ପାଳନର ମାସକ ପରେ ପୁଣି ଥରେ ଦୀପାବଳି ପାଳନ କରାଯାଏ । ଏହାକୁ 'ବୁଢ଼ି ଦୀପାବଳି' କୁହାଯାଏ । ହିମାଚଳ ପ୍ରଦେଶର ସିରମୌର, କୁଲ୍ଲୁ, ସିମଲା ଏବଂ ଲାହୌଲ-ସ୍ପିତି ଆଦି ଜିଲ୍ଲାରେ ଏହି ସ୍ୱତନ୍ତ୍ର ଦୀପାବଳି ପାଳନ କରାଯାଏ । ଧାର୍ମିକ ମାନ୍ୟତା ଅନୁସାରେ, ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟା ଫେରିବା ପରେ ଦୀପାବଳି ପାଳନ କରାଯିବାର ଖବର ମାସକ ପରେ ହିମାଳୟର ଉଚ୍ଚ ପାହାଡଗୁଡ଼ିକରେ ପହଞ୍ଚିଥିଲା । ଲୋକମାନେ ବିଳମ୍ବରେ ଖବର ପାଇ ବି ହାତରେ ମଶାଲ ଧରି ନାଚ ଗୀତ କରି ଖୁସିରେ ମିଠା ବାଣ୍ଟିଥିଲେ । ସେବେଠୁ ଏଠାକାର ଲୋକେ 'ବୁଢ଼ି ଦୀପାବଳି' ପାଳନ କରି ଆସୁଛନ୍ତି । ତେବେ ଏହା ମାର୍ଗଶୀର ମାସର ଅମାବାସ୍ୟା ଦିନ ପାଳନ କରାଯାଏ । ଏହାକୁ ଦୀପାବଳିର ବିଳମ୍ବିତ ଆନନ୍ଦର ପ୍ରତୀକ ଭାବେ ବିବେଚନା କରାଯାଏ । ଏହି ଦୀପାବଳିର ପ୍ରମୁଖ ପରମ୍ପରା ହେଉଛି ମଶାଲ ଯାତ୍ରା । ଏହି ଦିନ ଲୋକେ ହାତରେ ମଶାଲ ଜଳାଇ ଗାଁ ଗାଁ ବୁଲନ୍ତି । ଯଦ୍ୱାରା ପୂରା ଘାଟି ଆଲୋକରେ ଝଲସିଉଠେ । ଏହି ସମୟରେ ଲୋକେ ଲୋକଗୀତ, ନାଟକ, ନୃତ୍ୟ ଆଦି ପ୍ରସ୍ତୁତ କରିଥାନ୍ତି । ଏଠାକାର ଲୋକେ ପରସ୍ପରକୁ ମୁଢ଼ି, ଚୁଡ଼ା, ପାମ୍ପଡ଼, ଅଖରୋଟ ଆଦି ପାରମ୍ପରିକ ଖାଦ୍ୟ ଜିନିଷ ବାଣ୍ଟି ଶୁଭେଚ୍ଛା ଜଣାନ୍ତି । ଏହି ପର୍ବ ପାଖାପାଖି ୪ଦିନ ଧରି ଚାଲେ । ବୁଢ଼ି ଦୀପାବଳିରେ ବାଣ ଫୁଟାଇବା ବଦଳରେ ପୂଜା, ଭକ୍ତି ଏବଂ ସାମୁହିକ ଉତ୍ସବକୁ ଗୁରୁତ୍ୱ ଦିଆଯାଏ ।



# ଦାଢ଼ି ବଢ଼ାଇ ବିଶ୍ୱ ରେକର୍ଡ

ଆମେରିକାର ଆଲବାମାରେ ରହୁଥିବା ରୁଡୋଲଫ୍ ମାର୍ଟିନୋ ଲମ୍ବା ଦାଢ଼ି ରଖି ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ ହୋଇଛନ୍ତି । ଗିନିଜ୍ ରେକର୍ଡ ମୁତାବିକ, ତାଙ୍କ ଦାଢ଼ିର ଲମ୍ବ ୩ ଫୁଟ ୬ ଇଞ୍ଚ । ମାର୍ଟିନୋ କାଲିଫର୍ଣ୍ଣିଆର ବାସିନ୍ଦା । ୨୦୧୫ ମସିହାରେ ସେ ବର୍ମିଙ୍ଘମ ଚାଲି ଆସିଥିଲେ । ତେବେ ସେ ଦୀର୍ଘ ୧୦ ବର୍ଷ ହେଲାଣି ତାଙ୍କ ଦାଢ଼ି ବଢ଼ାଇ ଚାଲିଛନ୍ତି । ଏନେଇ ମାର୍ଟିନୋ କୁହନ୍ତି, ଏହା ଏକ ଆଧ୍ୟାତ୍ମିକ ଯାତ୍ରା । ଯେମିତି ଫୁଲ, ଫଳ, ପତ୍ର ଗୋଟିଏ ଗଛର ଶକ୍ତି , ଦାଢ଼ି ତାଙ୍କୁ ସେହିପରି ଅନୁଭବ ଦେଇଥାଏ ବୋଲି ମାର୍ଟିନୋ କହିଛନ୍ତି । ଭାରତର ସାଧୁସନ୍ଥଙ୍କଠାରୁ ପ୍ରେରିତ ହୋଇ ସେ ଏଭଳି ଦାଢ଼ି ରଖିଥିବା ମାର୍ଟିନୋ କହିଛନ୍ତି । ଗିନିଜ ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ପରେ ସେ ତାଙ୍କ ହେୟାର ଷ୍ଟାଇଲିଷ୍ଟ ସହ ଏହି ଖୁସିକୁ ପାଳନ କରିଥିଲେ । ଅନ୍ୟପଟେ ଏହି ରେକର୍ଡ ବନାଇବା ଆଦୌ ସହଜ ନ ଥିଲା ବୋଲି ମାର୍ଟିନୋ କୁହନ୍ତି । ପ୍ରତି ସପ୍ତାହରେ ତାଙ୍କୁ ଦାଢ଼ି ଧୋଇବାକୁ ପାଖାପାଖି ୩୦ ମିନିଟ୍ ସମୟ ଲାଗିଥାଏ । ସେହିଭଳି ଦାଢ଼ି ଶୁଖିବାକୁ ତାଙ୍କୁ ଦୁଇରୁ ତିନି ଦିନ ସମୟ ଲାଗିଯାଏ । ସେ ପ୍ରତିଦିନ ଦାଢ଼ିରେ ମଏଶ୍ଚରାଇଜର ଲଗାନ୍ତି । ସ୍ୱତନ୍ତ୍ର ପ୍ରକାର ସାମ୍ପୁ ଏବଂ କଣ୍ଡିସନର ଉପଯୋଗ କରନ୍ତି । ଅଧିକାଂଶ ସମୟରେ ସେ ଦାଢ଼ିକୁ ସାର୍ଟ ଭିତରେ ଲୁଚାଇ ଦିଅନ୍ତି । ଭବିଷ୍ୟତରେ ମଧ୍ୟ ସେ ନିଜର ଦାଢ଼ି କାଟିବେନି ବୋଲି କହିଛନ୍ତି ।





# ଜନ୍ମଦିନ ପାଇଁ ୨ ଦିନ ଛୁଟି

ସମସ୍ତେ ନିଜର ଜନ୍ମଦିନକୁ ବେଶ୍ ଧୂମ୍‌ଧାମ୍‌ରେ ପରିବାର ସଦସ୍ୟଙ୍କ ଗହଣରେ ପାଳିବାକୁ ଇଚ୍ଛା କରିଥାନ୍ତି । କର୍ପୋରେଟ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ନିଜ ଜନ୍ମଦିନ ପାଳନ କରିବା ପାଇଁ ଛୁଟି ନେବା ସହଜ ହୋଇ ନ ଥାଏ । ତେବେ କର୍ମଚାରୀମାନଙ୍କର ଏଭଳି ଦୁଃଖକୁ ଦେଖି ଏକ କମ୍ପାନି ନିଆରା ପଦକ୍ଷେପ ଗ୍ରହଣ କରିଛି । କମ୍ପାନୀର ପ୍ରତିଷ୍ଠାତା ଅଭିଜିତ୍ ଚକ୍ରବର୍ତ୍ତୀ କମ୍ପାନିର ଏହି ନୀତି ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି । 'ବାର୍ଥଡେ ପ୍ଲସ୍ ୱାନ୍' ନାମକ କମ୍ପାନିର ଏହି ନିୟମ ଅନୁଯାୟୀ, କର୍ମଚାରୀଙ୍କୁ ପ୍ରତିବର୍ଷ ଅନ୍ୟ ଛୁଟି ସହିତ ଦୁଇଟି ଅତିରିକ୍ତ ଛୁଟି ପ୍ରଦାନ କରାଯାଏ । କର୍ମଚାରୀ ନିଜର ତଥା ନିଜର କୌଣସି ଆତ୍ମୀୟ ସ୍ୱଜନଙ୍କ ଜନ୍ମଦିନରେ ଛୁଟି ନେଇପାରିବେ । ଏନେଇ ଅଭିଜିତ୍ ଲିଙ୍କଡିନ୍‌ରେ ଲେଖିଛନ୍ତି, 'ଆମେ 'ବାର୍ଥଡେ ପ୍ଲସ୍ ୱାନ୍' ଅବକାଶ ନୀତିର ଶୁଭାରମ୍ଭ କରିଛୁ । ନିୟମ ଅନୁଯାୟୀ, କର୍ମଚାରୀଙ୍କୁ ବର୍ଷକୁ ଦୁଇଟି ଅତିରିକ୍ତ ଛୁଟି ମିଳିବ । ଏଥିରେ କର୍ମଚାରୀ ନିଜ ଜନ୍ମଦିନ ସହ ପ୍ରିୟଜନଙ୍କ ଜନ୍ମଦିନ ପାଇଁ ଛୁଟି ନେଇ ପାରିବେ । ତେବେ ଏହା କର୍ମଚାରୀଙ୍କ ଅନ୍ୟ ଛୁଟି ଉପରେ ପ୍ରଭାବ ପକାଇବ ନାହିଁ ।' ସେ ଏହା ମଧ୍ୟ କହିଛନ୍ତି ଯେ, 'କ୍ୟାରିୟର ଆରମ୍ଭରେ ଯେତେବେଳେ ତାଙ୍କ ବସ୍‌ଙ୍କୁ ଜନ୍ମଦିନରେ ଛୁଟି ନେବା ପାଇଁ କହୁଥିଲେ ସେ ତାଙ୍କୁ ଏକ ଅଲଗା ଅନ୍ଦାଜରେ ଦେଖୁଥିଲେ । ଯାହାକି ତାଙ୍କୁ ଆଦୌ ଭଲ ଲାଗୁ ନ ଥିଲା । ସେଥିପାଇଁ 'ବାର୍ଥଡେ ପ୍ଲସ୍ ୱାନ୍' ଛୁଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାଦ୍ୱାରା ଜଣେ ନିଜ ପ୍ରିୟଜନଙ୍କ ଜନ୍ମଦିନ ପାଇଁ ପୂର୍ବରୁ କିଛି ଯୋଜନା କରିପାରିବେ । ଆଗାମୀ ଦିନରେ 'ବାର୍ଥଡେ ପ୍ଲସ୍ ଟୁ ' ଯୋଜନା କରିବାକୁ କମ୍ପାନି ଲକ୍ଷ୍ୟ ରଖିଛି ।' ଅଭିଜିତ୍ ସାମାଜିକ ଗଣମାଧ୍ୟମରେ ଏହି ଛୁଟି ବିଷୟରେ ଜଣାଇବା ପରେ ତାଙ୍କର ଏଭଳି ପଦକ୍ଷେପକୁ ଲୋକେ ପ୍ରଶଂସା କରିଛନ୍ତି । ନିଜର ତଥା ନିଜ ପ୍ରିୟଜନଙ୍କ ପାଇଁ ଛୁଟି ନେବା କିଛି ଭୁଲ୍ କଥା ନୁହେଁ ବୋଲି ଅନେକ ଲେଖିଛନ୍ତି । ଆଉ କେତେଜଣ ନିଜ ସହିତ ପ୍ରିୟଜନଙ୍କ ଜନ୍ମଦିନରେ ଛୁଟି ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ସେହିପରି ଆଗାମୀ ଦିନରେ ଅଧିକାଂଶ କମ୍ପାନି ଏଭଳି ଛୁଟି ରଖିବେ ବୋଲି ଅନେକ ପ୍ରତିକ୍ରିୟା ଦେଇଛନ୍ତି ।



## ଆଜିର ରାଶିଫଳ

**ମେଷ:** ଦିନଟି ଚିନ୍ତାଜନକ ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଅଫିସ୍ କାର୍ଯ୍ୟ ପ୍ରଭାବିତ ହେଲେ ବି ନୂତନ ଦାୟିତ୍ୱ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ନିବେଶ ଲାଗି ଅନୁକୂଳ ସମୟ ।

**ବୃଷ:** ଦିନଟି ଶୁଭଫଳ ପ୍ରଦାନ କରିବ । ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ମିଳିବ । ଭାବିଚିନ୍ତି କାମ କରିବେ ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ । ବ୍ୟବସାୟରେ ନୂଆ ନିବେଶ କରିବେ । ଜମିବାଡ଼ି କାର୍ଯ୍ୟରେ ସମସ୍ୟା ଆସିବ । ପ୍ରେମ ଜୀବନରେ ବାଧା ଆସିପାରେ ।

**କର୍କଟ:** ଘରେ ମାଙ୍ଗଳିକ କାର୍ଯ୍ୟ କରିବେ । ନୂତନ ଚାକିରି ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ପରିବାର ସହିତ ସମୟ ଅତିବାହିତ କରିବେ ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବେ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ବିଦେଶ ଭ୍ରମଣର ସୁଯୋଗ ମିଳିବ । ବନ୍ଧୁଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଆଇଟି କ୍ଷେତ୍ରରେ ନୂଆ ସୁଯୋଗ ମିଳିବ ।

**କନ୍ୟା:** ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ପାରିବାରିକ ସମସ୍ୟା ଦୂର ହେବ । ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ଦୂର ହେବ । ଅଫିସ୍‌ରେ ପଦୋନ୍ନତି ମିଳିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ତୁଟିବ । ପ୍ରେମ ଜୀବନରେ ତିକ୍ତତା ଆସିବ । ବ୍ୟବସାୟ ଲାଗି ନୂଆ ଯୋଜନା କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ ।

**ବିଛା:** କୌଣସି ଖୁସି ଖବର ମିଳିବ । ପରିବାର ସହ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ଭାବିଚିନ୍ତି ନିବେଶ କରିବେ ।

**ଧନୁ:** ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବେ ।

**ମକର:** ଜମି କିଣାବିକାକୁ ନେଇ ସମସ୍ୟା ଦେଖା ଦେବ । ବନ୍ଧୁ ସମସ୍ୟାରେ ପକାଇ ପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ଦିନଟି ଶୁଭଫଳ ପ୍ରଦାନ କରିବ । ପାରିବାରିକ ଜୀବନ ସୁଖମୟ ହେବ । ଆୟର ନୂତନ ମାର୍ଗ ଉନ୍ମୁକ୍ତ ହେବ । ଚାକିରି ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଚାକିରିରୁ ନେଇ ଚିନ୍ତାରେ ରହିବେ । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ ।

**ମହିଳା ବିଶ୍ୱକପ୍** | **ଲୌରା ୱଲ୍‌ଭାର୍ଟଙ୍କ ବିରାଟ ଶତକ**

# ଦକ୍ଷିଣ ଆଫ୍ରିକାର ବିଶାଳ ସ୍କୋର

ଗୌହାଟୀ, ୨୯।୧୦(ସମିସ):



ଲୌରା ୱଲଭାର୍ଟ
ରନ୍- ୧୬୯
ବଲ୍-୧୪୩
ଚୌକା- ୨୦
ଛକା- ୪

ଲୌରା ୱଲଭାର୍ଟଙ୍କ ଅଧିନାୟକୀୟ ଶତକ ବଳରେ ଏଠାରେ ଇଂଲଣ୍ଡ ସହ ଅନୁଷ୍ଠିତ ମହିଳା ବିଶ୍ୱକପ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୩୧୯ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଇନିଂସ ଓପନ କରିଥିବା ୱଲଭାର୍ଟ ସର୍ବାଧିକ ୧୬୯ ରନ୍ କରିଥିଲାବେଳେ ତାଜମିନ୍ ବ୍ରିଟସ ୪୫, ମାରିଜାନ କାପ୍ ୪୨ ଓ ଚୋଲେ ଟ୍ରାୟନ ଅପରାଜିତ ୩୩ ରନ କରି ଉପଯୋଗୀ ସହାୟତା ଯୋଗାଇଦେଇଛନ୍ତି। ଇଂଲଣ୍ଡ ପକ୍ଷରୁ ବାମହାତୀ ସ୍ପିନର ସୋଫି ଇକ୍ଲେଷ୍ଟନ ସର୍ବାଧିକ ୪ଟି ଓ ଫାଷ୍ଟ ବୋଲର ଲୌରେନ ବେଲ ୨ଟି ୱିକେଟ ନେଇଛନ୍ତି। ଜବାବରେ ୩୨୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧ ରନ୍‌ରେ ୩ ୱିକେଟ ହରାଇଥିବା ଇଂଲଣ୍ଡ ୨୪ ଓଭର ସୁଦ୍ଧା ୪ ୱିକେଟ ବିନିମୟରେ ୧୧୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଅଧିନାୟିକା ନାତାଲି ସିଭର-ବ୍ରଣ୍ଟ ୫୬ ଓ ୱାଏଟ୍-ହଜ୍ ୪ ରନ୍ କରି ଇଂଲଣ୍ଡର ସାହାରା ବନିଛନ୍ତି। ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍‌ରେ ବିଜୟୀ ହେଲେ ପ୍ରଥମଥର ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିବ। ଆସନ୍ତାକାଲି ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଉଭୟ ମ୍ୟାଚ୍‌ର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ନଭେମ୍ବର ୨ରେ ଖେଳାଯିବ।

ଏଠାରେ ଦକ୍ଷିଣ ଆଫ୍ରିକା ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଥମ ୱିକେଟରୁ ୧୩୪ ବଲ୍‌ରେ ୧୧୬ ରନ୍ ଉଠାଇଥିଲା। ଓପନର ତାଜମିନ୍ ବ୍ରିଟ୍‌ସଙ୍କୁ ବୋଲ୍ଡ ଆଉଟ କରି ସୋଫି ଇକ୍ଲେଷ୍ଟନ ଏହି ପାର୍ଟନରସିପ୍ ଭାଙ୍ଗିଦେଇଥିଲେ। ବ୍ରିଟସ ୬୫ ବଲ ଖେଳି ୪୫ ରନ୍ କରିଥିଲେ। ସମାନ ସ୍କୋରରେ ଆନେକ୍ ବୋଶରେ ମଧ୍ୟ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଏହି ସମୟରେ ଦଳ ୩ ରନ୍‌ରେ ୩ ୱିକେଟ ହରାଇଥିଲା। ଗୋଟିଏ ପଟେ ୱଲଭାର୍ଟ ଦୃଢ଼ତାର ସହ ବ୍ୟାଟିଂ କରି ପ୍ରଥମ ୱିକେଟରୁ ୧୧୬, ଚତୁର୍ଥ ୱିକେଟରେ ମାରିଜାନ କାପଙ୍କ ସହ ୬୬ ବଲରୁ ୭୨ ଏବଂ ୭ମ ୱିକେଟରୁ ୪୭ ବଲ୍‌ରେ ୮୯ ରନ୍ ଉଠାଇଥିଲେ। ତାଙ୍କର ଦମ୍‌ଦାର ବ୍ୟାଟିଂ ଯୋଗୁଁ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୩୧୯ ରନ୍ କରି ବିଶ୍ୱକପ୍ ନକ୍‌ଆଉଟରେ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ ଛକା ସହ ୧୬୯ ରନ୍ କରି ୭ମ ଖେଳାଳି ଭାବେ ଆଉଟ ହୋଇଥିଲେ।

# ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ସେମିଫାଇନାଲ୍ ଲଢ଼େଇ ଆଜି

ନଭି ମୁମ୍ବାଇ,୨୯।୧୦(ଏଜେନ୍ସି): ଭାରତରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ଆୟୋଜକ ଭାରତ ଓ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଏଠାରେ ଗୁରୁବାର ଖେଳାଯିବ। ଘରୋଇ ମାଟିରେ ଖେଳୁଥିବା ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିନାହିଁ। ଭଲ ଆରମ୍ଭ କରିବା ପରେ ଆୟୋଜକ ଭାରତ ହ୍ୟାଟ୍ରିକ୍ ପରାଜୟବରଣ କରି ପ୍ରତିଯୋଗିତାରେ ନିଜର ଦୁର୍ବଳତା ପ୍ରକାଶ କରିଥିଲା। କେବଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ବିଜୟୀ ହେବା ଓ ବର୍ଷା ସାହାଯ୍ୟରେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦଳର ମୁକାବିଲା ହେଉଛି ଅପରାଜେୟ ଅଷ୍ଟ୍ରେଲିଆ ସହ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଆଉ ଏକ ଟାଇଟଲ ଜିତିବା ଭଳି ଖେଳୁଛି। ବର୍ଷା ଯୋଗୁଁ ଗୋଟିଏ ବାତିଲ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ରନ୍ ଚେଜ୍ ହେଉ କିମ୍ବା ଡିଫେଣ୍ଡ ସବୁଥିରେ ଅଷ୍ଟ୍ରେଲୀୟମାନେ କଳା କୌଶଳ ଦେଖାଇ ବିଜୟକୁ ଏକ ଧାରାରେ ପକାଇଦେଇଛନ୍ତି। ଆସନ୍ତାକାଲି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହେଲେ କେହି ଆଶ୍ଚର୍ଯ୍ୟ ହେବେ ନାହିଁ, ବରଂ ଭାରତ ବିଜୟୀ ହେଲେ ଏହାକୁ ନେଇ ଢ଼େର ଚର୍ଚ୍ଚା ହେବ।

ଏହି ଚର୍ଚ୍ଚା କରିବାକୁ ହେଲେ ଶେଷ ବିଶ୍ୱକପ୍ ଖେଳୁଥିବା ହରମନପ୍ରୀତ୍ କୌରଙ୍କୁ ତାଙ୍କ ଖେଳରେ ଉନ୍ନତି ଆଣିବାକୁ ହେବ। ୨୦୧୭ ସେମିଫାଇନାଲରେ ହରମନପ୍ରୀତ୍‌ଙ୍କ ୧୭୧ ରନ୍ ଭାରତରେ ମହିଳା କ୍ରିକେଟର ଭାଗ୍ୟ ଖୋଲିଦେଇଥିଲା। ଏହି ଇନିଂସ ହିଁ ହରମନପ୍ରୀତ୍‌ଙ୍କୁ ଜଣେ ସାଧାରଣ ଖେଳାଳିରୁ ସୁପରଷ୍ଟାର ବନାଇଦେଇଥିଲା। ଏହା ପରେ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଖେଳାଯାଇଥିବା ମ୍ୟାଚ୍‌ରେ ହରମନପ୍ରୀତ୍‌ଙ୍କ ୱିକେଟ ହିଁ ଫଳାଫଳ ନିର୍ଣ୍ଣୟ କରିବାରେ ମୁଖ୍ୟ ଭୂମିକା ନେଇଆସିଛି। ଏହି ବିଶ୍ୱକପ୍‌ରେ ମଧ୍ୟ ହରମନପ୍ରୀତ୍‌ଙ୍କ ଇନିଂସ ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ କରିଥିଲେ। ଏବେ ସେ ଫର୍ମରେ ନାହାନ୍ତି। କିନ୍ତୁ ତାଙ୍କ ଉପରେ ହିଁ ଭାରତର ଅଷ୍ଟ୍ରେଲିଆ ବିଜୟ ନିର୍ଭର କରୁଛି।

**ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
ଆରମ୍ଭ : ଅପରାହ୍ଣ ୩ଟା
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ




■ ୧୯ ବର୍ଷରୁ କମ୍ ମହିଳା ଟି-୨୦

# ତୃତୀୟ ମୁକାବିଲାରେ ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର,୨୯।୧୦(ସମିସ): ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପଡୋଶୀ ଝାଡଖଣ୍ଡକୁ ୧୮ ରନ୍‌ରେ ପରାସ୍ତ କରି କ୍ରମାଗତ ପରାଜୟ ଧାରାକୁ ଭାଙ୍ଗିବାରେ ସମର୍ଥ ହୋଇଛି। ପୂର୍ବରୁ ଖେଳାଯାଇଥିବା ଦୁଇଟି ଲିଗ୍ ମ୍ୟାଚ୍ ମଧ୍ୟରୁ ଓଡ଼ିଶା ପ୍ରଥମେ ସୌରାଷ୍ଟ୍ରଠାରୁ ୨ ୱିକେଟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶଠାରୁ ୯ ୱିକେଟରେ ଦୟନୀୟ ଭାବେ ପରାଜିତ ହୋଇଥିଲା। କିନ୍ତୁ ତୃତୀୟ ମ୍ୟାଚ୍‌ରେ ଶ୍ରେୟା ପ୍ରିୟଦର୍ଶିନୀ ଓ ପ୍ରିୟଦର୍ଶିନୀ ପରମାଣିକଙ୍କ ସୁନ୍ଦର ବୋଲିଂ ସହାୟତାରେ ଓଡ଼ିଶା ପ୍ରଥମଥର ଏହି ଟୁର୍ଣ୍ଣାମେଣ୍ଟରେ ବିଜୟର ସ୍ୱାଦ ଚାଖିଛି।

ଭିଲାଇରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୧୯.୩ ଓଭରରେ ମାତ୍ର ୭୦ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆଞ୍ଚୋଲ ରାଜ ୨୪ ଓ ଅନନ୍ୟା ରାଉତ ୧୪ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ନେହା କୁମାରୀ ଓ ବ୍ରିଷ୍ଟି କୁମାର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଝାଡଖଣ୍ଡ ୧୬ ଓଭରରେ ମାତ୍ର ୫୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟା ପ୍ରିୟଦର୍ଶିନୀ ୧୭ ରନ୍‌ରେ ୪ଟି ଓ ପ୍ରିୟଦର୍ଶିନୀ ପରମାଣିକ ୧୨ ରନ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାକୁ ଏହି ଆବଶ୍ୟକ ବିଜୟ ଭେଟିଦେଇଥିଲେ।




ଶ୍ରେୟା ପ୍ରିୟଦର୍ଶିନୀ ଓ ପ୍ରିୟଦର୍ଶିନୀ ପରମାଣିକ

# ଚେସ୍ ବିଶ୍ୱକପ୍ କମିଟିର ସଦସ୍ୟ ହେଲେ ଦେବବ୍ରତ ଭଞ୍ଜ

ଭୁବନେଶ୍ୱର,୨୯।୧୦(ସମିସ): ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ) ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ଗୋଆରେ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଚେସ ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି। ଏହି ବିଶ୍ୱକପ୍ ଆୟୋଜନ କମିଟିର ଅନ୍ୟତମ ସଦସ୍ୟଭାବେ ଏଓସିଏ ପକ୍ଷରୁ ସମ୍ପାଦକ ଭଞ୍ଜଙ୍କୁ ମନୋନୀତ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ଏଆଇସିଏଫ୍‌ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଭଞ୍ଜଙ୍କ ସହ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ରୀତେଶ କୁମାର ରଥ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍‌ରେ ଭାରତରୁ ଗ୍ରାଣ୍ଡମାଷ୍ଟର ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ମହିଳା ବିଭାଗରେ ଦିବ୍ୟା ଦେଶମୁଖ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଚେସ ସମୁଦାୟ ଭାରତୀୟ ଖେଳାଳିଙ୍କ ସଫଳତା ଶୁଭକାମନା କରିଛନ୍ତି।



# ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ୍ ୩୧ରୁ

ଭୁବନେଶ୍ୱର,୨୯।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ ପ୍ରତିଯୋଗିତା ଆୟୋଜନ କରିବ। ଏହି ପ୍ରତିଯୋଗିତା ଗରାପୁରସ୍ଥିତ ସ୍ୱୟଂସିଦ୍ଧା ଶୀତତାପ ନିୟନ୍ତ୍ରିତ ହୋଟେଲ ପରିସରରେ ଅକ୍ଟୋବର ୩୧ରୁ ନଭେମ୍ବର ୩ ତାରିଖଯାଏ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୫୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ନଗଦ ୧୫,୦୦୦, ପ୍ରଥମ ରନର୍ସ ଅପ୍‌ଙ୍କୁ ଟ୍ରଫି ସହ ୧୦,୦୦୦ ଓ ଦ୍ୱିତୀୟ ରନର୍ସଅପ୍‌ଙ୍କୁ ଟ୍ରଫି ସହ ନଗଦ ୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରଥମ ୧୫ ଜଣ ଖେଳାଳିଙ୍କୁ ମଧ୍ୟ ସମାନୁପାତରେ ଅର୍ଥରାଶି ପ୍ରଦାନ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ସଭାପତି କିଶୋର ଚନ୍ଦ୍ର ପଣ୍ଡା ଜଣାଇଛନ୍ତି। ଏଥିରେ ଭାଗନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୫୦୦ ଟଙ୍କାର ଏଣ୍ଟ୍ରି ଫି ସହ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ସମ୍ପାଦକ ଭବେଶ ମହାନ୍ତି (ଫୋନ ନଂ- ୯୯୩୭୮୮୬୩୭୨) କିମ୍ବା କୋଷାଧ୍ୟକ୍ଷ ନାରାୟଣ ଦାସ (ମୋ-୯୯୩୭୪-୬୬୭୫୫)ଙ୍କୁ ଅକ୍ଟୋବର ୩୦ ତାରିଖ ସକାଳ ୧୦ଟା ସୁଦ୍ଧା ନାମ ପଞ୍ଜିକରଣ କରାଇନେବାକୁ ଅନୁରୋଧ କରାଯାଇଛି।

**ସିକେ ନାଇଡୁ ଟ୍ରଫି** | **ବର୍ଷାରେ ଓଡ଼ିଶା-ଆସାମ ମ୍ୟାଚ୍ ଡ୍ର**

କଟକ,୨୯।୧୦(ସମିସ): ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ସିକେ ନାଇଡୁ ଟ୍ରଫିର ଓଡ଼ିଶା ଏବଂ ଆସାମ ବିପକ୍ଷ ମ୍ୟାଚ୍‌ର ଅନ୍ତିମ ଦୁଇ ଦିନର ଖେଳ ବର୍ଷା ଧୋଇ ଦେଇଛି। ପ୍ରଥମପାଳି ଅସମାପ୍ତ ରହିବା ସତ୍ତ୍ୱେ ମ୍ୟାଚ୍‌କୁ ଡ୍ର ଘୋଷିତ କରାଯାଇଛି। ତେବେ ବୋଲିଂରେ ୪ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏହି ମ୍ୟାଚ୍‌ରୁ ମୋଟ ୬ ପଏଣ୍ଟ ହାସଲ କରିଛି। ଆସାମକୁ ୨ ପଏଣ୍ଟ ମିଳିଛି। ପ୍ରଥମ ୨ଟି ଲିଗ୍ ମ୍ୟାଚ୍‌ରୁ ୧୭ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। କଟକ ଏମଜିଏମ ଗ୍ରାଉଣ୍ଡରେ ଆସନ୍ତା ୨ ତାରିଖରୁ ବିଦର୍ଭ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ପ୍ରକାଶଥାଉକି, କିଟ୍‌ରେ ଆସାମ ପ୍ରଥମେ ବ୍ୟାଟିଂ କରି ୨୧୬ରନ ସଂଗ୍ରହ କରିଥିଲା। ଓଡ଼ିଶା ପ୍ରଥମ ପାଳିରେ ୩ ୱିକେଟ ହରାଇ ୧୬୯ ରନ କରିଥିଲା।

**ସବଜୁନିୟର ବାଳକ ଜାତୀୟ ଫୁଟବଲ**

# ମଣିପୁରଠାରୁ ହାରିଲା ଓଡ଼ିଶା

କଟକ,୨୯।୧୦(ସମିସ): ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୦-୬ ଗୋଲରେ ମଣିପୁର ଠାରୁ ପରାସ୍ତ ହୋଇଛି। ବିଜୟୀ ଦଳର ମିଡଫିଲ୍ଡର ସେଖ୍ ସାହିଲ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଚାମ୍ପିଅନସିପ୍‌ରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ପ୍ରଥମ ମ୍ୟାଚରେ ଦଳ ଶୋଚନୀୟ ଭାବେ ମିଜୋରାମ ଠାରୁ ହାରିଥିଲା। ୩୧ ତାରିଖରେ ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିହାରକୁ ଭେଟିବ।

# କାୟାକିଂ ଓ କାନୋଇଂ ମହିଳା ଲିଗ୍ ଉଦ୍‌ଯାପିତ




କଟକ,୨୯।୧୦(ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଖେଲୋ ଇଣ୍ଡିଆ କାୟାକିଂ ଓ କାନୋଇଂ ମହିଳା ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବୟସ ବର୍ଗର ମୋଟ ୯୦ ପ୍ରତିଯୋଗୀ ଭାଗ ନେଇଥିଲେ। କଟକ ମହାନଗର ନିଗମ ଡେପୁଟି ମେୟର ଦମୟନ୍ତୀ ମାଝୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବରିଷ୍ଠ ସଚିବ ଦୀପଙ୍କର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର ଉପସଚିବ ସ୍ମିତା ପାଢ଼ୀ, ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରର ଇନଚାର୍ଜ ତ୍ରୈଲୋକ୍ୟ ସାହୁ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଶିକ୍ଷକ ଜନସନ ସିଂହ, ରାଜକୁମାର ନିସାଦ, ନାଜିସ ମନୋସୋରୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

**କାନବେରାର ମାନୁକା ଓଭାଲରେ ପ୍ରବଳ ବର୍ଷା**

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି-୨୦ ବାତିଲ

କାନବେରା,୨୯।୧୦(ଏଜେନ୍ସି):




ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶୁବମନ ଗିଲ୍‌ଙ୍କ ବିସ୍ଫୋରକ ବ୍ୟାଟିଂ କରି ଫର୍ମକୁ ଫେରିବାକୁ ଉଦ୍ୟମ କରୁଥିବାବେଳେ ସେମାନଙ୍କ ଚେଷ୍ଟାର ବର୍ଷା ପ୍ରତିବନ୍ଧକ ସାଜିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରି ୯.୪ ଓଭରରେ ଅଭିଷେକ ଶର୍ମା (୧୪ବଲ୍‌ରେ ୧୯ରନ୍)ଙ୍କ ୱିକେଟ ହରାଇ ୯୭ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହି ସମୟରେ ସୂର୍ଯ୍ୟକୁମାର ଓ ଗିଲ ୩୫ ବଲରୁ ୬୨ ରନ୍ ଉଠାଇ ଦଳକୁ ଏକ ବଡ଼ ସ୍କୋ ଆଡକୁ ନେଇଯାଉଥିଲାବେଳେ ଅମ୍ପାୟାର ଏହି ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଯାହା ଫଳରେ ୨୦ ବଲ୍‌ରେ ୪ ଚୌକା ଓ ୧ ଛକା ସହ ୩୭ ଓ ୨୪ ବଲ୍‌ରେ ୩ ଚୌକା ଓ ୨ଛକା ସହ ୩୯ ରନ୍ କରି ଫର୍ମକୁ ଫେରିବାକୁ ଯେଉଁ ଚେଷ୍ଟା କରିଥିଲେ ତାହା ବର୍ଷା ଯୋଗୁ ଫସର ଫାଟିଯାଇଥିଲା। ଉଭୟ ଖେଳାଳି ସଟ୍ ପରେ ସଟ୍ ମାରି ଅଷ୍ଟ୍ରେଲିଆ ବୋଲରଙ୍କ ବିପକ୍ଷରେ ନୁହେଁ ବରଂ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖାଯାଇଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୩୧ ତାରିଖ ବା ଶୁକ୍ରବାର ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।

ଏହି ମ୍ୟାଚ୍ ପୂର୍ବରୁ ୨୦୨୫ରେ ଭାରତୀୟ ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୧୦ରୁ କମ୍ ଷ୍ଟ୍ରାଇକ୍‌ରେଟ୍‌ରେ ୧୦୦ ରନ୍ କରିଥିଲେ। ଆଜି ଏଠାରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍‌ଙ୍କୁ ସ୍କୋୟାର ଲେଗ୍‌ରେ ଯେପରି ଛକା ମାରିଥିଲେ, ସେଥିରୁ ତାଙ୍କୁ କାହିଁକି ବିଶ୍ୱର ଶ୍ରେଷ୍ଠ ବ୍ୟାଟର ବୋଲି ଅବିହିତ କରାଯାଉଛି ତାହାର ଝଲକ ଦେଖାଇଥିଲେ। ଏହି ସଟ୍‌ହିଁ ତାଙ୍କ ଆତ୍ମବିଶ୍ୱାସ ଫେରାଇଥିଲା ଓ ଏହା ପରେ ସେ ମାନୁକା ଓଭାଲର ବାଉନ୍ସି ପିଚ୍‌ରେ ଅତି ସହଜରେ ବଡ ସଟ ଏବଂ ବାଉଣ୍ଡାରୀ ମାରିବାକୁ ସାହସ କରିଥିଲେ। ୨୦ ରନ୍ ଯାଏ ତାଙ୍କ ବ୍ୟାଟ ଶାନ୍ତ ଥିଲା। କିନ୍ତୁ ନାଥାନ ଏଲିସ୍ ବୋଲିଂ କରିଥିବା ଇନିଂସର ୧୦ମ ଓଭରରେ ତାଙ୍କ ବ୍ୟାଟ କଥା କହିଥିଲା। ଏଲିସ୍‌ଙ୍କ ପ୍ରଥମ ବଲ୍‌କୁ ସ୍କୋୟାର କଟ୍, ଦ୍ୱିତୀୟ ବଲ୍‌କୁ ଅଫ-ଡ୍ରାଇଭ୍ ସଟ ମାରି ବାଉଣ୍ଡାରୀ ବାହାରକୁ ପଠାଇଥିଲେ। ୱାଇଡ ପରେ ତୃତୀୟ ବଲ୍‌କୁ ସେ ମିଡ୍ ୱିକେଟ ଅଞ୍ଚଳକୁ ପୁଲ କରି ଛକା ମାରିବା ପରେ ବର୍ଷା ପ୍ରବଳ ହୋଇଥିଲା। ଅନ୍ୟପଟେ ଗିଲ୍ ଉଭୟ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି କିଛି ଚମତ୍କାର ସଟ୍ ମାରିଥିଲେ। ବାମହାତୀ ସ୍ପିନର ମ୍ୟାଟ୍ କୁନେମାନଙ୍କୁ କାଓ କର୍ନରରେ ସ୍ୱିପ୍ କରି ଛକା ମାରିବା ପରେ ଭାରତର ରନ୍ ସଂଗ୍ରହ ହାର ଦ୍ରୁତଗତିରେ ବୃଦ୍ଧି ପାଇଥିଲା।

ଭାରତ ଖେଳିଥିବା ୯.୪ ଓଭରରେ ଦୁଇଥର ବର୍ଷା ଯୋଗୁ ଖେଳ ବାଧାପାଇଥିଲା। ପ୍ରଥମଥର ଖେଳ ବାଧା ପାଇବା ପରେ ମ୍ୟାଚ୍‌ର ଓଭର ସଂଖ୍ୟା ୨୦ରୁ ୧୮କୁ କମାଇଦିଆଯାଇଥିଲା। ଏହା ପରେ ଖେଳାଯାଇଥିବା ୪.୪ ଓଭରରେ ଭାରତ ୫୪ ରନ୍ ଉଠାଇଥିଲା। ବର୍ଷା ହୋଇଥିବାରୁ ବଲ ମଧ୍ୟ ଓଦା ହୋଇଯାଇଥିଲା। ଏହା ଫଳରେ ବୋଲିଂ କରିବା ଓ ଫିଲ୍ଡିଂ କରିବା ମଧ୍ୟ ଅଷ୍ଟ୍ରେଲୀୟଙ୍କ ଲାଗି କଷ୍ଟକର ହୋଇଥିଲା। ପୂର୍ବରୁ ଭାରତୀୟ ଓପନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂର ଆରମ୍ଭ କରିଥିଲେ। ଜାଭିୟର ବାର୍ଟଲେଟଙ୍କ ଗୋଟିଏ ଓଭରରେ ୩ଟି ବାଉଣ୍ଡାରୀ ମାରି ତାଙ୍କ ବ୍ୟାଟିଂ ଶୈଳୀ ଦେଖାଇଥିଲେ। କିନ୍ତୁ ଏହା ବେଶି ସମୟ ତିଷ୍ଠି ନ ଥିଲା। ଏହାର ପର ଓଭରରେ ଏଲିସ୍‌ଙ୍କ କ୍ରମାଗତ ସ୍ଲୋ ବଲ୍‌ରେ ଅଭିଷେକ ଫେଲ ମାରିଥିଲେ। ସେ ଖେଳିଥିବା ୧୪ତମ ବଲ୍‌କୁ ମିଡ୍ ଅଫ୍ ଦେଇ ବାହାରକୁ ମାରିବାକୁ ଯାଉଥିଲାବେଳେ ସେଠାରେ ଜଗିଥିବା ଲମ୍ବା ଫିଲ୍ଡର ଟିମ୍ ଡେଭିଡ୍‌ଙ୍କ ହାତକୁ କ୍ୟାଚ୍ ଚାଲିଯାଇଥିଲା। ୪ଟି ଚୌକା ସହ ସେ ୧୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ଟି-୨୦ରେ ଅଷ୍ଟ୍ରେଲୀୟ ବୋଲରଙ୍କୁ ଯେ ଭାରତୀୟ ବ୍ୟାଟର ବାଉନ୍ସି ପିଚ୍‌ରେ ଭୟ କରୁନାହାନ୍ତି, ତାହା ପ୍ରମାଣିତ କରିଥିଲେ। ମେଲବୋର୍ଣ୍ଣର ବିରାଟ ପଡ଼ିଆରେ ଭାରତୀୟ ବ୍ୟାଟରଙ୍କୁ ନିଜ ଲେଙ୍ଗ୍‌ଥ ସଜାଡିବାକୁ ହେବ।

## ପ୍ରଥମ ୩ଟି ମ୍ୟାଚ୍‌ରୁ ନୀତୀଶ ବାଦ୍

ବେକରେ ଯନ୍ତ୍ରଣା ହେବାରୁ ଭାରତୀୟ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ୩ଟି ଟି-୨୦ ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଅଷ୍ଟ୍ରେଲିଆ ସହ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ତାଙ୍କ ବାମପଟ ଗୋଡ ଖଞ୍ଜାରେ ଆଘାତ ଲାଗିଥିଲା। ଏହି ଆଘାତ ସମସ୍ୟାରୁ ମୁକୁଳିବା ପରେ ଏବେ ବେକରେ ଯନ୍ତ୍ରଣା ହେବା ଯୋଗୁ ନେଟ୍ ପ୍ରାକ୍ଟିସ କରି ପାରି ନ ଥିଲେ। ଏହା ପରେ ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ଏକ ସପ୍ତାହ ଲାଗି ବିଶ୍ରାମ ନେବାକୁ ପରାମର୍ଶ ଦେଇଛି। ଏହା ଫଳରେ ସେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ୩ଟି ଟି-୨୦ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ। ଚତୁର୍ଥ ଟି-୨୦ ନଭେମ୍ବର ୪ରେ ଖେଳାଯିବ। ଏହା ମଧ୍ୟରେ ସେ ସୁସ୍ଥ ହୋଇଯିବେ ବୋଲି ମେଡିକାଲ ଟିମ୍ ଆଶା ରଖିଛି। ସେ ଆହତ ହେବାରୁ ଶିବମ ଦୁବେଙ୍କୁ ଭାରତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ସାମିଲ କରିଥିଲା। ବ୍ୟାଟିଂରେ କିଛିଟା ପ୍ରଦର୍ଶନ କରୁଥିବା ହର୍ଷିତ ରାଣାଙ୍କୁ ପ୍ରମୁଖ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କ ସ୍ଥାନରେ ପ୍ରଥମ ମ୍ୟାଚ୍‌ରେ ସୁଯୋଗ ଦିଆଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS